ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୨/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, April 22/2022 | Page 14 | ₹ 7.00 | ★★★★★★
୪୮ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ପିସିଙ୍କ ଝିଅ ମାଲତି

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ତାଙ୍କ ଝିଅର ନାମ ମାଲତି ମାରୀ ଚୋପ୍ରା ଜୋନାସ ରଖିଛନ୍ତି।

୧୦

୧୪

## ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳରେ ଉନ୍ନତି

ଏସିଆନ ଗେମ୍ସ ପାଇଁ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳରେ ୧୪ ବର୍ଷୀୟା ଉନ୍ନତି ହୁଦାଙ୍କୁ ସ୍ଥାନ ମିଳିଛି।



# ଅହିଂସାର ପ୍ରବର୍ତ୍ତକ ଗାନ୍ଧିଜୀ ଅସାଧାରଣ



ସାବରମତି ଆଶ୍ରମରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଗୁରୁବାର ଅରଟରେ ସୂତା କାଟୁଛନ୍ତି।

## ସାବରମତିରେ ବ୍ରିଟେନ ପ୍ରଧାନମନ୍ତ୍ରୀ

**ଅହମଦାବାଦ,୨୧।୪**

ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଗୁରୁବାର ସକାଳେ ଅହମଦାବାଦରେ ଅବତରଣ କରିବା ପରେ ସାବରମତିସ୍ଥିତ ମହାତ୍ମା ଗାନ୍ଧୀଙ୍କ ଆଶ୍ରମକୁ ଯାଇଥିଲେ। ସେଠାରେ ସେ ଅରଟରେ ସୂତା କାଟିଥିଲେ। ବିଶ୍ୱରେ ପରିବର୍ତ୍ତନ ପାଇଁ ସତ୍ୟ ଓ ଅହିଂସା ନୀତିର ପ୍ରସାର କରାଇଥିବା ଗାନ୍ଧିଜୀ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ବୋଲି ବୋରିସ୍ କହିଛନ୍ତି। ସାବରମତି ଆଶ୍ରମରୁ ଗାନ୍ଧିଜୀ ବ୍ରିଟିଶ ଶାସନ ବିରୋଧରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥିଲେ। ଏହି ଆଶ୍ରମକୁ ଆସିବାରେ ବୋରିସ୍ ପ୍ରଥମ ବ୍ରିଟିଶ ପ୍ରଧାନମନ୍ତ୍ରୀ। ସେହିପରି ୧୯୪୭ ପରେ ଗୁଜରାଟ ଗସ୍ତରେ ଆସିବାରେ ମଧ୍ୟ ବୋରିସ୍ ପ୍ରଥମ ବ୍ରିଟିଶ ପ୍ରଧାନମନ୍ତ୍ରୀ। ମହାତ୍ମାଙ୍କ ପ୍ରଶଂସାରେ ବୋରିସ୍ ଭାବପ୍ରବଣ ହୋଇପଡ଼ିଥିଲେ। ସ୍ୱାଧୀନତା ସଂଗ୍ରାମ ବେଳେ ବ୍ରିଟିଶ ଶାସକ ଗୋଷ୍ଠୀ ଗାନ୍ଧିଜୀଙ୍କୁ ପ୍ରଶଂସା କରିବା ବିରଳ ଘଟଣା ଥିଲା। ଶୁକ୍ରବାର ବୋରିସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଉପରେ ଆଲୋଚନା କରିବେ। ଏହା ବ୍ୟତୀତ ବ୍ରିଟିଶ ପ୍ରଧାନମନ୍ତ୍ରୀ ବିଭିନ୍ନ ବାଣିଜ୍ୟିକ ରାଜିନାମା ସମ୍ପର୍କରେ ଘୋଷଣା କରିବେ ବୋଲି ଜଣାପଡ଼ିଛି।

# ରାଉରକେଲା ପ୍ରଦୂଷଣ ହକି ପାଇଁ ବାଧା

**ଭୁବନେଶ୍ୱର,୨୧।୪(ବ୍ୟୁରୋ)**



୨୦୨୩ ଜାନୁୟାରୀରେ ଓଡ଼ିଶାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଆଗରେ ପ୍ରଦୂଷଣ ବାଧକ ସାଜିଛି। ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍‌ର ସମସ୍ତ ମ୍ୟାଚ ଖେଳାଯିବ। ଏଥିରେ ୧୬ଟି ଦେଶ ଭାଗ ନେବାକୁ ଯାଉଛନ୍ତି। ଏଥିପାଇଁ ସରକାର ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ରାଉରକେଲାରେ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ମଧ୍ୟ ଜୋରସୋରରେ ଆଗେଇ ଚାଲିଛି। ତେବେ ଆଇଆଇଟି ଭୁବନେଶ୍ୱର ଏବଂ ପୁଣେସ୍ଥିତ ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଆର୍‌ଏଆଇ)ର ରାଉରକେଲାର ବାୟୁ ପ୍ରଦୂଷଣ ଅଧ୍ୟୟନ ରିପୋର୍ଟ ଚିନ୍ତାଜନକ ବୋଲି କୁହାଯାଉଛି। ସହରରେ ବାୟୁର ମାନ ଅତି ଖରାପ ସ୍ତରରେ ଥିବାରୁ ତାହା ବିଦେଶୀ ଖେଳାଳିଙ୍କ ଦକ୍ଷତାକୁ ପ୍ରଭାବ ପକାଇପାରେ।

ଓଡ଼ିଶାର ୭ ଅତି ପ୍ରଦୂଷିତ ସହର ତାଲିକାରେ ରାଉରକେଲା ରହିଛି, ଯାହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ମଧ୍ୟ ଚିନ୍ତାପ୍ରକଟ କରିଛନ୍ତି। ନ୍ୟାଶନାଲ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡ ଅନୁଯାୟୀ ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଶୂନରୁ ୫୦ ମଧ୍ୟରେ ରହିଲେ ତାହା ସ୍ୱାସ୍ଥ୍ୟ ଉପଯୋଗୀ ହୋଇଥାଏ। ତେବେ ରାଉରକେଲାରେ ଏକ୍ୟୁଆଇ ଏବେ ୧୩୦ରୁ ୧୫୦ ମଧ୍ୟରେ ରହୁଛି। ଗତ ମାର୍ଚ୍ଚ ୩୦ରେ ରାଉରକେଲା ବନଖଣ୍ଡର ଦୁର୍ଗାପୁର ଜଙ୍ଗଲରେ ନିଆଁ ଲାଗିଥିଲା। ଫଳରେ ସମଗ୍ର ରାଉରକେଲା ଧୂଆଁମୟ ହୋଇଯାଇଥିଲା। ସେତେବେଳେ ସହରର ଏକ୍ୟୁଆଇ ୨୦୦କୁ ଟପି ଯାଇଥିଲା। କେବଳ ସେତିକି ନୁହେଁ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଶିଳ୍ପାନୁଷ୍ଠାନରୁ ବାହାରୁଥିବା ଧୂଆଁ, ଜଙ୍ଗଲ ନିଆଁ, ରାସ୍ତାଘାଟ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନାରେ ଅବ୍ୟବସ୍ଥା ବିଶ୍ୱକପ୍ ପାଇଁ ସମସ୍ୟା ହୋଇ ଛିଡ଼ା ହୋଇଛି। ଶିଳ୍ପଗୁଡ଼ିକର ବର୍ଜ୍ୟବସ୍ତୁକୁ ଠିକ୍ ଢଙ୍ଗରେ ପରିଚାଳନା କରାଯାଉ ନ ଥିବାରୁ ସହର ପ୍ରଦୂଷଣ ବିପଜ୍ଜନକ ସ୍ଥିତିରେ ରହୁଛି। ବିଶ୍ୱକପ୍ ପୂର୍ବରୁ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବା ସକାଶେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି), ରାଉରକେଲା ମ୍ୟୁନିସିପାଲିଟି କମିଶନର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୧୫୫.୯୨ କୋଟିରେ ହେବ ୩ କ୍ୟାନ୍ସର ୟୁନିଟ୍

**ଭୁବନେଶ୍ୱର,୨୧।୪:** ଓଡ଼ିଶାର ୩ ମେଡିକାଲ କଲେଜରେ ନୂଆ କ୍ୟାନ୍ସର କେୟାର ସେଣ୍ଟର ଖୋଲିବା ପାଇଁ ଗୁରୁବାର ରାଜ୍ୟ ସରକାର ୧୫୫.୯୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କ୍ୟାନ୍ସର କେୟାର ସେଣ୍ଟର ସ୍ଥାପନ ଲାଗି ୭୬.୨୯ କୋଟି ଟଙ୍କା ବ୍ୟୟ ହେବ। ଏଥିପାଇଁ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ସମେତ ଏକ ଜି+୩ ବିଲ୍ଡିଂ ନିର୍ମାଣ କରାଯିବ। ସେହିପରି କୋରାପୁଟର ଏସ୍‌ଏଲ୍‌ଏନ୍ ମେଡିକାଲ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ମିଥେନ ହ୍ରାସ ପ୍ରତିବଦ୍ଧତା




# ପରକୀୟା ପ୍ରୀତି: ସ୍ୱାମୀଙ୍କୁ ହତ୍ୟା ପାଇଁ ସୁପାରି

**ଇଞ୍ଜିନିୟର ସ୍ୱାମୀଙ୍କ ବଦଳି ପରେ ସ୍ତ୍ରୀଙ୍କୁ ନେବାଆଣିବା କରିବା ଭିତରେ ତାଙ୍କ ସହ ଡ୍ରାଇଭରଙ୍କ ଗଢ଼ିଉଠେ ପ୍ରେମ ସମ୍ପର୍କ। ସ୍ୱାମୀଙ୍କ ବାରଣ ସତ୍ତ୍ୱେ ଚାଲେ ମିଳାମିଶା। ଏହାକୁ ନେଇ ଦାମ୍ପତ୍ୟ ଜୀବନରେ ଉଠେ ଝଡ଼। ସ୍ତ୍ରୀ ମହିଳା ଥାନାରେ ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣନ୍ତି। କିଛିଦିନ ପରେ ପ୍ରେମିକ ଡ୍ରାଇଭରଙ୍କ ସହ ସେ ଫେରାର ହୁଅନ୍ତି। ଉଭୟେ ଅନ୍ୟତ୍ର ରୁହନ୍ତି। ସ୍ୱାମୀ କଣ୍ଟା ସାଜିବାରୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ସୁପାରି ଦିଅନ୍ତି। ଦୁଇ ଦୁଇ ଥର ମରଣାନ୍ତକ ଆକ୍ରମଣ ସତ୍ତ୍ୱେ ବର୍ତ୍ତିଯାଇଥିବା ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ଡ୍ରାଇଭରଙ୍କୁ ଗିରଫ କରି ସୁପାରି କିଲିଂ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି ପୋଲିସ। ହେଲେ ମହିଳାଙ୍କୁ ଏଯାଏ ଧରିପାରିନି।**

## ଇଞ୍ଜିନିୟରଙ୍କୁ ୨ ଥର କରିଥିଲେ ହତ୍ୟା ଉଦ୍ୟମ



ଅଶୋକ କୁମାର ସାହୁ

### ସ୍ତ୍ରୀ ଫେରାର, ପ୍ରେମିକ ଡ୍ରାଇଭର ଗିରଫ

**ଭୁବନେଶ୍ୱର, ୨୧।୪(ବ୍ୟୁରୋ)**

ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଜଣେ ଇଞ୍ଜିନିୟରଙ୍କୁ ରାସ୍ତାରୁ ସଫା କରିବା ପାଇଁ ତାଙ୍କ ସ୍ତ୍ରୀ ସୁପାରି ଦେଇଥିଲେ। ପ୍ରେମିକ ଡ୍ରାଇଭର ଓ ସୁପାରି କିଲରଙ୍କ ସହାୟତାରେ ଦୁଇଥର ହତ୍ୟା ଉଦ୍ୟମ ମଧ୍ୟ କରିଥିଲେ। ଏନେଇ ସମ୍ପୃକ୍ତ ଇଞ୍ଜିନିୟର ଦୁଇଟି ଥାନାରେ ଅଭିଯୋଗ କରିବା ପରେ ଗୁରୁବାର ମଞ୍ଚେଶ୍ୱର ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ଅନୁଗୋଳ ଜିଲା ତାଳଚେର ଥାନା ହାଟତୋଟା ଅଞ୍ଚଳର ଅଶୋକ କୁମାର ସାହୁ(୩୦)। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦାସ୍ଥିତ ଧଉଳିହେରିଟେଜ୍‌ଆପାର୍ଟମେଣ୍ଟରେ ରହୁଥିବା ଅଶୋକଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

କମିଶନରେଟ ପୋଲିସ ଏକ ପ୍ରେସ୍ ବିବୃତି ଜାରି କରିଛି। ପୋଲିସ ସୂଚନାନୁସାରେ, ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପୂର୍ବତଟ ରେଳପଥରେ ସିନିଅର୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଅଛନ୍ତି। ସେ ସ୍ତ୍ରୀ ଓ ପୁଅଙ୍କ ସହ ମଞ୍ଚେଶ୍ୱରରେ ରହୁଥିଲେ। ୩ ବର୍ଷ ତଳେ ଅଶୋକ ତାଙ୍କର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଇଞ୍ଜିନିୟରଙ୍କର ପୁରୀକୁ ବଦଳି ହୋଇଯାଇଥିଲା। ଅଶୋକ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ଗାଡ଼ିରେ ନେବାଆଣିବା କରୁଥିଲେ। ଏହା ଭିତରେ ସ୍ତ୍ରୀ ସିଲ୍‌ସିଲାଙ୍କ ସହ ଅଶୋକଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସ୍ୱାମୀ ଏହି ବିଷୟ ଜାଣିବା ପରେ ସେମାନଙ୍କ ମଧ୍ୟରେ ପାରିବାରିକ କଳହ ଆରମ୍ଭ ହୋଇଥିଲା। ସ୍ୱାମୀଙ୍କ ବାରଣ ସତ୍ତ୍ୱେ ସ୍ତ୍ରୀ ସିଲ୍‌ସିଲା ପ୍ରେମିକ ଅଶୋକଙ୍କ ସହ ମିଳାମିଶା କରିଥିଲେ। ଏପରି କି ମହିଳା ଥାନାରେ ଇଞ୍ଜିନିୟର ସ୍ୱାମୀଙ୍କ ନାଁରେ ସିଲ୍‌ସିଲା ନିର୍ଯାତନା ଅଭିଯୋଗ କରିଥିଲେ। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ☞ପୃଷ୍ଠା-୪

# ମୋଡ଼ ବଦଳାଇଲେ ରୋଷେୟାଙ୍କ ବାପା

**ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ରୋଷେୟା ଲଳିତ କୁମାର ସାହୁ(୨୨)ଙ୍କ ମୃତ୍ୟୁକୁ ନେଇ ଏବେ ସବୁଠି ଚର୍ଚ୍ଚା। ତାଙ୍କୁ ହତ୍ୟା କରାଯାଇଥିବା ଭାଜପା ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଛି। ଏଭଳିସ୍ଥଳେ ଲଳିତଙ୍କ ବାପା ବେଲାର୍ସନ ସାହୁ ଓ ବଡ଼ଭାଇ ବିରଞ୍ଚି ସାହୁ ଗୁରୁବାର ଘଟଣାରେ ନୂଆମୋଡ଼ ଆଣିଛନ୍ତି। ଲଳିତ ଆତ୍ମହତ୍ୟା କରିଥିବା ସେମାନେ ଦର୍ଶାଇବା ସହ ତାଙ୍କ ମୃତ୍ୟୁକୁ ନେଇ ଭାଜପା ରାଜନୀତି କରୁଛି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ଦାସ ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ଚଳାଇଥିବା ଭାଜପା ଅଭିଯୋଗ କରି ସିବିଆଇ ତଦନ୍ତ ଦାବି କରିଛି।**

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଷ୍ଟାଫ୍ କ୍ୱାର୍ଟର୍ସରେ ରୋଷେୟାଙ୍କ ମୃତ୍ୟୁ ଘଟଣା

- ■ ପୁଅ ଆତ୍ମହତ୍ୟା କରିଛି, ଭାଜପା ରାଜନୀତି କରୁଛି: ବେଲାର୍ସନ
- ■ ସିବିଆଇ ତଦନ୍ତ କରାଯାଉ: ଭାଜପା

**ଝାରସୁଗୁଡ଼ା ଅଫିସ,୨୧।୪**



ଲଳିତ କୁମାର ସାହୁ

ଲଳିତଙ୍କ ମୃତ୍ୟୁର ୫ଦିନ ପରେ ଗୁରୁବାର ତାଙ୍କ ବାପା ବେର୍ଲାସନ ସାହୁ ଏବଂ ବଡ଼ଭାଇ ବିରଞ୍ଚି ସାହୁ ଝାରସୁଗୁଡ଼ା ଟାଉନ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ଲଳିତ କର୍ମସଂସ୍ଥାନ ନ ପାଇ ବେକାର ହୋଇ ଘରେ ରହିଥିଲେ। ଚାକିରି ଅନ୍ୱେଷଣରେ ଆସି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘରେ ରୋଷେୟା ଭାବେ କାମ କରୁଥିଲେ। ସେ କୌଣସି କାରଣରୁ ମାନସିକ ଚାପରେ ରହୁଥିବାବେଳେ ଗତ ରବିବାର ରାତିରେ ଆତ୍ମହତ୍ୟା କରିଥିଲେ। ଖବରପାଇ ବଡ଼ପୁଅ ବିରଞ୍ଚି ଝାରସୁଗୁଡାରେ ପହଞ୍ଚି ଭାଇଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ଓ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ନିୟମ ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ହେବା ପରେ ସତ୍କାର ପାଇଁ ନିଜ ଗ୍ରାମ ଢେଙ୍କାନାଳ ଜିଲା ନୂଆପଡ଼ା ନିଆଯାଇଥିଲା। ସେଠାରେ ଆତ୍ମୀୟଙ୍କ ଗହଣରେ ସତ୍କାର କରାଯାଇଥିଲା। ଭାଜପା ନେତୃବୃନ୍ଦ ରାଜନୈତିକ ଫାଇଦା ଉଠାଇବା ପାଇଁ ଏହାକୁ ହତ୍ୟାକାଣ୍ଡର ରୂପ ଦେଉଛନ୍ତି। ଏଥିରେ ଆମ ପରିବାର ଲୋକେ ମାନସିକ ଚାପରେ ରହୁଛନ୍ତି। ଭାଜପା ନେତାମାନେ ଅଯଥାରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ବିରୋଧରେ ଅଭିଯୋଗ ଆଣି ବଦନାମ କରୁଛନ୍ତି। ଭାଜପା ନେତୃବୃନ୍ଦ ଯଦି ଏଭଳି ଚାପ ସୃଷ୍ଟି କରିବେ ଆଗାମୀ ଦିନରେ ପରିବାରର କେହି ପୁଣି ଆତ୍ମହତ୍ୟା କଲେ ସେମାନେ ଦାୟୀ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ଏ ନେଇ ଝାରସୁଗୁଡ଼ା ଟାଉନ ଥାନାରେ ଏକ ଷ୍ଟେଶନ ଡାଏରି ହୋଇଛି।

ଅନ୍ୟପକ୍ଷରେ ଝାରସୁଗୁଡ଼ା ଜିଲା ଭାଜପା ତରଫରୁ ଅଭିଯୋଗ କରାଯାଇଛି ଯେ ପୋଲିସ ଲଳିତଙ୍କ ମୃତ୍ୟୁର ତଦନ୍ତ ଠିକ୍‌ରେ କରୁନାହିଁ। ଘଟଣାକୁ ଚାପି ଦିଆଯିବାକୁ ☞ପୃଷ୍ଠା-୪



## ସଂକ୍ଷେପରେ

### ଆମେରିକା କଂଗ୍ରେସ ସଦସ୍ୟାଙ୍କ ପିଓକେ ଗସ୍ତକୁ ଭାରତର ନିନ୍ଦା

**ନୂଆଦିଲ୍ଲୀ,୨୧।୪:** ଆମେରିକା କଂଗ୍ରେସ ସଦସ୍ୟ ଇଲହାନ ଓମାର ପାକ୍ ଅଧିକୃତ କଶ୍ମୀର (ପିଓକେ) ଗସ୍ତରେ ଆସିଥିବାରୁ ଭାରତ ଏହାକୁ ନିନ୍ଦା କରିଛି। ଏହାର ସଙ୍କୀର୍ଣ୍ଣମନା ରାଜନୀତି ବୋଲି ନୂଆଦିଲ୍ଲୀ କହିଛି। ଓମାର ୪ ଦିନିଆ ପାକିସ୍ତାନ ଗସ୍ତରେ ଆସିଥିବାବେଳେ ପିଓକେ ଯିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କଂଗ୍ରେସ ସଦସ୍ୟାଙ୍କ ପିଓକେ ଗସ୍ତକୁ ସମାଲୋଚନା କରିଛନ୍ତି। ଭାରତୀୟ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ଏକ ଅଂଶକୁ ପାକିସ୍ତାନ ବେଆଇନ ଭାବେ ନିଜ ଦଖଲରେ ରଖିଛି। ଏହା ଓମାର ମନେ ରଖିବା ଉଚିତ ବୋଲି ବାଗ୍‌ଚି କହିଛନ୍ତି। ଏଭଳି ଅଞ୍ଚଳକୁ ଗସ୍ତରେ ଆସିବା ଦ୍ୱାରା ଆମ ଆଞ୍ଚଳିକ ସଂହତି ଓ ସାର୍ବଭୌମତ୍ୱ ଉଲ୍ଲଂଘନ ହୋଇଥିବାରୁ ଏହା ନିନ୍ଦନୀୟ ବୋଲି ବହିର୍ବ୍ୟାପାର ସଚିବ କହିଛନ୍ତି।

### ସୋନିଆଙ୍କୁ ଭେଟିଲେ ସଚିନ ପାଇଲଟ

**ନୂଆଦିଲ୍ଲୀ,୨୧।୪:** ଆସନ୍ତା ବର୍ଷ ରାଜସ୍ଥାନ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ନେତା ସଚିନ ପାଇଲଟ ଗୁରୁବାର ଦଳର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ବିଭିନ୍ନ ରାଜ୍ୟରେ କଂଗ୍ରେସ ପରାଜିତ ହେଉଥିବାରୁ ଏହି ଧାରାକୁ ଭାଙ୍ଗି କିପରି ରାଜସ୍ଥାନରେ ପୁନର୍ବାର ଦଳ କ୍ଷମତାକୁ ଆସିବ ସେ ନେଇ ଆଲୋଚନା ହୋଇଥିବା ସଚିନ କହିଛନ୍ତି। ଦଳରେ ସଚିନଙ୍କ ଭବିଷ୍ୟତ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ସେ ରାଜସ୍ଥାନ କଂଗ୍ରେସ ସଭାପତି ଏବଂ ଉପମୁଖ୍ୟମନ୍ତ୍ରୀ ଥିଲେ। ୨୦୨୦ରେ ଦଳରେ ବିଦ୍ରୋହ ପାଇଁ ତାଙ୍କୁ ଉଭୟ ପଦବୀ ହରାଇବାକୁ ପଡ଼ିଥିଲା। ରାଜ୍ୟ ମୁଖ୍ୟମନ୍ତ୍ରୀ ପଦ ବଦଳରେ ଜାତୀୟ ସ୍ତରରେ କୌଣସି ଦାୟିତ୍ୱ ଦିଆଗଲେ ଗ୍ରହଣ କରିବେ କି ବୋଲି ପ୍ରଶ୍ନରେ ସେ କହିଛନ୍ତି, ନିଜ ରାଜ୍ୟକୁ ସେ ନିଶ୍ଚୟ ଗୁରୁତ୍ୱ ଦେବେ। ତେବେ ଯେକୌଣସି ଦାୟିତ୍ୱ ଦିଆଗଲେ ସେ ତାହା ତୁଲାଇବେ ବୋଲି ସ୍ପଷ୍ଟ କରିଛନ୍ତି।

### ମସ୍‌ଜିଦ୍‌ରେ ବିସ୍ଫୋରଣ: ୧୬ ମୃତ

**କାବୁଲ, ୨୧।୪:** ଅଫଗାନିସ୍ତାନର ମଜର-ଇ-ଶରିଫ୍ ସହରରେ ଥିବା ଏକ ଶିଆ ମସ୍‌ଜିଦ୍ ଏବଂ କୁନ୍ଦୁଜରେ ଗୁରୁବାର ବିସ୍ଫୋରଣ ଘଟି ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୭୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ ଇସ୍‌ଲାମିକ୍ ଷ୍ଟେଟ୍ ନିଜକୁ ଦାୟୀ କରିଛି। ଗତ ଅଗଷ୍ଟରେ ଆଫଗାନିସ୍ତାନକୁ ତାଲିବାନ୍ କବ୍‌ଜା କରିବା ପରଠାରୁ ସେଠାରେ ବୋମା ବିସ୍ଫୋରଣ ଘଟଣା ବଢ଼ି ଚାଲିଛି। ବିଶେଷ କରି ଶିଆ ହାଜାରା ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଛି। ମଙ୍ଗଳବାର ଏକ ସ୍କୁଲରେ ବିସ୍ଫୋରଣ ଘଟି ୬ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଭାଲୁ ଆକ୍ରମଣରେ ୨ ଚାଷୀ ମୃତ

**ରାଞ୍ଚି, ୨୧।୪:** ଭାଲୁ ଆକ୍ରମଣରେ ଝାଡ଼ଖଣ୍ଡର ଗୁମଲା ଜିଲ ଆମ୍ବେରା ନେଗେସିଆ ଟୋଲି ଗ୍ରାମରେ ଗୁରୁବାର ୨ କୃଷକଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ଗୁରୁତରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସମସ୍ତ ମୃତାହତ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସକାଳ ପ୍ରାୟ ୬ଟାରେ ସେମାନେ ଘର ପାଖ ଜମିକୁ ଯାଇଥିବାବେଳେ ଏକ ଭାଲୁ ଆକ୍ରମଣ କରିଥିଲା। ଡାକ୍ତରଖାନା ଯିବା ବାଟରେ ଲଳିତ ଓ ଚିକିତ୍ସାଧୀନ ଅବସ୍ଥାରେ ସୁବାସଙ୍କ ମୃତ୍ୟୁ ଘଟିଛି। ଚାଷୀ ମଙ୍ଗଳେଶ୍ୱରଙ୍କ ଅବସ୍ଥା ଗୁରୁତର ରହିଛି।

### ଟ୍ରମ୍ପଙ୍କୁ ବୋକା କହିଲେ ମୋରଗାନ

**ୱାଶିଂଟନ,୨୧।୪:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ନିକଟରେ ବ୍ରିଟିଶ ଟେଲିଭିଜନ ପକ୍ଷରୁ ଆୟୋଜିତ ଏକ ସାକ୍ଷାତ୍‌କାରରେ ଯୋଗଦେବା ଅବସରରେ ଉପସ୍ଥାପକ ମୋରଗାନଙ୍କ ପ୍ରଶ୍ନରେ ରାଗି ଯାଇ ଟ୍ରମ୍ପ୍ ଅଧାରୁ ଉଠିଆସିଥିବା ଦେଖିବାକୁ ମିଳିଛି।



ମୋରଗାନ ଏହି ଶର୍ଟ କ୍ଲିପ୍‌କୁ ବୁଧବାର ଟୁଇଟରରେ ଶେୟାର କରିଥିଲେ। କାର୍ଯ୍ୟକ୍ରମ ରେକର୍ଡିଂ ଆରମ୍ଭରୁ ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ବିଜ୍ଞାପନ ବିରତି ପରେ ଆଲୋଚନା ଆଗକୁ ବଢ଼ିଥିଲା। ମୋରଗାନ କହିଥିଲେ, ରାଷ୍ଟ୍ରପତି ନିର୍ବାଚନ ନିରପେକ୍ଷ ଥିଲା। ବୋକା ବ୍ୟକ୍ତି ହିଁ ନିର୍ବାଚନ ହାରିଥିବା ସେ କହିଥିଲେ। ଟ୍ରମ୍ପ୍ ଉତ୍‌କ୍ଷିପ୍ତ ହୋଇ ଶୋ' ଛାଡ଼ି ପଳାଇ ଆସିଥିବା ଦେଖିବାକୁ ମିଳିଥିଲା।



ମାରିଉପୋଲସ୍ଥିତ ଏକ ଷ୍ଟିଲ୍ ପ୍ଲାଣ୍ଟରେ ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀମାନେ ଜାଳି ଦେଇଥିବା ଶତାଧିକ କାର୍।

# ରୁଷିଆ ଦଖଲରେ ମାରିଉପୋଲ

### ସୈନ୍ୟଙ୍କୁ ପ୍ରଶଂସା କଲେ ପୁଟିନ୍

**ମସ୍କୋ/କିଭ୍, ୨୧।୪**

ପ୍ରାୟ ଦୁଇ ମାସ ଧରି ୟୁକ୍ରେନ୍‌ରେ ରୁଷିଆ ଧ୍ୱଂସଲୀଳା ରଚି ଏକାଧିକ ସହର କବ୍‌ଜା କରିସାରିଛି। ଏବେ ରଣନୈତିକ ଦୃଷ୍ଟିରୁ ୟୁକ୍ରେନ୍ ପାଇଁ ବେଶ୍ ଗୁରୁତ୍ୱ ରଖୁଥିବା ବନ୍ଦର ସହର ମାରିଉପୋଲକୁ ରୁଷିଆ ଦଖଲ କରି ନେଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମାରିଉପୋଲକୁ 'ମୁକ୍ତ' ଘୋଷଣା କରିବା ସହ ନିଜ ସୈନ୍ୟଙ୍କୁ ପ୍ରଶଂସା କରିଛନ୍ତି। ମସ୍କୋ ସୈନ୍ୟଙ୍କୁ ଅଭିନନ୍ଦନ ବାର୍ତ୍ତା ଦେବାକୁ ସେ ପ୍ରତିରକ୍ଷା ମନ୍ତ୍ରୀ ସେରଗି ଶୋଇଗୁଙ୍କୁ କହିଛନ୍ତି। ତେବେ ମାରିଉପୋଲରେ ଥିବା ଶିଳ୍ପାଞ୍ଚଳରେ ଥିବା ଆଜୋଭଷ୍ଟଲ ଷ୍ଟିଲ୍ ପ୍ଲାଣ୍ଟରେ ଆକ୍ରମଣ ନ କରିବାକୁ ପୁଟିନ୍ ନିର୍ଦ୍ଦେଶ ଦେଇଛନ୍ତି। ଏହା ବଦଳରେ ଶିଳ୍ପାଞ୍ଚଳ ଚାରିପାଖକୁ ଘେରି ରହି ଭିତରକୁ କାହାରିକୁ ପ୍ରବେଶ କରିବାକୁ ନ ଦେବାକୁ ସେ ନିଜ ସୈନ୍ୟଙ୍କୁ କହିଛନ୍ତି। ମାରିଉପୋଲରେ ୟୁକ୍ରେନ୍ ସୈନ୍ୟଙ୍କୁ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବାକୁ ରୁଷିଆ କହିବାର କିଛି ଦିନ ପରେ ଆଜୋଭ୍‌ଷ୍ଟଲ ଷ୍ଟିଲ୍ ପ୍ଲାଣ୍ଟ ଉପରେ ଆକ୍ରମଣ ନ କରିବାକୁ ପୁଟିନ୍ ନିର୍ଦ୍ଦେଶ ଦେଇଛନ୍ତି।

ତେବେ ରୁଷିଆର ଏହି ଦାବିକୁ ୟୁକ୍ରେନ୍ ପ୍ରତ୍ୟାଖ୍ୟାନ କରିଛି। ମସ୍କୋର ସୈନ୍ୟ ଅଭାବ ଥିବା ଏବଂ କିଭ୍‌କୁ ହରାଇବାକୁ ରୁଷିଆର ସାମର୍ଥ୍ୟ ନ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପରାମର୍ଶଦାତା ଓଲେକ୍ସି ଆରେସ୍ଟୋଭିଚ କହିଛନ୍ତି। ସେମାନେ ଆଜୋଭଷ୍ଟଲ୍‌କୁ କବ୍‌ଜା କରିପାରିବେନି ବୋଲି ରୁଷିଆ ବୁଝିସାରିଛି। ୟୁକ୍ରେନ୍ ସୈନ୍ୟ ତାହାକୁ କ୍ରମାଗତ ଭାବେ ସୁରକ୍ଷା ଯୋଗାଉଥିବା ସେ ପ୍ରକାଶ କରିଛନ୍ତି। ୪ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟାର ସହର ମାରିଉପୋଲ ରୁଷିଆ ଆକ୍ରମଣରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। କେବଳ ମାରିଉପୋଲରେ ୪ ହଜାର ୟୁକ୍ରେନ୍ ସୈନ୍ୟ ନିହତ ହୋଇଥିବା ଏବଂ ୧,୪୭୮ ଜଣ ଆତ୍ମସମର୍ପଣ କରିଥିବା ରୁଷିଆ ଦାବି କରିଛି। ଅନ୍ୟପକ୍ଷରେ ରୁଷିଆ ସହ ଲଢ଼ିବା ପାଇଁ ୟୁକ୍ରେନ୍‌କୁ ଆମେରିକା ଅତିରିକ୍ତ ୮୦୦ ମିଲିୟନ ଡଲାରର ସାମରିକ ସହାୟତା ଘୋଷଣା କରିଛି।

## କମଲା ହାରିସ୍‌ଙ୍କୁ ରୁଷିଆ ମନା



ୟୁକ୍ରେନ୍ ଆକ୍ରମଣ ପରଠାରୁ ରୁଷିଆ ଓ ଆମେରିକା ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମସ୍କୋ ଉପରେ ଗୋଟିଏ ପରେ ଗୋଟିଏ କଠୋର କଟକଣା ଲଗାଇ କୂଟନୀତିଜ୍ଞମାନଙ୍କୁ ବହିଷ୍କାର କରୁଥିବାବେଳେ ରୁଷିଆ ଟାଣପଣ ଦେଖାଇଛି। ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ସହ ଅନ୍ୟ ୨୮ ଅଧିକାରୀ, ବିଜ୍‌ନେସପର୍ସନ ଓ ସାମ୍ବାଦିକଙ୍କ ରୁଷିଆ ଗସ୍ତ ଉପରେ ବ୍ୟାନ୍ ଲଗାଇଛି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟର ବ୍ୟାନ୍ ଲିଷ୍ଟରେ ଫେସ୍‌ବୁକ୍ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ, ଆମେରିକାର ପ୍ରତିରକ୍ଷା ଉପସଚିବ କ୍ୟାଥଲିନ୍ ହିକ୍ସ ଏବଂ ପେଣ୍ଟାଗନ୍ ମୁଖପାତ୍ର ଜନ୍ କିର୍ବିଙ୍କ ନାମ ରହିଛି। ଏହି ବ୍ୟକ୍ତିମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରୁଷିଆ ଭୂଖଣ୍ଡକୁ ପ୍ରବେଶ କରିପାରିବେ ନାହିଁ ବୋଲି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

## ରିବନ ନ ପିନ୍ଧିଲେ ହତ୍ୟା

ରୁଷିଆ ମାରିଉପୋଲ ନାଗରିକ ଓ କିଭ୍ ସୁରକ୍ଷାକର୍ମୀଙ୍କୁ ଧଳା ରିବନ ପିନ୍ଧିବାକୁ ନିର୍ଦ୍ଦେଶ ଦେଇଛି। ଏହା ନ ମାନିଲେ ରୁଷୀୟ ସୈନ୍ୟ ସେମାନଙ୍କୁ ହତ୍ୟା ଧମକ ଦେଉଥିବା ମାରିଉପୋଲ ମେୟର ଭଦ୍ୟମ ବୟଚେନ୍‌କୋ କହିଛନ୍ତି। ବିନା ରିବନରେ କେହି ରାସ୍ତାରେ ଦେଖାଗଲେ ସେମାନଙ୍କୁ ଗୁଳି କରିଦେବାକୁ ଧମକ ଦିଆଯାଇଛି। ଏହି ରିବନ ପିନ୍ଧିବା ଅର୍ଥ ମାରିଉପୋଲରେ ରୁଷିଆର ବିଜୟକୁ ସ୍ୱୀକାର ସହ ଆତ୍ମସମର୍ପଣ କରିବା।

## ଡୋନ୍‌ବାସ୍ ପରବର୍ତ୍ତୀ ଟାର୍ଗେଟ

ମାରିଉପୋଲ ବାସ୍ତବରେ ରୁଷିଆ କବ୍‌ଜାକୁ ଯାଇଥିଲେ ତାହା ପୁଟିନ୍‌ଙ୍କ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯିବ। ୨୦୧୪ରେ ରୁଷିଆ କବ୍‌ଜା କରିଥିବା ୟୁକ୍ରେନ୍ ଉପଦ୍ୱୀପ କ୍ରିମିଆ ଓ ଡୋନ୍‌ବାସ୍ ଅଞ୍ଚଳକୁ ମାରିଉପୋଲ ମାଧ୍ୟମରେ ଯୋଗସୂତ୍ର ରଖାଯାଇପାରିବ। ତେଣୁ ରୁଷିଆ ସପକ୍ଷବାଦୀଙ୍କ ନିୟନ୍ତ୍ରଣରେ ଥିବା ଡୋନବାସ୍ ଅଞ୍ଚଳ ପୁଟିନ୍‌ଙ୍କ ପରବର୍ତ୍ତୀ ଟାର୍ଗେଟ। କିଭ୍ ଦଖଲରେ ରୁଷିଆ ବିଫଳ ହେବା ପରେ ନିଜ ସୈନ୍ୟଙ୍କୁ ସେଠାରୁ ପ୍ରତ୍ୟାହାର କରି ପୂର୍ବ ୟୁକ୍ରେନ୍ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ଡୋନ୍‌ବାସ୍‌ର ଲୁହାନ୍‌ସ୍କ ଓ ଡୋନେସ୍କ ଅଞ୍ଚଳରେ ଆକ୍ରମଣ ତୀବ୍ର କରିବାକୁ ରୁଷିଆ ସୈନ୍ୟ ଏକତ୍ର କରି ନୂଆ ଯୋଜନା ପ୍ରସ୍ତୁତ କରିଛି।



ମାରିଉପୋଲ ସମ୍ପୂର୍ଣ୍ଣ ଭାବେ ମସ୍କୋ ନିୟନ୍ତ୍ରଣକୁ ଆସିଥିବାର କୌଣସି ପ୍ରମାଣ ନାହିଁ। ରୁଷିଆର ଏହି ଘୋଷଣାକୁ ନେଇ ସନ୍ଦେହ ରହିଛି। ପୁଟିନ୍ ସେଠାରେ ମାନବୀୟ କରିଡରକୁ ଅନୁମତି ଦେଇ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାନ୍ତୁ।

-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି



## ବିଶାଳକାୟ ହାତୀକୁ ମାରି ପୋଜ୍ ଦେଲେ

**ଗାବୋରନ୍, ୨୧।୪:** ବିଶ୍ୱର ଅନ୍ୟତମ ବିଶାଳକାୟ ତଥା ବୋଟ୍‌ସ୍ୱାନାର ବୃହତ୍ତମ ହାତୀକୁ ଗୁଳି କରି ଏହାର ମୃତଦେହ ନିକଟରେ ଦୁଇ ଅଭିଯୁକ୍ତ ଫଟୋ ଉଠାଇଛନ୍ତି। ହାତୀର ୮ ଫୁଟ୍ ଲମ୍ବ ଦାନ୍ତ ନିକଟରେ ସେମାନେ ବସିଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବୋଟ୍‌ସ୍ୱାନାର ପୂର୍ବତନ ରାଷ୍ଟ୍ରପତି ଇଆନ୍ ଖାମା ଏହି ଫଟୋକୁ ଫେସ୍‌ବୁକ୍‌ରେ ଶେୟାର କରି ଦେଶ ଏକ ଦୁର୍ଲଭ ଆକର୍ଷଣକୁ ହରାଇଲା ବୋଲି ଲେଖିଛନ୍ତି। ଶିକାର ଉପରେ ୨୦୧୪ରେ ଲାଗିଥିବା କଟକଣାକୁ ୩ ବର୍ଷ ପରେ ହଟାଯିବା ପଦକ୍ଷେପକୁ ସେ ସମାଲୋଚନା କରିଛନ୍ତି।

### ଶ୍ରୀଲଙ୍କାରେ ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ଉଚ୍ଛେଦ ପାଇଁ ବିଲ୍ ଆଣିଲେ ବିରୋଧୀ

**କଲମ୍ବୋ,୨୧।୪:** ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ଶ୍ରୀଲଙ୍କାରେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଇସ୍ତଫା ଦାବିରେ ଦୀର୍ଘଦିନ ହେଲା ଆନ୍ଦୋଳନ ଜାରି ରହିଛି। ସେପଟେ ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ଉଚ୍ଛେଦ ଲାଗି ମୁଖ୍ୟ ବିରୋଧୀ ଦଳ ଏସ୍‌ଜେବି ଗୁରୁବାର ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛି। ୧୯୭୮ରୁ ଦେଶରେ ପ୍ରଚଳିତ ଥିବା ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ପରିବର୍ତ୍ତେ ସାମ୍ବିଧାନିକ ଗଣତନ୍ତ୍ରକୁ ସୁଦୃଢ଼ କରୁଥିବା ବ୍ୟବସ୍ଥା ଲାଗୁ କରିବା ଲାଗି ଏସ୍‌ଜେବି ପକ୍ଷରୁ କୁହାଯାଇଛି। ପାର୍ଲାମେଣ୍ଟ ମହାସଚିବଙ୍କ କାର୍ଯ୍ୟାଳୟରେ ମୁଖ୍ୟ ବିରୋଧୀ ଦଳ ପକ୍ଷରୁ ୨୧ତମ ସମ୍ବିଧାନର ଚିଠା ପ୍ରସ୍ତାବ ଉପସ୍ଥାପନ କରାଯିବା ସହ ବାଚସ୍ପତିଙ୍କୁ ମଧ୍ୟ ଜଣାଇ ଦିଆଯାଇଛି ବୋଲି ଏସ୍‌ଜେବି ନେତା ସାଜିଥ ପ୍ରେମଦାସା ପାର୍ଲାମେଣ୍ଟରେ କହିଛନ୍ତି। ପ୍ରସ୍ତାବିତ ସଂଶୋଧନ ବିଲ୍ ଅନୁଯାୟୀ ରାଷ୍ଟ୍ରପତି ରାଷ୍ଟ୍ରର ମୁଖ୍ୟ ଏବଂ କମାଣ୍ଡର ଇନ୍ ଚିଫ୍ ରହିବେ। ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି କିମ୍ବା ବହିଷ୍କାର କ୍ଷମତା ତାଙ୍କର ରହିବ ନାହିଁ। ପ୍ରଧାନମନ୍ତ୍ରୀ କ୍ୟାବିନେଟ୍‌ର ମୁଖ୍ୟ ହେବେ ଓ ତାଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେବେ।

## ଯୌନ ଅନୁଗ୍ରହ ପାଇଁ ୮୦୦ କଲ୍

**ବେଙ୍ଗାଲୁରୁ, ୨୧।୪**

କର୍ଣାଟକର ଏକ ଘରୋଇ କଲେଜ ଅଧ୍ୟାପିକାଙ୍କ ପାଖକୁ ଯୌନ ଅନୁଗ୍ରହ ପାଇଁ ୮୦୦ ଫୋନ୍ କଲ୍ ଆସିଛି। ସମ୍ପୃକ୍ତା ଅଧ୍ୟାପିକାଙ୍କ ସହକର୍ମୀମାନେ ବିଭିନ୍ନ ସହରରେ ଥିବା ବସ୍‌ଷ୍ଟାଣ୍ଡ ଓ ଟଏଲେଟ୍ କାନ୍ଥରେ ତାଙ୍କ ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଆଇଡି ଲେଖିବା ପରେ କାମୁକ ବ୍ୟକ୍ତିମାନେ ତାଙ୍କୁ କଲ୍ କରିଥିବା ପୋଲିସ ଜାଣିବାକୁ ପାଇଛି। ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

**ବସ୍‌ଷ୍ଟାଣ୍ଡ, ଶୌଚାଳୟରେ ସହକର୍ମୀ ଲେଖିଥିଲେ ଅଧ୍ୟାପିକାଙ୍କ ନମ୍ବର**

ସୂଚନା ଅନୁସାରେ, କର୍ଣାଟକର ବନ୍ତ୍ୱାଲସ୍ଥିତ ଏକ ଘରୋଇ କଲେଜରେ ୫୮ ବର୍ଷୀୟା ମହିଳା ଜଣକ ପାଠ ପଢ଼ାନ୍ତି। ଶିକ୍ଷାଦାନରେ ତାଙ୍କର ୩୧ ବର୍ଷର ଅଭିଜ୍ଞତା ରହିଛି। ସେ ଅନେକ ପୁସ୍ତକ ରଚନା ସହ ଏକାଧିକ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ଉକ୍ତ କଲେଜର କେତେଜଣ କର୍ମଚାରୀ ନିଯୁକ୍ତି ଓ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରି ତାଙ୍କୁ ହଇରାଣ କରୁଥିଲେ। ସେମାନଙ୍କ ବଦମାସି ଏତିକିରେ ସୀମିତ ନ ଥିଲା। ଅର୍ଥନୀତି ଅଧ୍ୟାପକ ପ୍ରଦୀପ ପୂଜାରୀ(୩୬), କଲେଜ କରେସ୍‌ପଣ୍ଡେଣ୍ଟ ପ୍ରକାଶ ଶିନୋୟ(୪୪) ଏବଂ ତାରାନାଥ ବିଏସ୍ ସେଟ୍ଟୀ(୩୨) ଅଧ୍ୟାପିକାଙ୍କ ଛବି ନଷ୍ଟ କରିବାକୁ ଯାଇ ମହୀଶୂର, ମାଦିକେରି, ଚିକ୍କାମାଗାଲୁରୁ, ମୁଦିଗିରି, ଏନ୍‌ଆର୍ ପୁର, ଶିବମୋଗାର ବସ୍‌ଷ୍ଟାଣ୍ଡ ତଥା ଶୌଚାଳୟ କାନ୍ଥଗୁଡ଼ିକରେ ତାଙ୍କ କଣ୍ଟାକ୍ଟ ନମ୍ବର ସହ ମେଲ୍ ଆଇଡି ଲେଖିଥିଲେ। ଫୋନ୍ ନମ୍ବର ପାଇବା ପରେ ପ୍ରାୟ ୮୦୦ ଅଜଣା ଲୋକ ତାଙ୍କୁ ଫୋନ୍ କରି ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଏପରି କି ଅଭିଯୁକ୍ତମାନେ ଗତ ନଭେମ୍ବର, ଡିସେମ୍ବରରେ ମହିଳାଙ୍କ ନିକଟକୁ ହ୍ୱାଟ୍ସଆପ୍‌ରେ ଅଶ୍ଳୀଳ ଭାଷା, ଚିତ୍ର ଆଦି ପଠାଇଥିଲେ। ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ସ୍ଥିତାବସ୍ଥା ବଜାୟ ରଖ

### ଜାହାଙ୍ଗୀରପୁରୀରେ ୨ ସପ୍ତାହ ପାଇଁ ଉଚ୍ଛେଦ ବନ୍ଦ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୧।୪**

ନୂଆଦିଲ୍ଲୀର ଦଙ୍ଗା ପ୍ରଭାବିତ ଜାହାଙ୍ଗୀରପୁରୀରେ ବେଆଇନ ନିର୍ମାଣ ଉଚ୍ଛେଦ ଉପରେ ଗୁରୁବାର ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏଥିସହ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଉତ୍ତର ଦିଲ୍ଲୀ ମହାନଗର ନିଗମ (ଏନ୍‌ଡିଏମ୍‌ସି) ମେୟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦଙ୍ଗା ଅଭିଯୁକ୍ତ ସଂଖ୍ୟାଲଘୁଙ୍କ ବିରୋଧରେ ଏନ୍‌ଡିଏମ୍‌ସି ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଥିଲା। ଏହାକୁ ବନ୍ଦ କରିବା ପାଇଁ ଜାମିଆତ୍ ଉଲେମା-ଇ-ହିନ୍ଦ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ମୁସଲିମ ସଙ୍ଗଠନ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଭଙ୍ଗାରୁଜା ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଏନ୍‌ଡିଏମ୍‌ସି କର୍ତ୍ତୃପକ୍ଷ କୋର୍ଟ ଅର୍ଡର ପାଇ ନ ଥିବା ଦର୍ଶାଇ ବୁଲ୍‌ଡୋଜର ଲଗାଇ କେତେକ ନିର୍ମାଣକୁ ଭାଙ୍ଗି ଦେଇଥିଲେ। ଫଳରେ ଅଦାଲତ ପୁଣି ଥରେ ହସ୍ତକ୍ଷେପ କରି ନିର୍ଦ୍ଦେଶର ତୁରନ୍ତ ଅନୁପାଳନ କରିବାକୁ କହିଥିଲେ।



ଏହି ପ୍ରସଙ୍ଗରେ ଗୁରୁବାର ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ବି.ଆର. ଗଭାଇଙ୍କ ଖଣ୍ଡପୀଠରେ ପୁଣି ଶୁଣାଣି ହୋଇଛି। ଖଣ୍ଡପୀଠ କହିଛନ୍ତି, ଅଦାଲତଙ୍କ ପରବର୍ତ୍ତୀ ରାୟ ନ ଆସିବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ପଡ଼ିବ। ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଏନ୍‌ଡିଏମ୍‌ସି ମେୟରଙ୍କୁ କୋର୍ଟ ଅର୍ଡର ସମ୍ପର୍କରେ ଅବଗତ କରାଯିବା ପରେ ମଧ୍ୟ ଜାହାଙ୍ଗୀରପୁରୀରେ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ଏହା ଉପରେ ଆମେ ଗମ୍ଭୀର ନିଷ୍ପତ୍ତି ନେବୁ। ଜାମିଆତ୍ ଉଲେମା-ଇ-ହିନ୍ଦ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ, ଏହି ପ୍ରସଙ୍ଗ ସାମ୍ବିଧାନିକ ଓ ଜାତୀୟ ଗୁରୁତ୍ୱ ଉପରେ ସୁଦୂରପ୍ରସାରୀ ପ୍ରଶ୍ନ ଛିଡ଼ା କରାଇଛି। ଖଣ୍ଡପୀଠ ପଚାରିଲେ, ଜାତୀୟ ଗୁରୁତ୍ୱ କ'ଣ? ଏହା ତ କେବଳ ଗୋଟିଏ ଅଞ୍ଚଳ ସହ ସମ୍ପର୍କିତ। ଡାଭେ କହିଲେ, ଦେଶର ଯେଉଁ ସ୍ଥାନରେ ବି ଦଙ୍ଗା ହେଉଛି ସେଠାରେ ଏପରି କରାଯାଉଛି। ପୂର୍ବରୁ ଫେକ୍ ଏନ୍‌କାଉଣ୍ଟର କରାଯାଉଥିଲା। ଏବେ ବୁଲ୍‌ଡୋଜର ଲଗାଇ ଘର ଭଙ୍ଗାଯାଉଛି।

### ଉଚ୍ଛେଦ ଏକ ରାଜନୈତିକ ଷଡ଼ଯନ୍ତ୍ର : ବ୍ରିନ୍ଦା କରାଟ

ଜାହାଙ୍ଗୀରପୁରୀରେ ଜବରଦଖଲ ଉଚ୍ଛେଦ ଏକ ସାମ୍ପ୍ରଦାୟିକ ତଥା ରାଜନୈତିକ ଷଡ଼ଯନ୍ତ୍ର ବୋଲି ସିପିଆଇଏମ୍ ପଲିଟ୍‌ବ୍ୟୁରୋ ସଦସ୍ୟା ବ୍ରିନ୍ଦା କରାଟ ଗୁରୁବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ବ୍ରିନ୍ଦା ଏହି ଉଚ୍ଛେଦ ବିରୋଧରେ ଶୀର୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜବରଦଖଲକାରୀଙ୍କୁ ହଟାଇବା ଆଳରେ ଉଚ୍ଛେଦ କାର୍ଯ୍ୟ ସମ୍ବିଧାନ, ନ୍ୟାୟର ସିଦ୍ଧାନ୍ତ ଏବଂ ଦିଲ୍ଲୀ ମହାନଗର ନିଗମ ଆଇନ, ୧୯୫୭ର ପରିପନ୍ଥୀ ବୋଲି ସେ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି।

# ବୁଲ୍‌ଡୋଜର ଫ୍ୟାକ୍ଟ୍ରିରେ ବୋରିସ



**ଅହମ୍ମଦାବାଦ,୨୧।୪**

ବ୍ରିଟିଶ ପ୍ରଧାନମନ୍ତ୍ରୀ ଗୁରୁବାର ଭଦୋଦରାରେ ଥିବା ବ୍ରିଟିଶ ଭାରୀ ଉପକରଣ ନିର୍ମାତା ଜେସିବି କମ୍ପାନୀର ବୁଲ୍‌ଡୋଜର ଫ୍ୟାକ୍ଟ୍ରି ପରିଦର୍ଶନ କରିଛନ୍ତି। ଭାଜପା ଶାସିତ ରାଜ୍ୟ ସରକାର ବେଆଇନ ଘର ଓ ଦୋକାନ ଉଚ୍ଛେଦରେ ବୁଲ୍‌ଡୋଜରକୁ ବ୍ୟବହାର କରି ବିବାଦକୁ ଆସିଥିବାବେଳେ ବୋରିସ୍ ଉକ୍ତ କାରଖାନା ଗସ୍ତ କରିବା ଚର୍ଚ୍ଚା ପରିସରକୁ ଆସିଛି।

### ଆଦାନୀଙ୍କୁ ଭେଟିଲେ

ବୋରିସ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କୁ ଅହମଦାବାଦରେ ଭେଟିଛନ୍ତି। ଆଦାନୀ ଗ୍ରୁପ୍‌ର ନବୀକରଣଯୋଗ୍ୟ ଇନ୍ଧନ, ଗ୍ରୀନ୍ ଏଚ୍୨କୁ ବୋରିସ ପ୍ରଶଂସା କରିଥିଲେ। ପ୍ରତିରକ୍ଷା ଓ ମହାକାଶ ପ୍ରଯୁକ୍ତି ବିକାଶରେ ବ୍ରିଟେନ କମ୍ପାନୀଗୁଡ଼ିକ ସହ ଏକାଠି କାର୍ଯ୍ୟ କରିବେ ବୋଲି ଆଦାନୀ ଟୁଇଟ୍ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୭୨,୮୦,୩୮୭ | ୬୨,୩୩,୩୨୩ | ୪୫,୯୫,୮୯,୭୪୮ |
| ଭାରତ | ୪,୩୦,୪୯,୯୪୭ | ୫,୨୨,୦୬୨ | ୪,୨୫,୧୪,୪୭୯ |
| ଓଡ଼ିଶା | ୧୨,୮୭,୯୬୮ | ୯୧୪୨(+୫୩) | ୧୨,୭୮,୭୦୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ବିଜୁଳିକାଟକୁ ନେଇ ବଢୁଛି ଜନଅସନ୍ତୋଷ।**




# ମୋବାଇଲ ଦିଅ, ଷ୍ଟ୍ରେଚର ନିଅ

## ଏସ୍‌ସିବି ମେଡିକାଲରେ ଅଜବ ନିୟମ

■ ହଇରାଣ ହେଉଛନ୍ତି ରୋଗୀ ସମ୍ପର୍କୀୟ

କଟକ ଅଫିସ, ୨୧।୪

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଉନ୍ନତିମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ହେଲେ ଏଠି କିନ୍ତୁ ରୋଗୀଙ୍କ ପାଇଁ ଅଜବ ନିୟମ କରାଯାଇଛି। ମୋବାଇଲ ବନ୍ଧକ ରଖିଲେ ଷ୍ଟ୍ରେଚର ଓ ହୁଇଲ ଚେୟାର ମିଳିବ। ତେଣୁ ବାଧହୋଇ ରୋଗୀ ସମ୍ପର୍କୀୟମାନଙ୍କୁ ମୋବାଇଲ ରଖିବାକୁ ପଡୁଛି। ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ ସମ୍ପର୍କୀୟଙ୍କଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏସ୍‌ସିବି ମେଡିକାଲ ରାଜ୍ୟର ସବୁଠୁ ବଡ଼ ମେଡିକାଲ। ଏଠାକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେବେ ଗୁରୁତର ରୋଗୀମାନଙ୍କୁ କାଜୁଆଲ୍‌ଟିରୁ ଦୂରରେ ଥିବା ଅଲ୍‌ଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ, ସିଟିସ୍କାନ, ଏକ୍ସରେ ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ବୋହି ନେବାକୁ ଷ୍ଟ୍ରେଚର ଏବଂ ହୁଇଲ୍ ଚେୟାର ବ୍ୟବସ୍ଥା ହୋଇଛି। ମେଡିକାଲରେ ନିୟୋଜିତ ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ଏଥିପାଇଁ ଅଜବ ନିୟମ ପ୍ରଣୟନ କରିଛନ୍ତି। ଆଗେ ମୋବାଇଲ୍ ବନ୍ଧକ ରଖି ଷ୍ଟ୍ରେଚର ନିଅ। ଏହାକୁ ଫେରାଇବା ପରେ ମୋବାଇଲ ଦିଆଯିବ ବୋଲି କୁହାଯାଉଛି। ଫଳରେ ରୋଗୀ ସମ୍ପର୍କୀୟମାନଙ୍କୁ ମୋବାଇଲ ରଖିବାକୁ ପଡୁଛି। ଏହାଦ୍ୱାରା ସେମାନେ ହଇରାଣ ହେଉଛନ୍ତି।



ଏ ସମ୍ପର୍କରେ ସମ୍ପୃକ୍ତ ଠିକା ସଂସ୍ଥାର ସୁପରଭାଇଜର ସଙ୍କେତ ନାୟକ କହିଛନ୍ତି, ଗୁରୁତର ରୋଗୀଙ୍କୁ ସେମାନଙ୍କ ସମ୍ପର୍କୀୟମାନେ ଷ୍ଟ୍ରେଚର, ହୁଇଲ ଚେୟାରରେ ନେଉଛନ୍ତି। ହେଲେ ମେଡିକାଲ ସାମଗ୍ରୀ ଭାବି ଯେଉଁଠି ପାରୁଛନ୍ତି, ସେଠି ପକାଇ ଦେଇ ପଳାଉଛନ୍ତି। ଫଳରେ ଷ୍ଟ୍ରେଚର, ହୁଇଲ ଚେୟାରଗୁଡ଼ିକ ଚୋରି ହୋଇଯାଉଛି। ଏଥିପାଇଁ ଅନ୍ୟ ରୋଗୀମାନେ ମଧ୍ୟ ହଇରାଣ ହେଉଛନ୍ତି। ଗତ ୫ ବର୍ଷ ଭିତରେ ୩୦ରୁ ଅଧିକ ଷ୍ଟେଚର, ହୁଇଲଚେୟାର ହଜିଗଲାଣି। ଏ ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଲିଖିତ ଭାବେ ଜଣାଇଛି। ଆମେ ରୋଗୀଙ୍କୁ କେବଳ ମୋବାଇଲ ନୁହେଁ, ଯେ କୌଣସି ଏକ ଦାମିକା ସାମଗ୍ରୀ ରଖିବାକୁ କହିଥାଉ। ଜାଣିଛୁ ରୋଗୀ ସମ୍ପର୍କୀୟମାନେ ହଇରାଣ ହେଉଛନ୍ତି। ତଥାପି ଆମେ ବାଧ ହୋଇ ଏପରି ନିୟମ କରିଛୁ। ଏହାଦ୍ୱାରା ରୋଗୀ ସମ୍ପର୍କୀୟମାନେ ଶୀଘ୍ର ଷ୍ଟ୍ରେଚର, ହୁଇଲଚେୟାର ଆଣି ଫେରାଉଛନ୍ତି। ଅପରପକ୍ଷେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ଏ ବିଷୟରେ ଖବର ପାଇଛି। ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ କଥା ହୋଇଛି। ଏପରି ଅସୁବିଧା ଯେପରି ଭବିଷ୍ୟତରେ ନ ହେବ ସେଥିପାଇଁ ଆମେ ଯଥାଶୀଘ୍ର ବ୍ୟବସ୍ଥା କରିବୁ।

# ୪୫ ମିନିଟ ବିଦ୍ୟୁତ୍ କାଟ ହେବ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିଃ(ଟିପିସିଓଡିଏଲ) ଅଞ୍ଚଳରେ ଅସ୍ଥାୟୀ ଭାବେ ବିଦ୍ୟୁତ୍ କାଟ ଜାରି ରହିବ । କିଛି ଅଞ୍ଚଳରେ ଅଧ ଘଣ୍ଟାରୁ ୪୫ମିନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେବ ବୋଲି ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସେନ୍ ବାଗମ ମାନଥିରାମ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କମ୍ପାନୀର ଏହି ଅଞ୍ଚଳରେ ମୋଟ ୨୭.୯୬ଲକ୍ଷ ବିଦ୍ୟୁତ୍ ଗ୍ରାହକ ଅଛନ୍ତି। ସମସ୍ତଙ୍କୁ ଉତ୍ତମ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ। ୧୦୦ଟି ଏଚଟି ଟ୍ରାନ୍ସଫର୍ମର ମରାମତି ହୋଇଛି। ଲୋ-ଭୋଲଟେଜ ସମସ୍ୟା ଥିବା ଅଞ୍ଚଳ ଚିହ୍ନଟ କରାଯାଇଛି। ଚଳିତବର୍ଷ ପିକ୍ ଆୱାରରେ ୧୫୪୫ ମେଗାୱାଟ୍ ବିଦ୍ୟୁତ୍ ଆବଶ୍ୟକ। ଜଳବିଦ୍ୟୁତ୍ ଉତ୍ପାଦନ ୩୦୦ ମେଗାୱାଟ୍ ହ୍ରାସ ପାଇଛି। ତେବେ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ଓଡ଼ିଶାରେ କୋଇଲା ମହଜୁଦ୍ ରହିଛି। କୋଇଲା ସଙ୍କଟ ନେଇ ଓଡ଼ିଶାରେ ବିଦ୍ୟୁତ୍ ଯୋଗାଣରେ ବାଧା ରହିବ ନାହିଁ। ଗତ ମାର୍ଚ୍ଚ ସୁଦ୍ଧା କମ୍ପାନୀର ବିଦ୍ୟୁତ୍ ଗ୍ରାହକ ୯ ପ୍ରତିଶତ ବୃଦ୍ଧିପାଇଛି। ଟିପିସିଓଡିଏଲ୍ ଯୋଗାଉଥିବା ମିଟରରେ କୌଣସି ତ୍ରୁଟି ନାହିଁ। ମିଟର ନେଇ ଉଠୁଥିବା ଅଭିଯୋଗ ଅମୂଳକ ବୋଲି ସେ କହିଛନ୍ତି।

୧୦୦୦ ଟ୍ରାନ୍ସଫର୍ମରର ମରାମତି ସହ ୨୦ ହଜାର ଟ୍ରାନ୍ସଫର୍ମରର ରକ୍ଷଣାବେକ୍ଷଣ ହୋଇଛି । ଗ୍ରାହକଙ୍କୁ ୨୪ ଘଣ୍ଟିଆ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ କମ୍ପାନୀ ପକ୍ଷରୁ ଭିତ୍ତିଭୂମି ବିକାଶ ଲାଗି ୪୫୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯିବ । ୨୦୨୦-୨୧ରେ ଏଟିଆଣ୍ଡ୍‌ସି କ୍ଷତି ୨୯.୫୪ ପ୍ରତିଶତ କମାଯାଇଥିବା ବେଳେ ୨୦୨୧-୨୨ରେ ଏଟିଆଣ୍ଡ୍‌ସି କ୍ଷତି ୨୫.୪ ପ୍ରତିଶତକୁ ହ୍ରାସ କରାଯାଇପାରିଛି ବୋଲି ସିଇଓ କହିଛନ୍ତି।

ବିଦ୍ୟୁତ୍ କ୍ଷେତ୍ରରେ ବଳକା ରାଜ୍ୟ ଭାବେ ଦାବି କରୁଥିବା ଓଡ଼ିଶାରେ କୌଣସି ଘୋଷିତ ବିଦ୍ୟୁତ୍ କାଟ କରାଯାଉନାହିଁ ବୋଲି ବିଧାନସଭାରେ ଶକ୍ତିମନ୍ତ୍ରୀ ସୂଚନା ଦେବାର ୩ ମାସ ନ ପୂରୁଣୁ ଓଡ଼ିଶାର ଉପକୂଳ ଜିଲାଗୁଡ଼ିକରେ ବିଦ୍ୟୁତ୍ କାଟ ହେବ ବୋଲି ଟାଟା ପାୱାର କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ରାଜ୍ୟରେ ଖରାଦିନେ ଯେଭଳି ବିଦ୍ୟୁତ୍ କାଟ ନ ହେବ ସେଥିପାଇଁ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନିମନ୍ତେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଯଥେଷ୍ଟ ପରିମାଣର ବିଦ୍ୟୁତ୍ ଶକ୍ତି ଥିବା ୨୦୨୧ ଡିସେମ୍ବର ୧୪ ତାରିଖରେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ବିଧାନସଭାରେ ମନ୍ତ୍ରୀଙ୍କ ସୂଚନା ଓ ମୁଖ୍ୟ ସଚିବଙ୍କ ସମୀକ୍ଷା ଏବେ ମୂଲ୍ୟହୀନ ହୋଇପଡ଼ିଛି ।

ସୂଚନାଯୋଗ୍ୟ, ଟିପିସିଓଡିଏଲ୍ ଓଡ଼ିଶାର ଉପକୂଳବର୍ତ୍ତୀ ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡ଼ା ସମେତ ଢେଙ୍କାନାଳ, ନୟାଗଡ଼, ଅନୁଗୋଳ, ଖୋର୍ଦ୍ଧା ଜିଲାର ସମସ୍ତ ଅଞ୍ଚଳ ଓ ଯାଜପୁରର କିଛି ଅଞ୍ଚଳରେ ସେବା ଯୋଗାଉଛି।

# ସୃଷ୍ଟି ହେବ ଅଭୂତପୂର୍ବ ବିଦ୍ୟୁତ୍ ସଙ୍କଟ

## ଥର୍ମାଲ ପ୍ଲାଣ୍ଟରେ କୋଇଲା ଅଭାବ

ନୂଆଦିଲ୍ଲୀ,୨୧।୪

ବିଭିନ୍ନ ରାଜ୍ୟରେ ତାପମାତ୍ରା ଅସହ୍ୟ ହୋଇଥିବାବେଳେ କୋଇଲା ଅଭାବ ଯୋଗୁ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ଲୋକଙ୍କୁ ଅତିଷ୍ଠ କଲାଣି। ବିଦ୍ୟୁତ୍ ଉତ୍ପାଦନ ହ୍ରାସ ଯୋଗୁ ପଞ୍ଜାବ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ବିଦ୍ୟୁତ୍ କାଟ ହେଉଛି। କେତେକ ଅଞ୍ଚଳରେ ଦିନକୁ ୮ ଘଣ୍ଟା ବିଜୁଳି କାଟ୍ ହେଉଥିବା ଦେଖାଯାଉଛି। ତାପଜ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକରେ କୋଇଲାର ଘୋର ଅଭାବ ଯୋଗୁ ଭାରତରେ ଆଗାମୀ ଦିନରେ ଅଭୂତପୂର୍ବ ବିଦ୍ୟୁତ୍ ସଙ୍କଟ ସୃଷ୍ଟି ହେବାକୁ ଯାଉଛି। କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ୧୫୦ ଥର୍ମାଲ ପାୱାର ଷ୍ଟେଶନ ମଧ୍ୟରୁ ଘରୋଇ କୋଇଲା ଉପରେ ନିର୍ଭର କରୁଥିବା ୮୧ ପ୍ଲାଣ୍ଟରେ କୋଇଲା ଅଭାବ ଦେଖାଦେଇଛି। ଘରୋଇ ଥର୍ମାଲ ପ୍ଲାଣ୍ଟ ସ୍ଥିତି ମଧ୍ୟ ଅନୁରୂପ। ୫୪ ପ୍ଲାଣ୍ଟ ମଧ୍ୟରୁ ୨୮ଟିରେ କୋଇଲା ସଙ୍କଟ ଦେଖାଦେଇଛି।

ଏପ୍ରିଲ ମଧ୍ୟଭାଗରେ ବିଭିନ୍ନ ତାପଜ ବିଦ୍ୟୁତ ପ୍ଲାଣ୍ଟରେ କୋଇଲା ହାରାହାରି ୯ ଦିନ ପାଇଁ ଗଚ୍ଛିତ ରହିଛି। କୋଇଲା ଯୋଗାଣ ନ ବଢ଼ିଲେ ବିଦ୍ୟୁତ୍ ସଙ୍କଟ ଗମ୍ଭୀର ହୋଇପାରେ ବୋଲି ଅଲ୍ ଇଣ୍ଡିଆ ପାୱାର ଇଞ୍ଜିନିୟର୍ସ ଫେଡେରେଶନର ଅଧ୍ୟକ୍ଷ ଶଳେନ୍ଦ୍ର ଦୁବେ କହିଛନ୍ତି। ୟୁପିରେ ୭ ଦିନ ପାଇଁ କୋଇଲା ଗଚ୍ଛିତ ଥିବାବେଳେ ହରିୟାଣାରେ ୮ ଦିନ, ରାଜସ୍ଥାନରେ ୧୭ ଦିନ ପାଇଁ ମହଜୁଦ ରହିଛି। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଅନୁରୂପ ଅବସ୍ଥା। ଥର୍ମାଲ ପ୍ଲାଣ୍ଟରେ ୨୬ ଦିନ ବ୍ୟବହାର ଲାଗି କୋଇଲା ମହଜୁଦ ରହିବା ଆବଶ୍ୟକ। ଗତ ୧୯ ତାରିଖରେ ସର୍ବାଧିକ ବିଦ୍ୟୁତ ଚାହିଦା ୧,୮୮,୦୧୪ ମେଗାୱାଟ ଥିବାବେଳେ ୪,୪୬୯ ମେଗାୱାଟ ବିଜୁଳି ଅଭାବ ରହିଥିଲା। ଅନ୍ୟପକ୍ଷରେ କେନ୍ଦ୍ର ସରକାର ବିଦ୍ୟୁତ୍ ସଙ୍କଟ ଆଶଙ୍କାକୁ ଖଣ୍ଡନ କରିଛନ୍ତି। କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍), ୱାଶେରି ଏବଂ ଘରୋଇ ବ୍ଲକ୍‌ରେ ୭୨.୫ ନିୟୁତ ଟନ୍ କୋଇଲା ମହଜୁଦ୍ ଥିବା ବିଭାଗୀୟ ମନ୍ତ୍ରୀ ପ୍ରହଲାଦ ଜୋଷୀ କହିଛନ୍ତି। ୨୦୨୧-୨୨ରେ କୋଇଲା ଆମଦାନୀ ହ୍ରାସ ଥର୍ମାଲ ପ୍ଲାଣ୍ଟରେ କୋଇଲା ଅଭାବର ମୁଖ୍ୟ କାରଣ। ଗତ ଆର୍ଥିକ ବର୍ଷରେ ଭାରତ ମାତ୍ର ୨୫ ନିୟୁତ ଟନ୍ କୋଇଲା ଆମଦାନୀ କରିଛି, ଯାହା କି ପୂର୍ବବର୍ଷର ୫୦ ପ୍ରତିଶତ।

# ରେଳ ଧାରଣାରେ ସେଲ୍‌ଫି ନେଲେ ୨ ହଜାର ଫାଇନ୍

ଚେନ୍ନାଇ,୨୧।୪

ଏଣିକି ରେଳ ଧାରଣାରେ ଛିଡ଼ା ହୋଇ ସେଲ୍‌ଫି ନେଲେ ଦେବାକୁ ପଡ଼ିବ ୨ ହଜାର ଫାଇନ୍। ଚେନ୍ନାଇ ଦକ୍ଷିଣତଟ ରେଳବାଇ ପକ୍ଷରୁ ନିଆଯାଇଛି ଏହି ନିଷ୍ପତ୍ତି। ଯଦି କୌଣସି ବ୍ୟକ୍ତି ରେଳ ଧାରଣାରେ ଛିଡା ହୋଇ ସେଲଫି ଉଠାଇଲାବେଳେ ଧରାପଡ଼ନ୍ତି ତେବେ ତାଙ୍କୁ ଜରିମାନା ବାବଦକୁ ୨ ହଜାର ଟଙ୍କା ଦେବାକୁ ପଡ଼ିବ। ନିକଟରେ ଚେଙ୍ଗାଲପାଟୁରେ ୩ ଯୁବକ ଇନ୍‌ଷ୍ଟାଗ୍ରାମ ରିଲ୍ସ ତିଆରି କଲାବେଳେ ଏକ୍ସପ୍ରେସ ସାମ୍ନାକୁ ଆସିଯିବା ଫଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ତେବେ ଏହି ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଆର୍ଥିକ ବର୍ଷରେ ରେଳ ଧାରଣା ଅତିକ୍ରମ ନେଇ ୧,୪୧୧ ଏବଂ ଫୁଟ୍ ବୋର୍ଡ ଯାତ୍ରା ନେଇ ମୋଟ ୭୬୭ଟି ଦୁର୍ଘଟଣା ଘଟିଥିବାବେଳେ ସେଥିରୁ ୨୦୦ ଜଣଙ୍କ ପ୍ରାଣହାନୀ ଘଟିଥିବା ଦକ୍ଷିଣତଟ ରେଳବାଇ ପକ୍ଷରୁ କୁହାଯାଇଛି।



ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ



# ମିଥେନ ହ୍ରାସ ପ୍ରତିବଦ୍ଧତା



ସାରା ଭୋଗେଲ
ବରିଷ୍ଠ ଉପାଧ୍ୟକ୍ଷା (ସ୍ୱାସ୍ଥ୍ୟ), ପରିବେଶ ସୁରକ୍ଷା ପାଣ୍ଠି



ମାର୍ସେଲୋ ମେନା
ସିଇଓ, ଗ୍ଲୋବାଲ ମିଥେନ ହବ୍ ତଥା ଚିଲିର ପୂର୍ବତନ ପରିବେଶ ମନ୍ତ୍ରୀ

ଗ୍ଲାସ୍‌ଗୋରେ ଗତବର୍ଷ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍୨୬) ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀର ସବୁଠୁ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ବୈଶ୍ୱିକ ମିଥେନ ସଙ୍କଳ୍ପ ଥିଲା ଅନ୍ୟତମ । ଉକ୍ତ ସଙ୍କଳ୍ପରେ ୨୦୩୦ ସୁଦ୍ଧା ମିଥେନ ନିର୍ଗମନ ୩୦% କମାଇବା ଲାଗି ୧୦୦ରୁ ଊର୍ଦ୍ଧ୍ୱ ଦେଶ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ତେବେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଗ୍ରହଣ କରାଯାଉଥିବା ପ୍ରଭାବୀ ପଦକ୍ଷେପଗୁଡ଼ିକ ମଧ୍ୟରେ ମିଥେନ ନିର୍ଗମନ ହ୍ରାସ ପ୍ରକ୍ରିୟାର ଗୁରୁତ୍ୱ ଅଧିକ । ମିଥେନ ନିର୍ଗମନ ହ୍ରାସ ଜଳବାୟୁ ପରିବର୍ତ୍ତନ ରୋକିବା ସହ ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଭୂମିକା ନେଇପାରିବ। ମିଥେନ ଗ୍ୟାସ୍ ଅତି କ୍ଷତିକାରକ ସବୁଜ ଗୃହ ବାଷ୍ପ। ବାୟୁମଣ୍ଡଳରେ ଏହା କାର୍ବନ ଡାଇଅକ୍ସାଇଡ ତୁଳନାରେ ୮୦ ଗୁଣ ଅଧିକ ତାପମାତ୍ର ଅବଶୋଷଣ କରିଥାଏ। ସାମ୍ପ୍ରତିକ ବିଶ୍ୱତାପନ ବୃଦ୍ଧି କରୁଥିବା ଗ୍ୟାସଗୁଡ଼ିକ ମଧ୍ୟରେ ମିଥେନ ପରିମାଣ ପ୍ରାୟ ଏକ ଚତୁର୍ଥାଂଶ। ସେଥିପାଇଁ ଲଗାତର ତୀବ୍ର ପାଣିପାଗ କୈନ୍ଦ୍ରିକ ଘଟଣାଗୁଡ଼ିକ ଘଟୁଛି, ଖାଦ୍ୟ ଅସୁରକ୍ଷା ବୃଦ୍ଧି ପାଉଛି, ସଂକ୍ରାମକ ରୋଗ ବିପଦ ବଢୁଛି ,ସ୍ୱଚ୍ଛ ଜଳ ପାଇବା କଷ୍ଟକର ହୋଇପଡୁଛି ଏବଂ ବାୟୁର ମାନ ନଷ୍ଟ ହେଉଛି। କେବଳ ଏତିକି ନୁହେଁ, ସାର୍ବଜନୀନ ସ୍ୱାସ୍ଥ୍ୟ ମଧ୍ୟ ଗଭୀର ଭାବେ ପ୍ରଭାବିତ ହେଉଛି। ବିଶେଷ କରି ଗରିବ ଏବଂ ସଂସାଧନରୁ ବଞ୍ଚିତ ବର୍ଗ ସ୍ୱାସ୍ଥ୍ୟସେବା ନ ପାଇବା, ଖରାପ ପୋଷଣ, ଅସୁରକ୍ଷିତ ବାସ ଓ କର୍ମ ପରିବେଶରେ ରହିବା ଯୋଗୁ ସେମାନେ ଅତ୍ୟଧିକ ବିପଦର ସମ୍ମୁଖୀନ ହୋଇଛନ୍ତି।

ଏଭଳି ପ୍ରଦୂଷଣ ସଂସ୍ପର୍ଶରେ ଆସିବା ଫଳରେ ଶ୍ୱାସନଳୀ ନଷ୍ଟ ହୋଇଥାଏ, ଫୁସ୍‌ଫୁସ୍ ରୋଗ ଏବଂ ଶ୍ୱାସ ରୋଗ ବୃଦ୍ଧିପାଏ, ହୃଦ୍‌ରୋଗ ଓ ତଜ୍ଜନିତ ମୃତ୍ୟୁହାର ମଧ୍ୟ ବଢ଼ିଯାଏ। ଏହା ମଧ୍ୟ ହୃଦ୍‌ଘାତ ଆଶଙ୍କା ବୃଦ୍ଧିକରେ। ପରିଣାମ ସ୍ୱରୂପ ଉତ୍ପାଦକତା ହ୍ରାସ ପାଇବା ସହ ଚିକିତ୍ସା ଖର୍ଚ୍ଚ ବଢୁଛି ଏବଂ ସ୍ୱାସ୍ଥ୍ୟାବସ୍ଥାରେ ଉପରେ ଅଧିକ ଚାପ ପଡୁଛି। ପ୍ରଦୂଷିତ ଓଜୋନ ଶସ୍ୟ ବୃଦ୍ଧିକୁ ରୋକିବା ସହ ଖାଦ୍ୟ ଅସୁରକ୍ଷା ବଢାଇବାର ସମ୍ଭାବନା ରହିଛି। କିନ୍ତୁ ଗୋଟିଏ ଭଲ ଖବର ହେଉଛି, କାର୍ବନ ଡାଇଅକ୍ସାଇଡ ଭଳି ମିଥେନ ବାୟୁମଣ୍ଡଳରେ ଅଧିକ ଦିନ ରହିବା ସମ୍ଭାବନା ନାହିଁ। ଏଣୁ ମିଥେନ ନିର୍ଗମନ ହ୍ରାସ କରିବାର ପ୍ରଭାବ ଶୀଘ୍ର ଅନୁଭବ କରିହେବ ଏବଂ ଏଥିପାଇଁ ବୈଶ୍ୱିକ ମିଥେନ ସଙ୍କଳ୍ପ ସ୍ପଷ୍ଟତଃ ଏକ ଉଚିତ ପଦକ୍ଷେପ। କିନ୍ତୁ ହାରାହାରି ବିଶ୍ୱତାପନ ୧.୫ ଡିଗ୍ରୀ ସେଲ୍‌ସିୟସରେ ସୀମିତ ରଖିବାରେ ଲକ୍ଷ୍ୟ ହାସଲ କରିବା ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ହେଲେ ବିଶ୍ୱକୁ ଆହୁରି ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ନେବାକୁ ପଡ଼ିବ। ୨୦୩୦ ସୁଦ୍ଧା ମିଥେନ ନିର୍ଗମନ ୪୫% କମାଇ ପାରିଲେ ୨୦୪୦ ସୁଦ୍ଧା ବିଶ୍ୱତାପନ ୦.୩% ହ୍ରାସ ହେବ। ଏହି ପଦକ୍ଷେପଗୁଡ଼ିକୁ ଗତିଶୀଳ କରିବା ଲାଗି କଲ୍ୟାଣକାରୀ କାର୍ଯ୍ୟରେ ଜଡ଼ିତ ପ୍ରମୁଖ ସଂସ୍ଥାଗୁଡ଼ିକ ଏକାଠି ଗତ ବର୍ଷ ଏକ ଗ୍ଲୋବାଲ ମିଥେନ ହବ୍ ଆରମ୍ଭ କରିଛନ୍ତି ଓ ଲୋକ ହିତରେ ୩୩୦ ମିଲିୟନ ଡଲାର ଉପଯୋଗ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଏହି ହବ୍ କ୍ଲାଇମେଟ ଆଣ୍ଡ କ୍ଲିନ୍ ଏୟାର କୋଆଲିସନ ବା ଜଳବାୟୁ ଏବଂ ସ୍ୱଚ୍ଛ ବାୟୁ ମେଣ୍ଟକୁ ୧୦ ମିଲିୟନ ଡଲାର ଆବଣ୍ଟନ କରିବାକୁ ଘୋଷଣା କରିସାରିଛି। ମିଥେନ ନିର୍ଗମନ ହ୍ରାସ ଯୋଜନା ପ୍ରସ୍ତୁତ ଲାଗି ୩୦ ଦେଶକୁ ସାହାଯ୍ୟ କରିବାକୁ ଏଭଳି କରିଛି। ନିର୍ଗମନ କମ୍ କରିବା ସକାଶେ ନୂତନ ଆବିଷ୍କାରଗୁଡ଼ିକୁ ସହଯୋଗ କରିବାକୁ ଉକ୍ତ ହବ୍ ଏଗ୍ରିକଲ୍‌ଚର ଇନୋଭେଶନ ମିଶନ୍ ଫର୍ କ୍ଲାଇମେଟ୍ ସହ ମଧ୍ୟ ଯୋଗଦେଇଛି। ଏଣୁ ଏନ୍‌ଜିଓ ଓ ତୃଣମୂଳ ସ୍ତରରେ ସଂଗଠନଗୁଡ଼ିକୁ ସହଯୋଗ କରି ପଶୁପାଳନ (ବୈଶ୍ୱିକ ମିଥେନ୍ ନିର୍ଗମନର ୩୦% ), ତୈଳ ଓ ଗ୍ୟାସ ( ୨୫%) ଏବଂ ବାହାରେ ଠୁଳ ହେଉଥିବା ବର୍ଜ୍ୟ(୧୫%)ରୁ ନିର୍ଗମନ ହ୍ରାସ କରିବା ପାଇଁ ପ୍ରକ୍ରିୟାରେ ଉନ୍ନତି ଆଣିବା ହବ୍‌ର ମୁଖ୍ୟ ଲକ୍ଷ୍ୟ ହେବ।



ତୈଳ ଓ ବାଷ୍ପ କ୍ଷେତ୍ରକୁ ବିଚାର କରାଯାଉ। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଇଏ) ଆକଳନ ଅନୁଯାୟୀ, ଏବେ ଏହି କ୍ଷେତ୍ରରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକୁ ଅନେକ ଦେଶ ଗ୍ରହଣ କଲେ ନିର୍ଗମନ ଅଧା କମାଯାଇପାରିବ। ଆଇଇଏ ଅନୁସାରେ, ଉପଲବ୍ଧ ହେଉଥିବା ଅତିରିକ୍ତ ପଦକ୍ଷେପ ଦ୍ୱାରା ବୈଶ୍ୱିକ ତୈଳ ଓ ବାଷ୍ପ କାର୍ଯ୍ୟଧାରାରୁ ଟେକ୍‌ନିକାଲି ମିଥେନ ନିର୍ଗମନ ଏକ ତୃତୀୟାଂଶ ହ୍ରାସ କରିବା ସମ୍ଭବ ହେବ। ଟେକ୍‌ନୋଲୋଜି ଓ ଅନ୍ୟ ସବୁ ବ୍ୟବସ୍ଥାର ସୁଯୋଗ ନେଇ ସବୁଠୁ ଅଧିକ ମିଥେନ ନିର୍ଗମନକାରୀ ସେକ୍ଟରଗୁଡ଼ିକୁ ନଜରରେ ରଖି ନୀତି ନିର୍ଦ୍ଧାରକମାନେ ଜଳବାୟୁ କାର୍ଯ୍ୟକ୍ରମକୁ ଆଗେଇ ନେଇପାରିବେ ଏବଂ ତୈଳ ଓ ବାଷ୍ପ କାର୍ଯ୍ୟକଳାପ ଚାଲୁଥିବା ସ୍ଥାନ ନିକଟରେ ରହୁଥିବା ଲୋକମାନଙ୍କୁ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଉପକାର ପହଞ୍ଚାଇପାରିବେ। ମିଥେନ ସହ କ୍ଷତିକାରକ କଣିକା ନିର୍ଗତ ହେଉଥିବା ତୈଳ ଓ ବାଷ୍ପ କୂପ ନିକଟରେ ଥିବା ବସତିରେ ଶ୍ୱାସ ହାର ବଢ଼ିବା, କମ୍ ଓଜନର ଶିଶୁ ଜନ୍ମ ନେବା, ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ହେବା ଭଳି ସମସ୍ୟା ବୃଦ୍ଧି ପାଇବାର ଗବେଷଣାଲବ୍ଧ ପ୍ରମାଣ ରହିଛି। ଏଣୁ ଏହି ସେକ୍ଟରରେ ମିଥେନ ନିର୍ଗମନ ହ୍ରାସ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ହିଁ ପ୍ରଥମ ପଦକ୍ଷେପ। ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଗ୍ୟାସ ଇନ୍ଧନ ଚାଳିତ ଷ୍ଟୋଭ ଏବଂ ୱାଟର ହିଟରରୁ ମିଥେନ ନିର୍ଗତ ହୋଇ ଘର ଭିତର ଓ ବାହାର ପରିବେଶକୁ ପ୍ରଦୂଷିତ କରୁଛି। ଏହାର ସମାଧାନ ଲାଗି ନୀତିନିର୍ଦ୍ଧାରକମାନେ ଅକ୍ଷୟ ଶକ୍ତି କ୍ଷମତା ଓ ବିଦ୍ୟୁତୀକରଣକୁ ବ୍ୟାପକ ସମ୍ପ୍ରସାରିତ କରିବା ଉଚିତ।

କୃଷି ଓ ବର୍ଜ୍ୟ ପରିଚାଳନାରୁ ବାହାରୁଥିବା ମିଥେନ ପରିମାଣ କମାଇବା ଲାଗି ମଧ୍ୟ ବହୁ ସୁଯୋଗ ରହିଛି। ପଶୁଙ୍କୁ ଉନ୍ନତ ମାନର ଚାରା ଖାଇବାକୁ ଦେଇ ପାକକ୍ରିୟାରେ ଅନ୍ତନଳୀରୁ ନିର୍ଗତ ମିଥେନ ପରିମାଣ ହ୍ରାସ କରାଯାଇପାରିବ। ବର୍ଜ୍ୟରୁ ପ୍ରକ୍ରିୟାକରଣ ପଦ୍ଧତିରେ ବିଦ୍ୟୁତ ଯୋଗାଇଦେଲେ ମିଥେନ ନିର୍ଗମନ ହ୍ରାସ ପାଇବ। ତେବେ ହଠାତ୍ ମିଥେନ ନିର୍ଗମନ ହ୍ରାସ କରିବା ଏକ କଠିନ ବ୍ୟାପାର ଏବଂ ବୈଶ୍ୱିକ ମିଥେନ ସଙ୍କଳ୍ପ ମଧ୍ୟ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇ କରିବା ଲାଗି ଏଭଳି ପଦକ୍ଷେପଗୁଡ଼ିକର ଗୁରୁତ୍ୱ ସମ୍ପର୍କରେ ବିଶ୍ୱସ୍ତରରେ ସଚେତନତା ବଢ଼ାଉଛି। କିନ୍ତୁ ପ୍ରତିବଦ୍ଧତାକୁ ବାସ୍ତବ ପ୍ରଗତିରେ ପରିବର୍ତ୍ତନ କରିବା ଏତେ ସହଜ ହେବ ନାହିଁ। ସେଥିପାଇଁ ମିଥେନ ନିର୍ଗମନ ହ୍ରାସ କରିବା ଯୋଗୁ କେଉଁ ସ୍ୱାସ୍ଥ୍ୟଗତ ଉପକାର ମିଳୁଛି, ତାହାକୁ ଲୋକଲୋଚନକୁ ଆଣିବା ଗୁରୁତ୍ୱପୂର୍ଣ୍ଣ। ମିଥେନ ନିର୍ଗମନ ହ୍ରାସ କରିବା ଏବଂ ବିଶ୍ୱରେ ସାର୍ବଜନୀନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ଗବେଷକ, ସମାଜ, ସ୍ୱାସ୍ଥ୍ୟ କର୍ମୀଙ୍କ ସାହାଯ୍ୟରେ ଆମେ ଏକ ସହଯୋଗୀ, ସହଭାଗୀ ପ୍ରକ୍ରିୟା ଗଢ଼ିବା ସହ ନିବେଶ ପାଇଁ ଉତ୍ତମ ସ୍ଥିତି ସୃଷ୍ଟି କରିବା ଉଚିତ।

# ଅହଂମତ୍ତତା



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ମଣିଷ ଅହଂମତ୍ତ ହେଲେ ଅନ୍ଧ ଭଳି ଦିଗ୍ ବିଦିଗ୍-ଶୂନ୍ୟ ହୋଇ ବିବେକର ବିଚାର ଏବଂ ଆଦର୍ଶବୋଧକୁ ସମ୍ପୂର୍ଣ୍ଣ ଉପେକ୍ଷା କରି ଅପରିଣାମଦର୍ଶୀ କାର୍ଯ୍ୟ କଳାପ ଦ୍ୱାରା ନିଜର ତଥା ନିଜ ପରିବେଶ ଏବଂ ଦେଶ ଓ ଦଶର ସମୂହ ଧ୍ୱଂସର କାରଣ ହୋଇଥାଏ । ପୁରାଣ-ଇତିହାସ ପୃଷ୍ଠାରୁ ଜଣାଯାଏ କ୍ଷମତା ମଦରେ ଅଭିଭୂତ ହୋଇ ଅତୀତରେ ଅନେକ ରାଜା, ମହାରାଜା, ସମ୍ରାଟ ଏବଂ ରାଷ୍ଟ୍ରନାୟକମାନେ ନିଜର ତଥା ନିଜ ଦେଶର ବିନାଶର କାରଣ ହୋଇଛନ୍ତି। ସମ୍ପ୍ରତି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଦ୍ୱାରା ୟୁକ୍ରେନ୍ ଉପରେ ପ୍ରଚଣ୍ଡ ଆକ୍ରମଣ ତଥା ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରି ଅଗଣିତ ନିରୀହ ମଣିଷ-ବୃଦ୍ଧ-ଶିଶୁ-ନାରୀ-ପୀଡ଼ିତମାନଙ୍କର ଅସୀମ ଦୁଃଖ-ଦୁର୍ଦ୍ଦଶାର କାରଣ ହେବା ସେହିପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାର ଅନ୍ତିମ ପରିଣତି ସ୍ୱରୂପ ଭୟଙ୍କର ଆଣବିକ ଯୁଦ୍ଧଜନିତ ମହାବିନାଶକୁ ଆମନ୍ତ୍ରଣ କରିବାର ଆଶଙ୍କା ଦେଖାଦେଇଛି। ନାଟୋ ଏବଂ ୟୁରୋପୀୟ ଦେଶଗୁଡ଼ିକ ରୁଷିଆ ଉପରେ ନାନା ପ୍ରକାର ଅର୍ଥନୈତିକ କଟକଣା ପ୍ରୟୋଗ କରିବା ହେତୁ ଅଚିରେ ରୁଷୀୟ ଅର୍ଥନୀତି ବିଧ୍ୱସ୍ତ ହେବାର ସମ୍ଭାବନା ଦେଖାଦେଇଛି। ଏଣେ ଆମେରିକାର ଆର୍ଥିକ ତଥା ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ବଳୀୟାନ ହୋଇ ୟୁକ୍ରେନ୍ ରୁଷୀୟ ସେନାକୁ ମୁକାବିଲା କରୁଛି। ୟୁକ୍ରେନ୍‌କୁ ରୁଷୀୟ ସେନା ସମ୍ପୂର୍ଣ୍ଣ ଅଧିକାର କରିପାରିନାହିଁ। କିମ୍ବା ଆତ୍ମସମର୍ପଣ କରିବାକୁ ବାଧ୍ୟ କରିପାରିନାହିଁ।

ବର୍ତ୍ତମାନ ପୁଟିନ୍‌ଙ୍କ ପାଇଁ ୟୁକ୍ରେନ୍ 'ନାଗସାପର ଚୁଚୁନ୍ଦ୍ରା ଗିଳିବା' ଭଳି ହୋଇଛି। ଅର୍ଥାତ୍ ନା ଗିଳିପାରୁଛି ନା ଓକାଳି ପାରୁଛି। ଜଣେ ବିଚକ୍ଷଣ କୂଟନୀତିଜ୍ଞ ଏବଂ ବୁଦ୍ଧିମାନ ରାଷ୍ଟ୍ରମୁଖ୍ୟ ହୋଇ ମଧ୍ୟ ସେ କିପରି ଏଭଳି ଅପରିଣାମଦର୍ଶୀ ପଦକ୍ଷେପ ଗ୍ରହଣ କଲେ ତାହା ହିଁ ଆଶ୍ଚର୍ଯ୍ୟର କଥା। ଏହାକୁ କହନ୍ତି ଅହଂମତ୍ତତା, ଏଭଳି ପରିସ୍ଥିତି ଯୋଗୁ ଭାରତ ମଧ୍ୟ ଆନ୍ତର୍ଜାତିକ ସ୍ତରରେ ଅତ୍ୟନ୍ତ ଜଟିଳ ପରିସ୍ଥିତି ଭିତରକୁ ଟାଣି ହୋଇଯାଇଛି। କାରଣ ରୁଷିଆ ଭାରତର ଏକ ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ବନ୍ଧୁ ହୋଇ ଆସିଛି, ବିଶେଷ କରି କଶ୍ମୀର ବ୍ୟାପାରରେ ଆନ୍ତର୍ଜାତିକ ସ୍ତରରେ ଭାରତକୁ ଅନ୍ଧ ଭାବେ ସମର୍ଥନ ଦେଇଛି। ତେଣୁ ନୀତିଗତ ଭାବେ ଭାରତ ରୁଷିଆକୁ ସମର୍ଥନ ଜଣାଇବାକୁ ବାଧ୍ୟ। କିନ୍ତୁ ପୁଟିନ୍‌ଙ୍କ ନୀତି ବିରୁଦ୍ଧ କାର୍ଯ୍ୟକଳାପ ଏବଂ ଯୁଦ୍ଧଖୋର ମନୋଭାବ ଯୋଗୁ ସମଗ୍ର ବିଶ୍ୱର ଜନମତ ତାହା ବିରୋଧରେ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ତାହାର ସମର୍ଥକ ଭାବରେ ଭାରତ ମଧ୍ୟ ବିଶ୍ୱଦରବାରରେ ନିନ୍ଦିତ ହେଉଛି। ଏଭଳି ପରିସ୍ଥିତିରେ ଭାରତ କେତେଦିନ ପୁଟିନ୍‌ଙ୍କ ନୀତିକୁ ସମର୍ଥନ ଦେଇପାରିବ ତାହାହିଁ ଚିନ୍ତାର ବିଷୟ। ଅନ୍ୟାୟ କରୁଥିବା ବ୍ୟକ୍ତିକୁ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ସମର୍ଥନ କରିବା ଅନ୍ୟାୟ ସହିତ ସମାନ। 'ସତ୍ୟାନୁସରଣ'ରେ କୁହାଯାଇଛି- "ତୁମ ବନ୍ଧୁ ଯଦି କୁପଥରେ ଯାଏ, ଆଉ ତୁମେ ଯଦି ତାକୁ ଫେରାଇବାକୁ ଚେଷ୍ଟା ନ କର ବା ତ୍ୟାଗ କର, ତା'ର ଶାସ୍ତି ତୁମକୁ ମଧ୍ୟ ତ୍ୟାଗ କରିବ ନାହିଁ।" ତେଣୁ ଆମ ପ୍ରଧାନମନ୍ତ୍ରୀଙ୍କୁ ଏବେ ସମସ୍ତ କୂଟନୈତିକ କୌଶଳ ପ୍ରୟୋଗ କରି ପୁଟିନ୍‌ଙ୍କୁ ଯୁଦ୍ଧରୁ ନିବୃତ୍ତ କରିବା ଏକାନ୍ତ କର୍ତ୍ତବ୍ୟ ବୋଲି ମନେହୁଏ। ଅବଶ୍ୟ ୟୁକ୍ରେନ୍‌ରେ ଏହି ବିସ୍ଫୋରକ ପରିସ୍ଥିତି ପାଇଁ ପୁଟିନ୍ ଏକାମାତ୍ର ଦାୟୀ ନୁହନ୍ତି। ଆଜି ରୁଷିଆ ଏବଂ ୟୁକ୍ରେନ୍‌ର ପରିସ୍ଥିତିକୁ ଅତୀତର ଭାରତ-ପାକିସ୍ତାନ ସମ୍ପର୍କ ସହିତ ତୁଳନା କରାଯାଇପାରେ। ପାକିସ୍ତାନ ଭାରତ-ଭୂଖଣ୍ଡରୁ ଅଲଗା ହେବା ପରେ ଆମେରିକା ତାହାକୁ ପ୍ରକାଶ୍ୟରେ ଅଥବା ଗୁପ୍ତରେ ନାନାପ୍ରକାର ଅସ୍ତ୍ରଶସ୍ତ୍ର ସାହାଯ୍ୟ କରି ପରୋକ୍ଷରେ ଭାରତ ବିରୋଧରେ ପ୍ରରୋଚିତ କରିଆସିଛି। ଯାହାଫଳରେ ପାକିସ୍ତାନ ଭାରତର ଚିରଶତ୍ରୁ ହେବା ସଙ୍ଗେ ସଙ୍ଗେ ଦୀର୍ଘ ପଚାଶବର୍ଷରୁ ଊର୍ଦ୍ଧ୍ୱ ସମୟ ଭାରତ ସହିତ ସୀମା ବିବାଦ ଏବଂ ଯୁଦ୍ଧ ବିଗ୍ରହରେ ଲିପ୍ତ ରହିଛି। ଅନୁରୂପ ଭାବେ ୟୁକ୍ରେନ୍ ସୋଭିଏଟ ୟୁନିୟନରୁ ଅଲଗା ହେବା ପରେ ଆମେରିକା ତାହା ସହିତ ମିତ୍ରତା ଜମାଇ ତାକୁ ରୁଷିଆ ବିରୋଧରେ ଉସୁକାଇ ଚାଲିଛି ଏବଂ ଏହି ଯୋଜନାକୁ ଆଗେଇ ନେବା ପାଇଁ ୟୁକ୍ରେନ୍‌କୁ ନାଟୋ ସଂଗଠନର ସଦସ୍ୟ କରିବାକୁ ମସୁଧା କରିଛି।

ୟୁକ୍ରେନ୍ ରାଷ୍ଟ୍ରପତି ଆମେରିକାର ହାତବାରିସି ଭଳି କାର୍ଯ୍ୟ କରୁଛନ୍ତି। ମାତ୍ର ପୁଟିନ୍ ଏହି ଚକ୍ରାନ୍ତକୁ ପଣ୍ଡ କରିବାକୁ ଦୃଢ଼ସଂକଳ୍ପ। ଯାହା ହେଉନା କାହିଁକି ଏହି ଧ୍ୱଂସାତ୍ମକ ଯୁଦ୍ଧ ବନ୍ଦ ହୋଇ ଶାନ୍ତି ଫେରିଆସୁ ଏବଂ ଏଥିପାଇଁ ଭାରତକୁ ସକ୍ରିୟ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡ଼ିବ।

**ପ୍ଲଟ୍ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର**
**ମୋ: ୯୪୩୭୨୮୭୯୬୪**

## ଏଇ ଭାରତରେ

ଝାଡ଼ଖଣ୍ଡର କନ୍ଦୋନି ସୋରେନଙ୍କ ଅଦମ୍ୟ ସାହସ ଓ ନିଷ୍ଠା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଲୋକେ ତାଙ୍କୁ କହୁଛନ୍ତି 'ଜଙ୍ଗଲର ସିଂହୀ'। କନ୍ଦୋନି ତାଙ୍କ ଗାଁ ସରକାଘାଟର ୪୦ ଜଣ ଆଦିବାସୀ ମହିଳାଙ୍କୁ ଏକାଠି କରି ୨୫୦ ଏକର ଜଙ୍ଗଲ ଜଗିଥିବାରୁ ତାଙ୍କୁ ଲୋକେ ଏଭଳି ସମ୍ବୋଧନ କରୁଛନ୍ତି। ବେଆଇନ ଭାବେ ଗଛ କାଟୁଥିବା ବ୍ୟକ୍ତିଙ୍କୁ ସୋରେନ ଏବଂ ତାଙ୍କ ଟିମ୍‌ର ମହିଳାମାନେ ଦୃଢ଼ତାର ସହ ମୁକାବିଲା କରୁଛନ୍ତି। ସେମାନେ ପାଳି କରି ଦିନରାତି ଜଙ୍ଗଲ ଜଗୁଛନ୍ତି। ପ୍ରତିଦିନ ସକାଳେ ସେମାନେ ହାତରେ ଧନୁତୀର ଓ ଠେଙ୍ଗା ଧରି ଜଙ୍ଗଲକୁ ବାହାରି ଯାଆନ୍ତି। ଜାମସେଦପୁର ପୋଲିସରେ କନ୍ଦୋନି ଗୃହରକ୍ଷୀ ଭାବେ କାର୍ଯ୍ୟ କରିବା ସହ ୨୦୧୧ରୁ ଏହି ଅଭିଯାନ ଚଳାଉଛନ୍ତି। ସେ ଦିନରେ ଡ୍ୟୁଟି କରି ରାତିରେ ଜଙ୍ଗଲ ସୁରକ୍ଷାରେ ମହିଳାମାନଙ୍କ ସହ ରହୁଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ସେ ପଞ୍ଚାୟତରୁ ଆରମ୍ଭ କରି ଜଙ୍ଗଲ ବିଭାଗକୁ ଜଣାଇବା ପରେ କୌଣସି ସୁଫଳ ନ ମିଳିବାରୁ ଗାଁର ମହିଳାମାନଙ୍କୁ ଏକାଠି କରି 'ହରିୟାଲୀ ସକ୍କମ' ଅର୍ଥାତ୍ 'ସବୁଜ ପତ୍ର' ନାମରେ ଜଙ୍ଗଲ ସୁରକ୍ଷା କମିଟି ଗଠନ କରିଥିଲେ। ଏମାନଙ୍କ ପ୍ରୟାସରେ ୮୦-୯୦ ପ୍ରତିଶତ ବେଆଇନ ଗଛକଟା ରୋକାଯାଇ ପାରିଛି।

## ୨୫ ବର୍ଷ ତଳର ଧରିତ୍ରୀ
DHARITRI

୨୨ ଏପ୍ରିଲ ୧୯୯୭

- ପରିଚାଳନାଗତ ତ୍ରୁଟି ଓ ବିକିରଣଜନିତ ବାରମ୍ବାର ଦୁର୍ଘଟଣା ଯୋଗୁ ଜାପାନ ସରକାର ସ୍ଥାୟୀ ଭାବରେ ଫାଷ୍ଟ ବ୍ରିଡର ରିଆକ୍ଟର ପ୍ଲାଣ୍ଟକୁ ବନ୍ଦ କରିଦେଇଛନ୍ତି।
- ମିଳିତ କଞ୍ଜରଭେଟିଭ୍ ସରକାରର ସୁରକ୍ଷା ପାଇଁ ଫ୍ରାନ୍ସକୁ ଏକକ ୟୁରୋପୀୟ ମୁଦ୍ରା ଭିତରେ ରଖିବା ଉଦ୍ଦେଶ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଜ୍ୟାକ୍ ଶିରାକ୍ ନ୍ୟାଶନାଲ ଆସେମ୍ବ୍ଲିକୁ ଭାଙ୍ଗିଦେଇ ସାନି ନିର୍ବାଚନ ଲାଗି ନିର୍ଦ୍ଦେଶ ଦେଇଛନ୍ତି।
- ରାଷ୍ଟ୍ରପତି ଡ. ଶଙ୍କର ଦୟାଲ ଶର୍ମା ଦେଶର ଦ୍ୱାଦଶ ପ୍ରଧାନମନ୍ତ୍ରୀ ଭାବେ ଇନ୍ଦର କୁମାର ଗୁଜରାଲଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି।

# ମହାବିଲୁପ୍ତି ପଥେ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଦ୍ରୁତ ଗତିରେ ଜୀବଜଗତ ଲାଗି ବାସୋପଯୋଗିତା ହରାଇବାରେ ଲାଗିଛି ଧରିତ୍ରୀ। ତା'ର ଯେଉଁ ସମୁନ୍ନତ ପରିବେଶ ଏହାର ଆବିର୍ଭାବ, ବିକାଶ ଏବଂ ଧାରଣ ପାଇଁ ଅନୁକୂଳ ଥିଲା, ତାହା ଏବେ ଘୋର ବିପର୍ଯ୍ୟୟର ସମ୍ମୁଖୀନ। ଆମର ଲୋଭଗ୍ରସ୍ତ ବସ୍ତୁବାଦୀ ଜୀବନଧାରା ପ୍ରାକୃତିକ ସଂସାଧନରେ ଘୋର ଅପଚୟ ଘଟାଇ ଚାଲିଛି, ଯାହାକି ପୁନଃପୂରଣ କରିବାର ସାମର୍ଥ୍ୟ ରହୁଛି ଧରିତ୍ରୀର। ଅତଏବ ତାହାର ଅପୂରଣୀୟ କ୍ଷତି ଘଟୁଛି ଏବଂ ପରିବେଶ ଅଧିକରୁ ଅଧିକ ବାସ ପାଇଁ ଅନୁପଯୋଗୀ ହୋଇ ଚାଲିଛି। ଏକ ଗଣନାରୁ ଜଣାପଡ଼ିଛି ଯେ ବିକାଶ ନାମରେ ନିଜର ଅସରନ୍ତି ତଥା ସଦା ଅତୃପ୍ତ ଲାଳସାର ତୃପ୍ତି ନିମନ୍ତେ ଆମେ ଏବେ ଯେଉଁ ହାରରେ ପ୍ରାକୃତିକ ସଂସାଧନର ଉପଯୋଗ କରିଚାଲିଛେ, ତାହା ଗୋଟିଏ ଧରିତ୍ରୀ ଦ୍ୱାରା ପୂରଣ ଅସମ୍ଭବ । ସେଥିପାଇଁ ଲୋଡ଼ା ତହିଁରୁ ୧.୭ ଟି। ଜନସଂଖ୍ୟା ବୃଦ୍ଧି, ସହରୀକରଣ ଏବଂ ସର୍ବୋପରି ଲାଳସା ଏହାର ଗୋଟିଏ ଗୋଟିଏ କାରଣ। ଏହାର ପରିପ୍ରକାଶ ଘଟୁଛି ପରିବେଶ ପ୍ରଦୂଷଣ, ନାନାଦି ପରିସଂସ୍ଥୀୟ ବିପର୍ଯ୍ୟୟ, ଜାଗତିକ ଉଷ୍ଣତା ବୃଦ୍ଧି ଇତ୍ୟାଦି ମାଧ୍ୟମରେ।

ସମୟାନୁକ୍ରମେ ଆମେ କିପରି ପ୍ରାକୃତିକ ସଂସାଧନକୁ ଅଧିକରୁ ଅଧିକ ଅପଚୟ କରି ଚାଲିଛେ ଏବଂ ଏହି ସମ୍ପଦକୁ ଗୋଟିଏ ବର୍ଷର କେଉଁଦିନ ମଧ୍ୟରେ ଶେଷ କରି ଦେଉଛେ ତାହାର ଆକଳନ ଲାଗି ସୂତ୍ରଟିଏ ନିର୍ଦ୍ଧାରଣ କରାଯାଉଛି। ସେହି ଦିନଟି ପରେ ଏହାର ଯେଉଁ ଅପବ୍ୟୟ ହେବାରେ ଲାଗିଛି ତାହା ଧରିତ୍ରୀର କ୍ଷତି ଘଟାଉଛି ଅପୂରଣୀୟ ଭାବେ। ଫଳରେ ହଜି ହଜି ଯାଉଛି ଏହାର ଜୀବଜଗତକୁ ଧାରଣ କରିବାର ସାମର୍ଥ୍ୟ। ଅର୍ଥନୀତିଜ୍ଞ ଏବଂ ବୈଜ୍ଞାନିକମାନେ ଉକ୍ତ ଦିନଟିକୁ ଆଗରୁ କହୁଥିଲେ ପରିସଂସ୍ଥୀୟ ଋଣ ଦିବସ ବା 'ଇକୋଲୋଜିକାଲ୍ ଡେବ୍‌ଟ ଡେ'। ଏବେ ଏହାକୁ 'ଆର୍ଥ ଓଭରସୁଟ୍ ଡେ' ବା ଧରିତ୍ରୀର ସାମର୍ଥ୍ୟ ଅତିକ୍ରମ ଦିବସ' ବୋଲି କୁହାଯାଉଛି। ଏହା ଗଣନା କରାଯାଉଛି ଧରିତ୍ରୀର ଜୈବ ସକ୍ଷମତା ବା 'ବାୟୋକାପାସିଟି' (ବର୍ଷକ ମଧ୍ୟରେ ପୃଥିବୀରେ ଉତ୍ପନ୍ନ ହେଉଥିବା ପ୍ରାକୃତିକ ସଂସାଧନର ପରିମାଣ)କୁ ତା'ର ପରିସଂସ୍ଥୀୟ ପଦଚିହ୍ନ ବା 'ଇକୋଲୋଜିକାଲ୍ ଫୁଟ୍ ପ୍ରିଣ୍ଟ' (ସେ ବର୍ଷ ମଣିଷଜାତି ଉପଯୋଗ କରିଥିବା ପୃଥିବୀର ସଂସାଧନର ପରିମାଣ)ରେ ବିଭାଜିତ କରି ଭାଗଫଳକୁ ୩୬୫ (ବର୍ଷକ ମଧ୍ୟରେ ଦିବସ ସଂଖ୍ୟା)ରେ ଗୁଣନ କରିବା ଦ୍ୱାରା। ଅର୍ଥନୈତିକ ଦୃଷ୍ଟିକୋଣରୁ ବର୍ଷର ଏହି ଦିନ ଆମେ, ଅର୍ଥାତ୍ ମଣିଷ ଜାତି ପରିସଂସ୍ଥୀୟ ବ୍ୟୟ 'ଅଭାବ' ମଧ୍ୟକୁ ପ୍ରବେଶ କଲା ବୋଲି କୁହାଯାଏ।

ମଣିଷ ଜାତିର ଆବଶ୍ୟକତା ମେଣ୍ଟାଇବା ପାଇଁ ଲୋଡ଼ା ହେଉଥିବା ପ୍ରାକୃତିକ ସଂସାଧନ ତଥା ପରିସଂସ୍ଥୀୟ ସେବାର ଆକଳନ କରୁଥିବା ଅନ୍ୟତମ ଅନୁଷ୍ଠାନ 'ଗ୍ଲୋବାଲ୍ ଫୁଟ୍ ପ୍ରିଣ୍ଟ୍ ନେଟ୍‌ୱର୍କ' ୨୦୦୭ ମସିହାଠାରୁ ପ୍ରତିବର୍ଷ ବିଶ୍ୱରେ ଧରିତ୍ରୀର ସୀମିତ ସଂସାଧନ ସମ୍ପର୍କରେ ସଚେତନତାର ପ୍ରସାର ଲାଗି 'ଧରିତ୍ରୀ ସାମର୍ଥ୍ୟ ଅତିକ୍ରମ ଦିବସ' ବା 'ଆର୍ଥ ଓଭରସୁଟ୍ ଡେ' ପାଳନ କରିଆସୁଛି। ଏଥିସହିତ ଯୋଗଦେଇଛି 'ୱାର୍ଲ୍ଡ ୱାଇଲ୍ଡ ଲାଇଫ୍ ଫଣ୍ଡ'। ଏମାନଙ୍କ ଆକଳନ ଅନୁସାରେ ଏବେ ଆମେ ସମଗ୍ର ବର୍ଷକ ମଧ୍ୟରେ ଧରିତ୍ରୀ ଯୋଗାଇପାରିବା ପ୍ରାକୃତିକ ସଂସାଧନକୁ ମାତ୍ର ୮ମାସ ମଧ୍ୟରେ ଶେଷ କରି ଦେଉଛୁ।

ମଣିଷ ଜାତିର ଇତିହାସରେ ଅଧିକାଂଶ ସମୟ ଲାଗି ଆମେ ବିନିଯୋଗ କରିଆସୁଥିବା ପ୍ରାକୃତିକ ସଂସାଧନ ଧରିତ୍ରୀର ବଜେଟ ମଧ୍ୟରେ ସୀମିତ ରହୁଥିଲା। କିନ୍ତୁ ୧୯୭୦ ଦଶକଠାରୁ ତାହାର ସର୍ବୋଚ୍ଚ ସୀମା ଉଲ୍ଲଂଘନ ହୋଇ ଚାଲିଛି- ଆମ ଉପଯୋଗ ଆମ ଗ୍ରହ ଯେତିକି ପୁନଃ ଉତ୍ପାଦନ କରିବାକୁ ସମର୍ଥ ତାହା ଅତିକ୍ରମ କରିଯାଉଛି। 'ଗ୍ଲୋବାଲ ଫୁଟ୍ ପ୍ରିଣ୍ଟ ନେଟ୍‌ୱର୍କ'ର ସୂଚନା ଅନୁସାରେ ବର୍ତ୍ତମାନ ଆମର ପୁନଃ ନବୀକରଣକ୍ଷମ ପରିସଂସ୍ଥୀୟ ସଂସାଧନ ଏବଂ ତାହା ଯୋଗାଉଥିବା ସେବା ଗୋଟିଏ ନୁହେଁ, ବରଂ ୧.୭ଟି ଧରିତ୍ରୀ ସହନୀୟ ଭାବେ ଯୋଗାଇପାରିବ। ଚଳିତ ଶତାବ୍ଦୀର ମଧ୍ୟଭାଗ ବେଳକୁ ଏହା ୨ଟି ଧରିତ୍ରୀର ସମକକ୍ଷ ହୋଇଯିବ।

୨୦୨୦ରେ 'ସର୍କୁଲାର ଇକୋନୋମି' ସଂସ୍ଥା ଦ୍ୱାରା ପ୍ୟାରିସ୍‌ଠାରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏବେ ମଣିଷ ଜାତି ବାର୍ଷିକ ୧୦୦ ବିଲିୟନ ଟନ୍‌ରୁ ଅଧିକ ପ୍ରାକୃତିକ ସଂସାଧନ ବ୍ୟବହାର କରୁଛି। ୨୦୧୫ ରେ ଏହା ୯୩ ବିଲିୟନ ଟନ୍ ଥିଲା ବେଳେ ୨୦୧୭-୧୮ ବେଳକୁ ତାହା ୧୦୦.୬ ବିଲିୟନ ଟନ୍‌ରେ ପହଞ୍ଚି ଯାଇଥିଲା। ପୁନଶ୍ଚ ଏହି ସମୟ ମଧ୍ୟରେ ବ୍ୟବହୃତ ପଦାର୍ଥର ପୁନଃ ଚକ୍ରଣ କ୍ରମେ ୯.୧ ଶତାଂଶରୁ ୮.୬ ଶତାଂଶକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ, ୧୯୭୦ରୁ ୨୦୦୦ ମଧ୍ୟରେ ବିଶ୍ୱ ଜନସଂଖ୍ୟା ଦ୍ୱିଗୁଣିତ ହେବା ସଙ୍ଗେ ସଙ୍ଗେ ଜାଗତିକ ଅର୍ଥନୀତି ଚତୁର୍ଗୁଣିତ ଏବଂ ବ୍ୟବସାୟ ୧୦ଗୁଣକୁ ବଢ଼ିଛି। ଫଳରେ ସଂସାଧନ ତଥା ଶକ୍ତିର ଉପଯୋଗ ତଦନୁଯାୟୀ ବୃଦ୍ଧିପ୍ରାପ୍ତ ହେବାରେ ଲାଗିଛି। ଚଳିତ ଶତାବ୍ଦୀର ମଧ୍ୟଭାଗକୁ ପ୍ରାକୃତିକ ସଂସାଧନର ଆବଶ୍ୟକତା ୧୭୦-୧୮୪ ବିଲିୟନ ଟନ୍‌ରେ ପହଞ୍ଚି ଯାଇପାରେ ବୋଲି ଏଥିରେ ସୂଚିତ କରାଯାଇଛି। ଏପରିସ୍ଥଳେ, ଧରିତ୍ରୀର 'ଓଭରସୁଟ୍' ଦିବସ ତଦନୁଯାୟୀ ଅଧିକରୁ ଅଧିକ ନିକଟତର ହୋଇଚାଲିବ।

ଏହି ଦିବସ ସମ୍ପର୍କରେ ପ୍ରଥମେ ୧୯୭୦ ବେଳକୁ ସୂଚିତ କରାଗଲା ସମୟରେ ତାହା ଥିଲା ଡିସେମ୍ବର ୩୦ ତାରିଖ। ଅତଏବ ଧରିତ୍ରୀର ସଂସାଧନ ଉତ୍ପାଦନ ଏବଂ ଆମେ କରୁଥିବା ତାହାର ଉପଯୋଗ ପ୍ରାୟ ସମତୁଲ ଥିଲା। କିନ୍ତୁ ୧୯୭୫ ବେଳକୁ ତାହା ନଭେମ୍ବର ୩୦, ୧୯୮୦ ବେଳକୁ ନଭେମ୍ବର ୪, ୧୯୯୦ ବେଳକୁ ଅକ୍ଟୋବର ୧୦, ୨୦୦୦ ବେଳକୁ ସେପ୍ଟେମ୍ବର ୨୨ ଏବଂ ୨୦୧୦ ମସିହା ବେଳକୁ ଅଗଷ୍ଟ ୬ରେ ଶେଷ ହୋଇଗଲା। ଅନ୍ୟପକ୍ଷରେ ୨୦୧୮ ମସିହାରେ ଏହା ଜୁଲାଇ ୨୫ ହେଲାବେଳେ କୋଭିଡ୍ ୧୯ ମହାମାରୀ ଯୋଗୁ କଳକାରଖାନା ସମେତ ବିବିଧ ମଣିଷକୃତ କାର୍ଯ୍ୟକଳାପ ବନ୍ଦ ରହିବା ହେତୁ ଉକ୍ତ ଦିବସଟି ଆସିଯାଇଥିଲା ଅଗଷ୍ଟ ୨୨ ତାରିଖକୁ। ତେବେ ୨୦୨୧ରେ ପୁଣି ଜୁଲାଇ ୨୯କୁ ଚାଲିଗଲା ଏବଂ ଚଳିତବର୍ଷ, ୨୦୨୨ରେ ସେ ଦିନଟି ଜୁଲାଇ ୨୫ କିମ୍ବା ୨୬ ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଅତଏବ ବର୍ଷସାରା ଧରିତ୍ରୀ ଯେତିକି ସଂସାଧନ ସୃଷ୍ଟି କରିବାକୁ ସକ୍ଷମ ତାହା ପ୍ରାୟ ୬ ମାସ ମଧ୍ୟରେ ଶେଷ ହୋଇଯିବ। ଅନ୍ୟଭାଷାରେ କହିବାକୁ ଗଲେ ଆମ ସର୍ବଗ୍ରାସୀ ଲାଳସା ମେଣ୍ଟାଇବାକୁ ଲୋଡ଼ା ହେବ ଦୁଇଟି ପୃଥିବୀ। ଏହାର ପରିଣାମ ଯେ ଆଗକୁ ଭୟଙ୍କର ଏଥିରେ କେହି ଦ୍ୱିମତ ନୁହନ୍ତି, କିନ୍ତୁ ଏଥିନେଇ ଉଚିତ ପଦକ୍ଷେପ ନେବାକୁ ସମସ୍ତେ ପଶ୍ଚାତ୍‌ପଦ। ଉଦାହରଣ ସ୍ୱରୂପ, ଆମେରିକା ସମେତ କେତେକ ୟୁରୋପୀୟ ଦେଶଗୁଡ଼ିକରେ ମୁଣ୍ଡପିଛା ପ୍ରାକୃତିକ ସଂସାଧନ ଉପଯୋଗ ଅନେକ ବିକାଶଶୀଳ ଆଫ୍ରିକୀୟ ଦେଶ ତୁଳନାରେ ପ୍ରାୟ ୧୦ ଗୁଣ ଅଧିକ। ସେମାନେ ଦାୟିତ୍ୱବାନ୍ ହୋଇ ଏହା ହ୍ରାସ ନ କଲେ ସମସ୍ୟା ଗୁରୁତର ହୋଇଚାଲିବ। ଫଳରେ ଏବେ ଆରମ୍ଭ ହେବାକୁ ଲାଗିଥିବା ଷଷ୍ଠ ମହାବିଲୁପ୍ତି ପ୍ରକ୍ରିୟାର ଆଗମନ ଦ୍ରୁତରୁ ଦ୍ରୁତତର ହେବ।

**ମୋ-୯୯୩୭୯୮୫୭୬୬**

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | 7 | | 5 |
| | 2 | | | | 1 | | | |
| | | | 9 | | | | 4 | |
| | | 7 | | | | | | 6 |
| | | | 2 | | | | 1 | 4 |
| 2 | 3 | | | | 5 | | | |
| | | | | | | | 2 | 7 |
| 4 | | | | 2 | | | 5 | |
| | 6 | | 1 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 9 | 1 | 2 | 3 | 5 | 7 |
| 1 | 3 | 7 | 5 | 6 | 4 | 9 | 2 | 8 |
| 5 | 9 | 2 | 7 | 8 | 3 | 6 | 4 | 1 |
| 7 | 5 | 6 | 4 | 3 | 9 | 8 | 1 | 2 |
| 9 | 8 | 3 | 1 | 2 | 5 | 7 | 6 | 4 |
| 4 | 2 | 1 | 8 | 7 | 6 | 5 | 3 | 9 |
| 2 | 1 | 8 | 6 | 5 | 7 | 4 | 9 | 3 |
| 3 | 4 | 5 | 2 | 9 | 8 | 1 | 7 | 6 |
| 6 | 7 | 9 | 3 | 4 | 1 | 2 | 8 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଭାରତ ପରାକ୍ରମ ବୃଦ୍ଧି ସୁଯୋଗ

ମହାଶୟ,

ରୁଷିଆ ସୈନିକ ଭାବିଥିଲେ କ୍ରିମିଆ ଭଳି ୟୁକ୍ରେନ୍‌ର ଜନସାଧାରଣ ସେମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବେ। ବିଧିର ବିଧାନ ଆଜି ଭିନ୍ନ ଚିତ୍ର ଆଙ୍କିଛି। ରାସ୍ତାଘାଟରେ ୟୁକ୍ରେନ୍ ଜନସାଧାରଣଙ୍କ ମୃତଦେହ ବ୍ୟତୀତ ରୁଷିଆ ସୈନିକ ଓ ୟୁକ୍ରେନ୍ ସୈନିକଙ୍କ ଶବ ଶଢୁଛି। ବହୁ ଦେଶ ନିଜର ଆତ୍ମରକ୍ଷା ପାଇଁ ଆଜି ଅସ୍ଥିର ହୋଇଉଠିଛନ୍ତି। ସମଗ୍ର ବିଶ୍ୱ ଏବେ ଏକ ଆଶଙ୍କା ଭିତରେ ଗତି କରୁଛି। ଭାରତ ଗସ୍ତରେ ଯୁଦ୍ଧକାଳରେ ଆସି ରୁଷିଆର ବିଦେଶମନ୍ତ୍ରୀ ଘୋଷଣା କରିଛନ୍ତି ୟୁକ୍ରେନ୍ ବିବାଦରେ ଭାରତ ମଧ୍ୟସ୍ଥତା ଭୂମିକା ନିର୍ବାହ କଲେ ରୁଷିଆ ଖୁସି ହେବ। ଯୁଦ୍ଧର ବିଭୀଷିକା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏହି ବିନାଶ କାଳରେ ନୂଆଦିଲ୍ଲୀ ମଧ୍ୟସ୍ଥ ସାଜି ଉଭୟପକ୍ଷଙ୍କୁ ମନେଇନେବା ସମୟର ଆହ୍ୱାନ । ଭିଟୋ କ୍ଷମତା ପାଇବାକୁ ହେଲେ ଭାରତକୁ ବିଶ୍ୱ ପ୍ରସଙ୍ଗରେ ଅଦମ୍ୟ ସାହସ ଦେଖାଇବାକୁ ପଡ଼ିବ।

**-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

## କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ

ଓଡ଼ିଶା ସରକାର ସର୍ବଦା ଲୋକାଭିମୁଖୀ ପ୍ରଶାସନ ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚୁ ଏବଂ ଲୋକଙ୍କ ଦୁଃଖ ଶୁଣୁ ଏହା ସରକାରଙ୍କ ଲକ୍ଷ୍ୟ। ଲୋକଙ୍କ ପାଖରେ ସରକାରୀ ସୁବିଧା ସୁଯୋଗ ପହଞ୍ଚିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। କିଛି ସ୍ୱାସ୍ଥ୍ୟଗତ ମୌଳିକ ସମସ୍ୟାକୁ ନେଇ ବିଭାଗୀୟ କର୍ମଚାରୀମାନଙ୍କ ଗୋଟିଏ ସଂଘର ସଭାପତି ଭାବେ ମୁଁ ଚିନ୍ତିତ। ଉଚ୍ଚ କର୍ତ୍ତୃପକ୍ଷଙ୍କ ସାକ୍ଷାତ୍ ଆଲୋଚନାର ସୁଯୋଗ ପାଉନାହିଁ। ପ୍ରଶାସନର ସର୍ବୋଚ୍ଚ ସ୍ତରରେ ଥିବା ବରିଷ୍ଠ ପ୍ରଶାସକମାନେ ଲୋକଙ୍କଠାରୁ ହିଁ ବ୍ୟବସ୍ଥାର ପରିଚାଳନା ନେଇ ଠିକଣା ଖବର ପାଇଥା'ନ୍ତି। ହେଲେ ଏଭଳି ସ୍ୱର ଯଦି ଉଚ୍ଚ ସ୍ତରରେ ପ୍ରଶାସକଙ୍କ ନିକଟରେ ପହଞ୍ଚି ନ ପାରେ, ତେବେ ପ୍ରଶାସନରେ ଥିବା ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାର ସୁଧାର ଆସିପାରିବ ନାହିଁ।

**-ସତୀଶ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି କର୍ମଚାରୀ କଲ୍ୟାଣ ସଂଘ**

## ଚିରନ୍ତନୀ

ଜୀବନେ ଜୀବନେ ଚିର ସହଚର
ସଜାଇବ ଚିର ବିବାହ-ବାସର
ବଳିନାହିଁ ମୋର ବିବାହର ତିଥି
ସରିନାହିଁ ଯଉବନ
ମଧୁ ଶେଯୁଁ ମୋତେ ଜଗାଇବ ସେ ତ
ଲାଗିଲେ ଉଷା-ପବନ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁରେଶ୍ୱର


@ ସୂର୍ଯ୍ୟପତି


@ ଶୁଭେନ୍ଦ୍ର


@ ଅବିନାଶ


@ ଚିନ୍ମୟ


@ ଆଶିଷ

# ବିନା ଡିପିଆର୍‌ରେ କାର୍ଯ୍ୟକୁ ନାପସନ୍ଦ

ପୁରୀ ଅଫିସ,୨୧।୪

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**
- ଅନୁଧ୍ୟାନ କଲା ସଂସଦୀୟ କମିଟି
- ଏଏସ୍‌ଆଇ ସହ ରାଜ୍ୟ ସରକାରଙ୍କ ସମନ୍ୱୟ ରହୁ
- ଆମ୍‌ସାର୍ ଆକ୍ଟ ଅନୁଯାୟୀ କାମ ତ୍ୱରାନ୍ୱିତକୁ ଗୁରୁତ୍ୱ


କମିଟିର ସଦସ୍ୟମାନେ ପ୍ରକଳ୍ପସ୍ଥଳରେ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ଲାଗିରହିଥିବାବେଳେ ଗୁରୁବାର କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ସଂସଦୀୟ କମିଟି ପୁରୀ ଆସି ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଛି। କେତେକ କ୍ଷେତ୍ରରେ କାର୍ଯ୍ୟକୁ ନେଇ ଏହି କମିଟି ଅସନ୍ତୋଷ ପ୍ରକାଶ କରିଛି। ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ଅନୁମୋଦନ ନେଇ ସମୀକ୍ଷା କରାଯିବ। ଯଦି ଡିପିଆର୍ ବିନା କାର୍ଯ୍ୟ ହେଉଥାଏ ତେବେ ତାହା ଭୁଲ୍ ବୋଲି କମିଟିର ସଦସ୍ୟ କହିଛନ୍ତି।

ଏମ୍‌ପି ଟି.ଜି. ଭେଙ୍କଟେଶଙ୍କ ନେତୃତ୍ୱରେ ଆସିଥିବା ଏହି କମିଟିର ୨୨ଜଣିଆ ସଦସ୍ୟ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଦର୍ଶନ ବ୍ୟବସ୍ଥା, ସୁରକ୍ଷା ଏବଂ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ମେଘନାଦ ପାଚେରିଠାରୁ ୫୫ମିଟର ଦୂରରେ ଏକ ପ୍ରାଚୀର ନିର୍ମାଣ କରାଯିବ। ସେମାନେ ଉକ୍ତ ପ୍ରାଚୀର ପାଇଁ ନମୁନାର ଫଟୋ ଉଠାଇବା ସହ ପ୍ରକଳ୍ପ ସ୍ଥଳ ବୁଲି ଦେଖିଥିଲେ। ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିଥିଲେ। ଦକ୍ଷିଣ-ପୂର୍ବ ଦିଗରେ ଏମାର ମଠ ପଛ ପାର୍ଶ୍ୱରେ ହେଉଥିବା ଖନନର ଫଟୋ ଉତ୍ତୋଳନ କରିବା ସହ ଇମୋଟର ସହାୟତାରେ ପ୍ରକଳ୍ପସ୍ଥଳ ବୁଲିଥିଲେ। ଏହି କମିଟିର ସଦସ୍ୟ ତଥା ମହାରାଷ୍ଟ୍ର ଏମ୍‌ପି ଶମ୍ଭାଜୀ ରାଓ ଛତ୍ରପତି କେତେକ ନିର୍ମାଣ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ଭିତରେ ପଥର କାନ୍ଥରେ ନାଲି ରଙ୍ଗ ଲଗାଯାଇଛି। ସ୍ମାରକୀ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଯେତେ ଅଧିକ ସଂରକ୍ଷଣ ହୋଇପାରିବ ସେତେ ଭଲ। ରାଜ୍ୟ ସରକାର ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମିଳିତ ଭାବେ ସଂରକ୍ଷଣ ଉପରେ ଧ୍ୟାନ ଦେବା ଦରକାର। ସେହିଭଳି ଡିପିଆର୍ ଅନୁମୋଦନ ବିନା କାର୍ଯ୍ୟ ହେଉଥିଲେ ତାହା ଭୁଲ। ଡିପିଆର୍ ଅନୁମୋଦନ ସମ୍ପର୍କରେ ଏଏସ୍‌ଆଇ ଡିଜିଙ୍କ ସହ ଆଲୋଚନା କରାଯିବ। ଏଏସ୍‌ଆଇକୁ ବିଶ୍ୱାସକୁ ନେଇ କାର୍ଯ୍ୟ ହେବା ଉଚିତ। ଏଏସ୍‌ଆଇ ସ୍ମାରକ ସଂରକ୍ଷଣ କ୍ଷେତ୍ରରେ ନିପୁଣ। ସେହି ନିପୁଣତାକୁ ବ୍ୟବହାର କରାଯିବା ଦରକାର। ସଂରକ୍ଷଣ କାର୍ଯ୍ୟ ସିଧାସଳଖ ଭାବେ ଏଏସ୍‌ଆଇ ଦ୍ୱାରା ପରିଚାଳିତ ହେବା ଉଚିତ୍ ବୋଲି ସେ କହିଛନ୍ତି। ଏହି କମିଟିରେ ଏଏସ୍‌ଆଇ ଏଡିଜି ଆଲୋକ ତ୍ରିପାଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ସାମିଲ ଥିଲେ। ଆମ୍‌ସାର୍ ଆକ୍ଟ-୧୯୫୮ ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଏଡିଜି ତ୍ରିପାଠୀ କହିଛନ୍ତି। ତେବେ ବର୍ତ୍ତମାନ ପରିକ୍ରମା ପ୍ରକଳ୍ପ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏ ସମ୍ପର୍କରେ ଅଧିକ କିଛି କହିବାକୁ ସେ ମନା କରିଦେଇଥିଲେ। ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ଆମ୍‌ସାର୍ ଆକ୍ଟ-୧୯୫୮ର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା କିଛିଦିନ ତଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଲୋକ ସଭାରେ କହିଥିଲେ। ସଂସଦ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଥିଲେ। ଏବେ ସଂସଦୀୟ କମିଟି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ପରେ ବିବାଦ ନୂଆ ମୋଡ଼ ନେଇଛି। ଡିପିଆର୍‌କୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏଏସ୍‌ଆଇ ଡିଜି ଏପର୍ଯ୍ୟନ୍ତ ଡିପିଆର୍ ଅନୁମୋଦନପତ୍ର ଦେଇ ନ ଥିବା ବେଳେ ରାଜ୍ୟ ସରକାର କାହା ଅନୁମତିରେ ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି।

## ତର୍ଜମା ଚାଲିଛି: ବାଚସ୍ପତି

ଭୁବନେଶ୍ୱର, ୨୧।୪

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ ପାଇଁ ବିଧାନସଭା ଗୃହ କମିଟିର ବୈଠକ ଡାକିବାରେ କୌଣସି ଅସୁବିଧା ନାହିଁ। ମାତ୍ର ଏବେ ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ପ୍ରକଳ୍ପ କାର୍ଯ୍ୟରେ ଗୃହ କମିଟି ହସ୍ତକ୍ଷେପ କରିପାରିବ କି ନାହିଁ ସେନେଇ ତର୍ଜମା ଚାଲିଛି। ଆଇନ ବିଭାଗ ସହ ପରାମର୍ଶ ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ବେଆଇନ ଭାବେ ହେଉଥିବା ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଅଭିଯୋଗ ଆଣି କାମ ବନ୍ଦ କରିବାକୁ ଦାବି କରିଆସୁଛନ୍ତି। କିଛିଦିନ ତଳେ ବିଧାନସଭାରେ ଭାଜପା ନେତା ତଥା ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଉକ୍ତ ପ୍ରସଙ୍ଗ ଉଠାଇଥିଲେ। ଏହାପରେ ଗୃହ କମିଟି ଗଠନ କରାଯାଇଥିଲା।




# ୨ ସପ୍ତାହ ସମୟ ମାଗିଲେ ଏଏସ୍‌ଆଇ, ରାଜ୍ୟ ସରକାର

କଟକ ଅଫିସ,୨୧।୪

**ହାଇକୋର୍ଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲା**



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ବେଆଇନ ଖନନ ଅଭିଯୋଗ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଏହି ମାମଲାରେ ବିସ୍ତୃତ ତଥ୍ୟ ରଖିବା ପାଇଁ ରାଜ୍ୟ ସରକାର ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ହାଇକୋର୍ଟଙ୍କୁ ୨ ସପ୍ତାହ ସମୟ ମାଗିଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଓ ଏଏସ୍‌ଆଇ ବିଶେଷଜ୍ଞ ଟିମ୍ ମିଳିତ ଭାବେ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବାକୁ ହାଇକୋର୍ଟ ପୁନଃ ନିର୍ଦ୍ଦେଶ ଦେଇଛନ୍ତି। ମେ' ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବନ୍ଦ ପାଇଁ ପୁରୀର ଦିଲୀପ ବରାଳ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ରାଜ୍ୟ ସରକାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ୧୦୦ ମିଟର ପରିଧି ଭିତରେ ବଡ଼ ବଡ଼ ଗାତ ଖୋଳି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନିଆଯାଇନାହିଁ। ଫଳରେ ଏହା ଧାରା ୨୦-ଏର ଉଲ୍ଲଂଘନ କରୁଛି। ପ୍ରକଳ୍ପ କାର୍ଯ୍ୟ ପାଇଁ ହେଉଥିବା କମ୍ପନ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ରହିଛି। ଏପରି କି ଶ୍ରୀମନ୍ଦିର ନାଟ ମଣ୍ଡପରେ ଫାଟ ସୃଷ୍ଟି ହୋଇଥିବା ପିଟିଶନରେ ଦର୍ଶାଇଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର, ଏଏସ୍‌ଆଇକୁ ଜବାବ ତଲବ କରିଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କ'ଣ ନିର୍ମାଣ ଚାଲିଛି, ନିର୍ମାଣ ପାଇଁ ଅନୁମତି ଅଛି କି ନାହିଁ, ନିର୍ମାଣ ଦ୍ୱାରା ଶ୍ରୀମନ୍ଦିର ପ୍ରତି ବିପଦ ଅଛି କି ନାହିଁ, ସେ ସମ୍ପର୍କରେ ବିସ୍ତୃତ ଭାବେ ସତ୍ୟପାଠ ଜରିଆରେ ଉତ୍ତର ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜ୍ୟ ସରକାର, ଏଏସ୍‌ଆଇ ତଥ୍ୟ ଦାଖଲ କରିପାରି ନ ଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ଏହି ମାମଲା ପରିଚାଳନା କରୁଛନ୍ତି।

## ଦୋକାନୀଙ୍କଠାରୁ ୬ ଲକ୍ଷର ସୁନାଗହଣା ଲୁଟ୍

### ବର୍ଷକରେ ୮ଥର ଲୁଟ୍‌ର ଶିକାର

ଭୁବନେଶ୍ୱର,୨୧।୪(ବ୍ୟୁରୋ): ରାଜଧାନୀରେ ରାତି ହେଲେ ଲୁଟେରାମାନେ ଆତଙ୍କ ଖେଳାଉଛନ୍ତି। ପୋଲିସର କଡ଼ା ପାଟ୍ରୋଲିଂ ସତ୍ତ୍ୱେ ଗୁରୁବାର ରାତିରେ ଶତାବ୍ଦୀ ନଗରସ୍ଥିତ ଡେଲ୍ଟା ଛକ ନିକଟରେ ଜଣେ ସୁନା ଦୋକାନୀଙ୍କଠାରୁ ଦୁର୍ବୃତ୍ତମାନେ ୬ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶତାବ୍ଦୀ ନଗରରେ ସନ୍ଦୀପ କୁମାର ସାହୁଙ୍କ ଲକ୍ଷ୍ମୀନାରାୟଣ ଜୁଏଲର୍ସ ଦୋକାନ ରହିଛି। ସବୁଦିନ ଭଳି ଗୁରୁବାର ରାତିରେ ସନ୍ଦୀପ ଦୋକାନ ବନ୍ଦ କରି ୬ଲକ୍ଷ ଟଙ୍କାର ସୁନାଗହଣା ଧରି ବାଇକ୍ ଯୋଗେ ଘର ଅଭିମୁଖେ ଯାଉଥିଲେ। ହେଲେ ଡେଲ୍ଟା ଛକ ନିକଟରେ ପୂର୍ବରୁ ବାଇକ୍‌ରେ ପିଛା କରୁଥିବା ୩ଜଣ ଦୁର୍ବୃତ୍ତ ହଠାତ୍ ସନ୍ଦୀପଙ୍କ ସାମ୍ନାକୁ ଆସିଯିବାରୁ ସେ ପଡ଼ିଯାଇଥିଲେ। ଦୁର୍ବୃତ୍ତମାନେ ସନ୍ଦୀପଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ବାଇକ୍ ଡିକିରେ ଥିବା ସୁନାଗହଣାକୁ ଲୁଟି ନେଇ ଫେରାର ହୋଇଯାଇଥିଲେ। ସୂଚନାଥାଉ କି, ଡିସେମ୍ବର ୫ରେ ସନ୍ଦୀପଙ୍କ ଦୋକାନରୁ ଦୁର୍ବୃତ୍ତ ଶଟର କାଟି ନଗଦ ଦେଢ଼ ଲକ୍ଷ ଟଙ୍କା ସହ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଚୋରି ହୋଇଥିଲା। ଏପରିକି ବର୍ଷକ ମଧ୍ୟରେ ଉକ୍ତ ଦୋକାନୀଙ୍କଠାରୁ ୮ଥର ଲୁଟ୍‌ର ଶିକାର ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ୭ ଦିନରେ ପ୍ରସ୍ତୁତ ହେବ କଟକଚଣ୍ଡୀ ମନ୍ଦିରର ଉନ୍ନତୀକରଣ ନକ୍ସା

- ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ
- ମନ୍ଦିର ପରିଦର୍ଶନ କଲେ ୫-ଟି ସଚିବ

କଟକ ଅଫିସ,୨୧।୪


୫-ଟି ସଚିବ ଭି.କେ. ପାଣ୍ଡିଆନ ମନ୍ଦିରର ଉନ୍ନତୀକରଣ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

କଟକଚଣ୍ଡୀ ମନ୍ଦିରର ଉନ୍ନତୀକରଣ ପାଇଁ ଆସନ୍ତା ୭ ଦିନ ମଧ୍ୟରେ ଏକ ନକ୍ସା ପ୍ରସ୍ତୁତ ହେବ। ପରେ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ। ଉକ୍ତ ମନ୍ଦିରର ରୂପରେଖ ବଦଳିବା ସହ ସୌନ୍ଦର୍ଯ୍ୟକରଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ପରିସର ସମ୍ପ୍ରସାରଣ କରାଯିବ। ମନ୍ଦିର ପରିସରରେ ଥିବା ପୂଜାସାମଗ୍ରୀ, ଭୋଗ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା ରହିଛି। ପରବର୍ତ୍ତୀ ସମୟରେ ଦୋକାନୀମାନଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟଲ ନିର୍ମାଣ ହେବ। ସେହିଭଳି ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଭକ୍ତମାନେ ବସିବା ପାଇଁ ଚେୟାର ଓ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିରକୁ ପ୍ରବେଶ ଏବଂ ପ୍ରସ୍ଥାନ ନିମନ୍ତେ ସ୍ୱତନ୍ତ୍ର ଦ୍ୱାର, ସୂଚନା କେନ୍ଦ୍ର, ରସିଦ୍ କାଉଣ୍ଟର ନିର୍ମାଣ ହେବାର ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କଟକଚଣ୍ଡୀ ମନ୍ଦିର ପରିଦର୍ଶନ କରିଥିଲେ ୫-ଟି ସଚିବ ଭି.କେ. ପାଣ୍ଡିଆନ। ସକାଳୁ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ଦିର ବେଢ଼ା ପରିକ୍ରମା କରି ଉପସ୍ଥିତ ଅଧିକାରୀମାନଙ୍କ ସହ ମନ୍ଦିର ପ୍ରକଳ୍ପ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ମନ୍ଦିରର ନକ୍ସା ଦେଖିଥିଲେ। ମନ୍ଦିରର ମରାମତି, ବେଢ଼ା ମଧ୍ୟରୁ ଜଳ ନିଷ୍କାସନ, ଯାନବାହନ ରହଣିସ୍ଥଳ, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ ଉପରେ ମନ୍ଦିର ପରିଚାଳନା କମିଟି ସଭ୍ୟ, ସେବାୟତ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପାଣ୍ଡିଆନଙ୍କୁ ଅବଗତ କରାଇଥିଲେ। ୭ ଦିନ ମଧ୍ୟରେ ଉପରୋକ୍ତ ପ୍ରସ୍ତାବଗୁଡିକ ସମ୍ପର୍କରେ ସେମାନେ ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇବାକୁ ପାଣ୍ଡିଆନ କହିଥିଲେ। ଲିଖିତ ପ୍ରସ୍ତାବ ପାଇବା ପରେ ଏ ସମ୍ବନ୍ଧରେ ଏକ ବୈଠକ ଡକାଯାଇ ସବିଶେଷ ଆଲୋଚନା ପୂର୍ବକ ଏକ ନକ୍ସା ପ୍ରସ୍ତୁତ କରାଯିବ। ପରେ ତାହାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ପଠାଯିବ। ପାଣ୍ଡିଆନଙ୍କ ଏହି ଗସ୍ତ ସମୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ସିଏମ୍‌ସି ଅନନ୍ୟା ଦାସ, କଟକ ଡିସିପି ପ୍ରତୀକ ସିଂ, ମନ୍ଦିର ମୁଖ୍ୟ ପୂଜକ ମନୋଜ ପଣ୍ଡା, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ମାଝିଙ୍କ ସମେତ ଅନ୍ୟ ବିଭାଗର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

बैंक ऑफ़ बड़ौदा
Bank of Baroda

REGIONAL OFFICE, BHUBANESWAR
1st Floor, Bivab Gulmohar, Behera Sahi, Nayapalli
Bhubaneswar-751012, Odisha, Phone-(0674) 24221210

ASSIGNMENT OF DUTIES OF SPECIAL ASSISTANT

It has been decided to fill up the vacancies of Special Assistant at the Following branches in the Region, in terms of the provisions of "The Settlement of assignment of duties of Special Assistant-1991 and Amendment Settlement on Special Assistant-2003 dated 03.04.2003.

| Sr. No. | ORGANIZATION NAME | ALPHA |
|---|---|---|
| 1 | KAKATPUR | KAKATP |
| 2 | BHUBANESWAR, KHANDAGIRI | KHANDG |

In view of the above, online applications are invited from clerical staff members who have put in minimum -3- years of service in clerical cadre and who are not otherwise ineligible in terms of the following:-

1. An employee who is transferred at his/her own request and forgoes/undertake not to claim special pay for a Specified period in terms of the administrative guidelines, shall not be considered for assignment of duties carrying special pay for that period.
2. Once an employee refuses to accept offer of assignment of duties of Special Assistant on regular basis, he/she shall be ineligible for assignment of such duties on regular as well as temporary basis for a period of -2- years from the date of such offer. His/her case would be considered only after that period if he/she makes a written request after that period for consideration of his/her case in future.
3. When an employee refuses to accept offer of assignment of duties of Special Assistant on temporary basis on three occasions, he/she shall be ineligible for assignment of such duties on regular as well as on temporary basis for a period of -2- years from the date of the offer. His/her case would be considered only after that period if he/she makes a written request after that period for consideration of his/her case in future.
4. Conditional acceptance of offer of duties of Special Assistant on temporary or on regular basis shall be deemed as a refusal to accept the offer. For this purpose, offer by the Bank and acceptance by the employee shall be done only in proforma 'A' and ' B' respectively. Acceptance of offer if any in other form shall constitute refusal of the offer.
5. Clause (1) & (2) above shall also be applicable in cases where employees have opted and have been given reversion from the post of Special Assistant.
6. The Principles of para 529 of Sastry Award shall be applicable for assignment of duties cf Special Assistant and 'the Bank' shall have the right to supersede a senior employees in terms of the principles laid down under the paragraph.

**Special Assistant, who have completed -3- years of service as Special Assistant and has been posted as Special Assistant outside the place of posting is eligible for applying to any of the above mentioned post of Special Assistant in terms of Clause of re-transfer of Special Assistant and they have to submit their application as per Annexure-II.**

**MODE OF SELECTION:**

- The application received from amongst eligible clerical staff members, as mentioned above, will be listed in terms of their seniority reckoned in terms of clause 3.2 and 3.3 of the settlement for assignment of duties of "duties of Special Assistant -1991" as on the date of occurrence of vacancy centre wise.
- The -3- senior most eligible applicants from the aforesaid seniority list of each identified centre will be called for interview. The senior most eligible candidate found suitable in the interview for the aforesaid vacancies shall be assigned the duties of Special Assistant at respective centre of vacancy.
- The applicant so selected and assigned the duties of Special Assistant at a place other than the place of his immediate preceding posting shall be considered to have been transferred and posted at the instance of the Bank.

The eligible employees of clerical cadre as mentioned above may submit their ON-LINE application on or before **28.04.2022**. They shall take print of the application and submit the printed copy of the application to the Branch Heads. The Branch Heads shall forward the same to the Regional Authority on or before **29.04.2022**.

**Please note that if any Business Associate wants to apply for more than one Branch, have to apply separately for each vacancy.**

Please bring the contents of this circular to the notice of the clerical staff members of the branch/office and also display this circular on the "Notice Board" of the Branch/office so as to enable the clerical staff members to apply. A copy of this circular and proforma be sent to the eligible staff members who are on sanctioned leave during the above period.

Place: Bhubaneswar
Date: 21.04.2022

Sd/-Asst. General Manager,
Bank of Baroda

## ଖଣ୍ଡଗିରି ପୋଲିସ କବ୍‌ଜାରେ କଟୁରି ଗ୍ୟାଙ୍ଗର ୪ ସଦସ୍ୟ

ଭୁବନେଶ୍ୱର,୨୧।୪(ବ୍ୟୁରୋ): ରାଜଧାନୀରେ କଟୁରି ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ। ସେମାନଙ୍କଠାରୁ ଖଣ୍ଡା, କଟୁରି, କିଛି ଟଙ୍କା ଜବତ ହୋଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ସୂଚନାନୁଯାୟୀ, କିଛିଦିନ ହେବ ଲୋକଙ୍କୁ କଟୁରି ଦେଖାଇ ଲୁଟ ହେଉଥିବା ଖଣ୍ଡଗିରି, ଭରତପୁର ଥାନାରେ ଏକାଧିକ ଅଭିଯୋଗ ହୋଇଥିଲା। ସେମାନଙ୍କୁ ଧରିବା ଲାଗି ଖଣ୍ଡଗିରି ଓ ଭରତପୁର ଥାନାର ଅଧିକାରୀଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇଥିଲା। ଫଳରେ ବିଭିନ୍ନ ଜାଗାରେ ପୋଲିସ ଚଢ଼ାଉ କରି ଉକ୍ତ ଗ୍ୟାଙ୍ଗର ୪ଜଣଙ୍କୁ ଧରିବାରେ ସଫଳ ହୋଇଛି। ତେବେ ଏହି ଗ୍ୟାଙ୍ଗରେ କେତେ ଜଣ ସଦସ୍ୟ ଅଛନ୍ତି ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ପିଡବ୍ଲ୍ୟୁଡି ରାସ୍ତା ଖୋଳିବାକୁ ବିଏମ୍‌ସି ଦେଉଛି ଅନୁମତି

ଭୁବନେଶ୍ୱର, ୨୧।୪(ବ୍ୟୁରୋ)

### ସ୍ଥାନୀୟ ଲୋକଙ୍କ ବିରୋଧ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ



ନିଳାଦ୍ରି ବିହାରରେ ଏୟାରଟେଲ୍ ଟେଲିସୋନିକ୍ ନେଟ୍‌ୱର୍କ୍ ପକ୍ଷରୁ ରାସ୍ତା ଖୋଳାଯାଇ ଖୁଣ୍ଟ ପୋତାଯାଉଛି।

ରାଜଧାନୀ ଭୁବନେଶ୍ୱରକୁ ସ୍ମାର୍ଟସିଟିର ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ବିଭିନ୍ନ ଯୋଜନାରେ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନେକ ସମୟରେ ରାସ୍ତାକୁ ମନଇଚ୍ଛା ଖୋଳି ଦିଆଯାଉଥିବା ଦେଖିବାକୁ ମିଳୁଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ପ୍ଲାନିଂ ସହର ଆଜି ବିକୃତ ହେବାରେ ଲାଗିଛି। ଏବେ କେବୁଲ ତାର ଟାଣିବାକୁ ରାସ୍ତା ଖୋଳି ଏଠିସେଠି ଖୁଣ୍ଟ ପୋତାକୁ ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ ତେଜିବାରେ ଲାଗିଛି। ଲୋକେ ବିରୋଧ କରିବାରୁ କାମ କରୁଥିବା ଠିକାଦାର ଓ କର୍ମଚାରୀ ବିଏମ୍‌ସି ଅନୁମତିପତ୍ର ଦେଖାଇ କିଛି ଶୁଣୁ ନ ଥିବାରୁ ଅନେକ ସ୍ଥାନରେ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି।

ଅଭିଯୋଗ ଅନୁଯାୟୀ, ବିଏମ୍‌ସିର ୱାର୍ଡ ନଂ.୧୪ ଅନ୍ତର୍ଗତ ନୀଳାଦ୍ରି ବିହାର ସେକ୍ଟର-୫ ଲେନ୍-୧ରୁ ଲେନ୍-୭ ପର୍ଯ୍ୟନ୍ତ ଏୟାରଟେଲ୍ ଟେଲିସୋନିକ୍ ନେଟ୍‌ୱର୍କ ପକ୍ଷରୁ ରାସ୍ତା ଖୋଳାଯାଇ ସ୍ୱତନ୍ତ୍ର ଖୁଣ୍ଟ ପୋତା ଯାଉଛି। ମୋଟ୍ ୮ହଜାର ୯୨୨ଟି ଖୁଣ୍ଟ ପୋତିବା ପାଇଁ ଏୟାରଟେଲ୍ କର୍ତ୍ତୃପକ୍ଷ ବିଏମ୍‌ସିଠାରୁ ଅନୁମତି ଆଣିବା ସହ ଲାଇସେନ୍ସ ବାବଦକୁ ୨୨ଲକ୍ଷ ୩୦ହଜାର ୫ଶହ ଟଙ୍କା ଦେଇଥିବା କାମ କରୁଥିବା ଠିକାଦାର କାଗଜପତ୍ର ଦେଖାଉଛନ୍ତି। ତେବେ ନୀଳାଦ୍ରି ବିହାର ଓ ଶୈଳଶ୍ରୀ ବିହାର ଅଞ୍ଚଳ ରାସ୍ତାକୁ ୨୦୧୩ରୁ ପିଡବ୍ଲ୍ୟୁଡିକୁ ହସ୍ତାନ୍ତର କରିଛି ବିଏମ୍‌ସି। ତେଣୁ ପିଡବ୍ଲ୍ୟୁଡି ରାସ୍ତା ଉପରେ ଖୁଣ୍ଟ ପୋତିବାକୁ ବିଏମ୍‌ସି କିପରି ଅନୁମତି ଦେଲା ଏବଂ ଲାଇସେନ୍ସ ପାଇଁ ଟଙ୍କା ନେଲା, ତାହାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଦୀର୍ଘଦିନ ଧରି ଏପରି ଅବରୋଧ ଦ୍ୱାରା ରାସ୍ତା ସଂକୀର୍ଣ୍ଣ ହେବା ସହ ଲୋକଙ୍କ ଯାତାୟାତରେ ମଧ ଅସୁବିଧା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ବାସିନ୍ଦା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି, ବେଆଇନ ଭାବେ ଏଭଳି କାର୍ଯ୍ୟ କରାଯାଉଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଫଳରେ ସହରର ବିଭିନ୍ନ ଆବାସିକ ଅଞ୍ଚଳରେ ଏଭଳି ପରସ୍ଥିତି ସୃଷ୍ଟି ହେଉଛି। ଏହି ଘଟଣାର ବିରୋଧ କରି ୧୬ଜଣଙ୍କ ଦସ୍ତଖତ ସମ୍ବଳିତ ପତ୍ରକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ଏହି ଘଟଣାର ତଦନ୍ତ କରାଯାଇ କାମ ବନ୍ଦ କରା ନ ଗଲେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ।

ଏ ସମ୍ପର୍କରେ ଏୟାରଟେଲ୍‌ର ଅଧିକାରୀ ଲଲିତ୍ କୁମାର ସାହା କହିଛନ୍ତି, ବିଏମ୍‌ସି ଆମକୁ ଏଥିପାଇଁ ଅନୁମତି ଦେଇଛନ୍ତି। ସମସ୍ତ ରାସ୍ତା ସରକାରଙ୍କର। ପିଡବ୍ଲ୍ୟୁଡି ପକ୍ଷରୁ ଏନେଇ ଆପତ୍ତି କରାଯାଇଛି। ତେବେ ସଂସ୍ଥାର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରୁଛୁ। ସେହିପରି ପିଡବ୍ଲ୍ୟୁଡିର ଆସିଷ୍ଟାଣ୍ଟ ଇଞ୍ଜିନିୟର ରାଜୁ ଜେନା କହିଛନ୍ତି, ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ପାଇବା ପରେ କାମ ବନ୍ଦ କରାଯାଇଛି। ବିଏମ୍‌ସି ଅନୁମତି ଦେଇଛି ବୋଲି ସଂସ୍ଥାର ଅଧିକାରୀମାନେ କହିଛନ୍ତି। ତେବେ ଏ ସମ୍ପର୍କିତ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି। ସେମାନେ କାଗଜପତ୍ର ଦେବା ପରେ ବିଏମ୍‌ସିକୁ ଚିଠି କରାଯିବ। କେବଳ ରୋଡ୍‌ର ମେଣ୍ଟେନାନ୍ସ ଆମ ପାଖରେ ଅଛି, ବାକିସବୁ ବିଏମ୍‌ସିର। ଅପରପକ୍ଷେ ବିଏମ୍‌ସି ଡେପୁଟି କମିଶନର (ରେଭିନ୍ୟୁ) ଶ୍ରୀମନ୍ତ ମିଶ୍ର କହିଛନ୍ତି, ପିଡବ୍ଲ୍ୟୁଡି ଅଣ୍ଡରରେ ଆସିଲେ ବି ମହାନଗର ନିଗମାଞ୍ଚଳରେ କିଛି କାର୍ଯ୍ୟ କରିବା ପାଇଁ ହେଲେ ବିଏମ୍‌ସିର ଅନୁମତି ଆବଶ୍ୟକ। କାରଣ ବିଏମ୍‌ସି ହେଉଛି ଅଥରିଟି। ତେଣୁ ଖୁଣ୍ଟ ପୋତିବା ନେଇ ପିଡବ୍ଲ୍ୟୁଡି ଜାଣିବାର କୌଣସି ଆବଶ୍ୟକ ନାହିଁ।

## ସଂକ୍ଷେପରେ

### ରମାଦେବୀ ବିଶ୍ୱବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

ଭୁବନେଶ୍ୱର,୨୧।୪(ବ୍ୟୁରୋ)

'ମୋ କଲେଜ' ଅଭିଯାନ ଅଧୀନରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଭିଯାନ ପରିଚାଳନା ସଙ୍ଗଠନର ଅଧକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, କଲେଜ ସମୟରେ ଛାତ୍ରୀଛାତ୍ର ସେମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଅନେକ ସ୍ୱପ୍ନ ଦେଖିଥାନ୍ତି। ଏହାକୁ ବାସ୍ତବ ରୂପ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରି କଠିନ ପରିଶ୍ରମ କରିବାକୁ ସେ କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍, ସ୍ତମ୍ଭକାର ତଥା 'ଦ ଇଣ୍ଟେଲେକ୍ଟ'ର ଅଧକ୍ଷ ଦେବେନ୍ଦ୍ରନାଥ ରାଉତ କହିଥିଲେ, ଛାତ୍ରୀଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କ୍ୟାରିୟର କାଉନ୍‌ସେଲିଂ ନିହାତି ଦରକାର। କଲେଜରେ ପାଠ ପଢ଼ିବା ସମୟରେ ଛାତ୍ରୀଛାତ୍ରଙ୍କୁ ଏ ବିଷୟରେ ସଠିକ୍ ଭାବେ ଦିଗ୍‌ଦର୍ଶନ ଦେଖାଇପାରିଲେ ହିଁ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ। ଲେଖକ ଭଗବାନ ପ୍ରକାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗାୟିକା ସୁସ୍ମିତା ଦାସ ରୋଲ ମଡେଲ ଭାବେ ଯୋଗଦେଇଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ପି.ଜି. କାଉନସିଲ ଅଧକ୍ଷା ପ୍ରଫେସର ଡ. ସସ୍ମିତା ମହାନ୍ତି, ରେଜିଷ୍ଟ୍ରାର ଶ୍ୟାମଳୀ ମହାପାତ୍ର ଉପସ୍ଥିତ ରହି ଛାତ୍ରୀଙ୍କୁ କ୍ୟାରିୟର ଗଠନ ଉପରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ କ୍ୟାରିୟର କାଉନସେଲିଂ ସେଲର ଡ. ଦେବବାଳା ସ୍ୱାଇଁ, କ୍ୟାରିୟର କାଉନସେଲିଂ ଏକ୍ସପର୍ଟ ଡ. ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଡ. ସ୍ନେହଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ୟାଙ୍କ ଅଫ୍ ଇଣ୍ଡିଆ ପେନ୍‌ସନର୍ସ ଓ ରିଟାୟରିଂ ସଙ୍ଗଠନର ବାର୍ଷିକ ସଭା

ଭୁବନେଶ୍ୱର ,୨୧।୪ (ବ୍ୟୁରୋ): ବ୍ୟାଙ୍କ ଅଫ୍ ଇଣ୍ଡିଆର ପେନ୍‌ସନର୍ସ ଓ ରିଟାୟରିଂ ସଙ୍ଗଠନ ଓଡ଼ିଶା ଶାଖାର ବାର୍ଷିକ ସାଧାରଣ ସଭା ସଙ୍ଗଠନର ସଭାପତି ଦଶରଥ ସେନାପତିଙ୍କ ଅଧକ୍ଷତାରେ ସ୍ଥାନୀୟ ଅଶୋକନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାସଂଘର ସାଧାରଣ ସମ୍ପାଦକ ପ୍ରକାଶ ପାଟ୍‌କି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଭାପତି ସେନାପତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଅମିତ୍ କୁମାର ମୋତାୟଦ ଅତିଥିମାନଙ୍କର ପରିଚୟ ସହ ସଂଘର ଉତ୍ପତ୍ତି ଓ ସଭ୍ୟ ସଂଖ୍ୟା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ପ୍ରକାଶ ଆଲୋକପାତ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ମଳୟ ଦାସ ଅବସରପ୍ରାପ୍ତ କର୍ମଚାରୀଙ୍କର ବ୍ୟାଙ୍କର ବ୍ୟବସାୟ ବୃଦ୍ଧିରେ ସହଯୋଗ କାମନା କରିଥିଲେ। ସଂଘର ଯୁଗ୍ମ ସଂପାଦକ ତ୍ରିଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାଧାରଣ ସମ୍ପାଦକ ମୋତାୟଦ ବିବରଣୀ ପାଠ କରିଥିଲେ ଓ କୋଷାଧକ୍ଷ ରାମଚନ୍ଦ୍ର ପାଣ୍ଡବ ସଂଘର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଆଗାମୀ ୩ ବର୍ଷ ସଂଘର ଚେୟାରମାନ ଭାବେ ଦଶରଥ ସେନାପତି, ସଭାପତି ଅମିତ କୁମାର ମୋତାୟଦ, ଉପସଭାପତି ଦେବାନନ୍ଦ ଶତପଥୀ, ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସ, ଯୁଗ୍ମ ସାଧାରଣ ସମ୍ପାଦକ ଦିଲୀପ କୁମାର କାନୁନ୍‌ଗୋ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

### ବସ୍ତିରେ ଆରମ୍ଭ ହେଲା ନାମଲେଖା ସଚେତନତା ଅଭିଯାନ

ଭୁବନେଶ୍ୱର, ୨୧।୪ (ବ୍ୟୁରୋ): ଅଧାରୁ ପାଠ ଛାଡ଼ିଥିବା ଶିଶୁ ଏବଂ ଶିଶୁ ଶ୍ରମିକମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆକ୍ସନଏଡ୍ ଓ ସିସିଡବ୍ଲୁଡିର ମିଳିତ ଆନୁକୂଲ୍ୟରେ ନାମଲେଖା ସଚେତନତା ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଏପ୍ରିଲ ୩୦ ପର୍ଯ୍ୟନ୍ତ ଏହା ଚାଲିବ। ରାଜଧାନୀର ୫୦ଟି ବସ୍ତିରେ ଏହି ଅଭିଯାନ କରାଯାଉଛି। ଏଥିରେ ଶିଶୁ କ୍ଲବ, ଭୁବନେଶ୍ୱର ୟଙ୍ଗ୍ ଅର୍ବାନ ୱିମେନ୍ ଫୋରମ୍, ଅଣସଂଗଠିତ ଶ୍ରମିକ ମଞ୍ଚ, ମହିଳା ମଣ୍ଡଳର ସଦସ୍ୟମାନେ ସାମିଲ ହୋଇ ବସ୍ତିବାସିନ୍ଦାମାନଙ୍କୁ ସଚେତନ କରାଇବା ସହ ଶିଶୁର ଦେୟମୁକ୍ତ ଓ ବାଧତାମୂଳକ ଶିକ୍ଷା ଅଧିକାର ଆଇନ-୨୦୦୯ ବିଷୟରେ ସଚେତନତା କରିଛନ୍ତି। ଅଭିଯାନକୁ କଲ୍ୟାଣୀ ରାଉତ, ଗୀତାଞ୍ଜଳି ପଣ୍ଡା, ଦମୟନ୍ତୀ ସାହୁ, ସୌମ୍ୟରଞ୍ଜନ ମଲ୍ଲିକ, ରେଣୁବାଳା ସାହୁ, ସ୍ନିଗ୍ଧା ଦାସ, ଋତୁପ୍ରଜ୍ଞା ନାଥଶର୍ମା, ସଂଗ୍ରାମ କେଶରୀ ମଣ୍ଡଳ ଓ କୃଷ୍ଣଚନ୍ଦ୍ର ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ପୌରସଂସ୍ଥା ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ କର୍ମଶାଳା

ଭୁବନେଶ୍ୱର,୨୧।୪(ବ୍ୟୁରୋ):

ପୌରସଂସ୍ଥାରେ କାର୍ଯ୍ୟରତ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁବାର ୨ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। କୋଠାବାଡ଼ି ଯୋଜନା ଅନୁମୋଦନ ତଥା ଅଣଯୋଜନାକୃତ ସହରୀ ବିକାଶକୁ ନିୟନ୍ତ୍ରିତ କରିବା ନିମନ୍ତେ ବିଭିନ୍ନ ଆଇନଗତ ତଥା ବୈଷୟିକ ଦିଗ ଉପରେ ବିଶେଷ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। କର୍ମଶାଳାକୁ ଉଦ୍‌ଘାଟନ କରି ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ କହିଛନ୍ତି, ସେବା ପ୍ରଦାନରେ ପାରଦର୍ଶିତା ଏବଂ ଜନସାଧାରଣଙ୍କୁ ସୁବିଧା ଯୋଗାଇବା ସୁନିଶ୍ଚିତ କରିବା ଦରକାର। ଏହାସହ ସରକାରୀ ଅଧିକାରୀଙ୍କ ବ୍ୟବହାରରେ ସକାରାତ୍ମକ ପରିବର୍ତ୍ତନ ଆଣିବା ନିତାନ୍ତ ଆବଶ୍ୟକ। ସମସ୍ତ ୧୧୫ଟି ପୌରସଂସ୍ଥାର ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ହେବା ସହ ତାଗିଦ କରି କହିଛନ୍ତି, କ୍ଷମତା ଅର୍ଥ ଅଧିକ ଦାୟିତ୍ୱ ଏବଂ ସେମାନଙ୍କୁ ଯେଉଁ କାର୍ଯ୍ୟ ଦିଆଯାଇଛି ତାହା ସେମାନେ କିଭଳି ନିର୍ବାହ କରିବେ ତା' ଉପରେ ସମସ୍ତଙ୍କର ନଜର ରହିବା ଦରକାର।

## ଆମ୍ରି ହସ୍ପିଟାଲରେ ଅଗ୍ନିଶମ ସେବା ସପ୍ତାହ



ଭୁବନେଶ୍ୱର,୨୧।୪ :

ଅଗ୍ନିଶମ ସେବା ସପ୍ତାହ ଅବସରରେ ଆମ୍ରି ହସ୍ପିଟାଲ ଭୁବନେଶ୍ୱର ପରିସରରେ ଅଗ୍ନି ବିପର୍ଯ୍ୟୟ ମୁକାବିଲା ତଥା ଅଗ୍ନିଶମ ଓ ବିପତ୍ତି ନିସ୍ତାର ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏ ସମ୍ପର୍କରେ ଆମ୍ରି ହସ୍ପିଟାଲର ମୁଖ୍ୟ ନିଲଞ୍ଜନା ମୁଖାର୍ଜୀ ଉଭୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନର ଅଧକ୍ଷ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସାରା ଦେଶରେ ଓଡ଼ିଶାର ଅଗ୍ନିଶମ ବିଭାଗର କାର୍ଯ୍ୟକୌଶଳକୁ ଅନୁକରଣ କରାଯାଉଛି। ଅନ୍ୟ ରାଜ୍ୟର ସିପାହି ଓ କର୍ମଚାରୀମାନେ ଓଡ଼ିଶାରେ ରହି ତାଲିମପ୍ରାପ୍ତ ହେଉଛନ୍ତି। ଏହିଅବସରରେ ଆମ୍ରି ହସ୍ପିଟାଲର କର୍ମଚାରୀଙ୍କର ଅଗ୍ନି ନିର୍ବାପନ ଓ ଉଦ୍ଧାର କୌଶଳ ଡେମନଷ୍ଟ୍ରେଶନକୁ ମାଝି ଦେଖିଥିଲେ। ଆମ୍ରି ହସ୍ପିଟାଲର ୨୦୦ରୁ ଅଧିକ କର୍ମଚାରୀ ଉକ୍ତ ତାଲିମରେ ଅଂଶଗ୍ରହଣ କରିଥିଲେ। ସେହିପରି ଆମ୍ରି ହସ୍ପିଟାଲର ଫାୟାର ସେଫ୍‌ଟି ଅଫିସର ସନ୍ତୋଷ କୁମାର ପୃଷ୍ଟି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରି କହିଥିଲେ, ଏଭଳି ତାଲିମ କାର୍ଯ୍ୟକ୍ରମ ବର୍ଷ ତମାମ ହସ୍ପିଟାଲ ପରିସରରେ ଅନୁଷ୍ଠିତ ହେଉଛି।





ସୂଚନା ଭବନରେ ଗୁରୁବାର ରାଜ୍ୟସ୍ତରୀୟ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ରାଜଧାନୀର ବସ୍ ଉପରେ ୨.୩୩ ଲକ୍ଷ ଜରିମାନା

ଭୁବନେଶ୍ୱର,୨୧।୪(ବ୍ୟୁରୋ):

ଭୁବନେଶ୍ୱରରେ ଫିଟ୍‌ନେସ୍ ଯାଞ୍ଚ ସମୟରେ ଏକ ବସ୍ ଉପରେ ୨ ଲକ୍ଷ ୩୩ ହଜାର ଟଙ୍କାର ଜରିମାନା ପକାଯାଇଛି। ରାଜଧାନୀର ଡମଣା ଛକରେ ଗୁରୁବାର ଏହି ବସ୍ ଉପରେ ଜରିମାନା ହୋଇଛି। ଏହାସହ ବସ୍‌ଟିକୁ ଜବତ କରାଯାଇଛି। ବସ୍‌ର ପରମିଟ୍, ବୀମା ଓ ପଲ୍ୟୁଶନ୍ ବାବଦରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟିକସ ବକେୟା ଅଭିଯୋଗରେ ୨ ଲକ୍ଷ ୫ ହଜାର, ପଲ୍ୟୁଶନ୍ ପାଇଁ ୧୦ ହଜାର ଟଙ୍କା ଜରିମାନା ପକାଯାଇଛି। ଗତ ୨୦ ତାରିଖରୁ ସ୍କୁଲ ଗାଡ଼ିର ଫିଟ୍‌ନେସ୍ ଯାଞ୍ଚ ଆରମ୍ଭ କରାଯାଇଛି। ପ୍ରଥମ ଦିନରେ କୋରାପୁଟରେ ଏକ ଇଂଲିଶ ମିଡିୟମ ସ୍କୁଲ ବସ୍ ଉପରେ ୪ ଲକ୍ଷ, ଟ୍ୟାକ୍ସ ବାବଦରେ ୩.୮୦ ଲକ୍ଷ ଏବଂ ଫିଟ୍‌ନେସ୍ ପାଇଁ ୨୧ ହଜାର ୫୦୦ ଜରିମାନା ପରିବହନ ବିଭାଗ ପକାଇଥିଲା। ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଗାଡ଼ିର ଯାଞ୍ଚ ନେଇ ସବୁ ଆଞ୍ଚଳିକ ପରିବହନ ଅଫିସ୍‌କୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଚିଠି ଲେଖିଥିଲେ। ଯାଞ୍ଚ ପ୍ରକ୍ରିୟା ୨୭ରେ ଶେଷ ହେବାପରେ ୨୮ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଅନେକ ସ୍କୁଲରେ କାଗଜପତ୍ର ଠିକ୍ ନ ଥିବା ଗାଡ଼ି ଛୋଟ ପିଲାମାନଙ୍କୁ ବିପଦସଙ୍କୁଳ ଅବସ୍ଥାରେ ପରିବହନ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ସ୍କୁଲ ଗାଡ଼ିର କାଗଜପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୨ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୪(ବ୍ୟୁରୋ):

### 'ଦି ମ୍ୟାଜିକ୍ ଅଫ୍ ମଙ୍ଗଳାଯୋଡ଼ି', 'ଦି ଶିଖ୍ ହିଷ୍ଟ୍ରି ଅଫ୍ ଇଷ୍ଟ ଇଣ୍ଡିଆ'

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କଫି ଟେବୁଲ ପୁସ୍ତକ 'ଦି ମ୍ୟାଜିକ୍ ଅଫ୍ ମଙ୍ଗଳାଯୋଡ଼ି' ଉନ୍ମୋଚିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମଙ୍ଗଳାଯୋଡ଼ିକୁ ଲକ୍ଷ ଲକ୍ଷ ପ୍ରବାସୀ ପକ୍ଷୀଙ୍କ ଆଶ୍ରୟସ୍ଥଳୀ ଭାବେ ବର୍ଣ୍ଣନା କରି କହିଛନ୍ତି, ଶୀତଋତୁରେ ପକ୍ଷୀ ତଥା ବନ୍ୟଜନ୍ତୁଙ୍କ ପାଇଁ ଏହି ସ୍ଥାନ ସ୍ୱର୍ଗରେ ପରିଣତ ହୁଏ। କଫି ଟେବୁଲ ପୁସ୍ତକ ମାଧମରେ ମଙ୍ଗଳାଯୋଡ଼ି ଆର୍ଦ୍ରଭୂମି ଉପରେ ଏହି ପୁସ୍ତକ ଲେଖିଥିବାରୁ କଟକର ଶିଳ୍ପପତି ତଥା ଖ୍ୟାତନାମା ବନ୍ୟଜନ୍ତୁ ଫଟୋଗ୍ରାଫର ଅବିନାଶ ଖେମ୍‌କାଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏହି ପୁସ୍ତକ ଅବିନାଶ ଖେମ୍‌କାଙ୍କ ଫଟୋଗ୍ରାଫି ଉପରେ ୧୦ ବର୍ଷ ଉଦ୍ୟମର ଫଳ। ଉକ୍ତ ପୁସ୍ତକରେ ଆର୍ଦ୍ରଭୂମି, ଏହାର ବାସସ୍ଥାନ ଏବଂ ଜୈବ ବିବିଧତା, ବାସିନ୍ଦା ତଥା ସ୍ଥାନାନ୍ତରିତ ପକ୍ଷୀ, ଚିଲିକା ମଇଁଷି, ଗ୍ରାମ୍ୟ ଜୀବନ ଏବଂ ସୁସଙ୍ଗତ ସହଭାଗିତାର ଚିତ୍ରଗୁଡ଼ିକର ସଂଗ୍ରହ ରହିଛି। ୨୦୧୮ରେ ସେ ଏକ ଅଣଲାଭକାରୀ ସଂସ୍ଥା 'ସଙ୍ଗ୍ ଅଫ୍ ଦି ୱାଇଲ୍ଡ' ପ୍ରତିଷ୍ଠା କରିଥିଲେ। ୨୦୧୮ ଡିସେମ୍ବର ୭ରୁ ୧୩ ମଧରେ ଅବିନାଶ ଭୁବନେଶ୍ୱରରେ ମଙ୍ଗଳାଯୋଡ଼ି ଉପରେ ଏକ ଫଟୋ ପ୍ରଦର୍ଶନୀ ଆୟୋଜନ କରିଥିଲେ। ଏହି ପୁସ୍ତକ ମାଧମରେ ସେ ବିଶ୍ୱକୁ ପ୍ରାକୃତିକ ଐତିହ୍ୟ ପ୍ରଦର୍ଶନ ସହ ପ୍ରକୃତି ଏବଂ ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି ଏବଂ ତାଙ୍କର ସଂରକ୍ଷଣ ପ୍ରୟାସକୁ ସମର୍ଥନ କରିବା ପାଇଁ ଅର୍ଥ ସଂଗ୍ରହ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ଦ୍ୱାରା ସମର୍ଥିତ କଫି ଟେବୁଲ ପୁସ୍ତକ ସଙ୍ଗ୍ ଅଫ୍ ଦି ୱାଇଲ୍ଡ ଦ୍ୱାରା ପ୍ରକାଶିତ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ 'ଦି ଶିଖ୍ ହିଷ୍ଟ୍ରି ଅଫ୍ ଇଷ୍ଟ ଇଣ୍ଡିଆ' ପୁସ୍ତକ ଉନ୍ମୋଚନ କରିଛନ୍ତି। ଅବିନାଶ ମହାପାତ୍ରଙ୍କ ୮ଟି ପୁସ୍ତକର ଏହା ହେଉଛି ଏକ ସଂକଳନ। ପଞ୍ଜାବୀ ଗ୍ଲୋବାଲ ଫାଉଣ୍ଡେଶନର ଓଡ଼ିଶା ଚାପ୍ଟର, ବାଲେଶ୍ୱର ଦ୍ୱାରା ଏହି ପୁସ୍ତକଟି ପ୍ରକାଶିତ ହୋଇଛି। ବିହାର, ଆସାମ, ବାଂଲାଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ସିକ୍କିମ୍, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ଶିଖ୍ ଇତିହାସ ଉପରେ ପୁସ୍ତକରେ ଦର୍ଶାଯାଇଛି।

## ଓଡ଼ିଶା ରାଜନୀତିରେ ସଦାଶିବ ତ୍ରିପାଠୀଙ୍କ ଜୀବନ ନିଷ୍କଳଙ୍କ ଅଧ୍ୟାୟ

ଭୁବନେଶ୍ୱର,୨୧।୪(ବ୍ୟୁରୋ):

### ରାଜ୍ୟସ୍ତରୀୟ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ

ରାଜନୀତି କ୍ଷେତ୍ରରେ ସେ ଥିଲେ ବିରଳ ଦୃଷ୍ଟାନ୍ତ। ସେବା ମନୋବୃତ୍ତି ନେଇ ଉତ୍ସର୍ଗୀକୃତ ଭାବେ ଓଡ଼ିଶାର ରାଜନୈତିକ ଇତିହାସକୁ ସେ ଗୌରବମୟ କରିଥିଲେ। ତାଙ୍କର ନିଃସ୍ୱାର୍ଥପର ସମାଜସେବା ଓ ଅସୀମ ଦେଶଭକ୍ତି ତଥା ମାନବୀୟ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟକଳାପ ଚିରଦିନ ପାଇଁ ସ୍ମରଣୀୟ ରହିବ ବୋଲି ଗୁରୁବାର ସୂଚନା ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଥିଲେ, ଓଡ଼ିଶା ରାଜନୀତିରେ ସଦାଶିବ ତ୍ରିପାଠୀଙ୍କ ଘଟଣାବହୁଳ ଜୀବନ ଏକ ନିଷ୍କଳଙ୍କ ଅଧ୍ୟାୟ। ସବୁଠାରୁ ଲୋକପ୍ରିୟ, ନିର୍ମଳ ବ୍ୟକ୍ତିତ୍ୱ ସମ୍ପନ୍ନ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ଭାବମୂର୍ତ୍ତି ଓଡ଼ିଶାର ରାଜନୈତିକ ପରମ୍ପରାକୁ ଉଦ୍ଭାସିତ କରିଥିଲା। ଜୟପୁର ଆକାଶବାଣୀର ଷ୍ଟେଶନ ନିର୍ଦ୍ଦେଶକ ଗୌରଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଦାଶିବ ତ୍ରିପାଠୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରି କହିଛନ୍ତି, ଡ. ସଦାଶିବ ତ୍ରିପାଠୀଙ୍କ ପରି ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ, ନିଷ୍କଳଙ୍କ ରାଜନେତା, ସଫଳ ପ୍ରଶାସକ, ଆଦର୍ଶ ରାଜନୀତିଜ୍ଞ ଓଡ଼ିଶା ଇତିହାସରେ ବିରଳ। ପୁରୁଷୋତ୍ତମ କଳାକେନ୍ଦ୍ର, ମାଝୀଗୁଡ଼ା, ନବରଙ୍ଗପୁରର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏହି କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶବରୀ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ଇଂ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## 'ମ୍ୟାପିଙ୍ଗ ଦି ପାଷ୍ଟ' ଉନ୍ମୋଚିତ





ଭୁବନେଶ୍ୱର, ୨୧।୪ (ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ଜାତୀୟ ଅଭିଲେଖାଗାରର ଉପନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଦାସ ମହାପାତ୍ରଙ୍କ ପ୍ରକାଶିତ ପୁସ୍ତକ 'ମ୍ୟାପିଙ୍ଗ ଦି ପାଷ୍ଟ' ବୁଧବାର ଉନ୍ମୋଚିତ ହୋଇଯାଇଛି। ଅଭିଲେଖାଗାର ମହାନିର୍ଦ୍ଦେଶକ ଚନ୍ଦନ ସିହ୍ନା ଏହାକୁ ଉନ୍ମୋଚନ କରିଥିଲେ। ଓଡ଼ିଶା ଇତିହାସର ବିଭିନ୍ନ ଦିଗ ସମ୍ବନ୍ଧୀୟ ଦଶଟି ପ୍ରବନ୍ଧକୁ ନେଇ ରଚିତ ଏହି ପୁସ୍ତକକୁ ଲୋକାର୍ପିତ କରି ସିହ୍ନା କହିଲେ,ଜଣେ ପ୍ରଶାସକ ହିସାବରେ ସେ ଓଡ଼ିଶାକୁ ବହୁଥର ଆସି ସେଠାକାର ସଂସ୍କୃତି ଓ ଲୋକଙ୍କ ସହିତ ମିଶିଥିଲେ ମଧ ଓଡିଶା ଇତିହାସ ସମ୍ବନ୍ଧରେ ସେ ବିଶେଷକିଛି ଜାଣି ନ ଥିଲେ। କିନ୍ତୁ ଏହି ପୁସ୍ତକର କେତେଗୁଡିଏ ପ୍ରବନ୍ଧ ପଢି ଏହାର ଇତିହାସ ସମ୍ବନ୍ଧରେ ଜାଣିବାର ସୁଯୋଗ ପାଇଲେ। ପୁସ୍ତକ ସମ୍ବନ୍ଧରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇତିହାସ ପ୍ରଫେସର ଡ. ପ୍ରଭୁ ପ୍ରସାଦ ମହାପାତ୍ର କହିଲେ, ପୁସ୍ତକରେ ସ୍ଥାନିତ ପ୍ରବନ୍ଧରେ ଲେଖକଙ୍କ ମୌଳିକ ଗବେଷଣାର ପରିଚୟ ମିଳେ। ଅନ୍ୟତମ ସମ୍ମାନିତ ଅତିଥି ତଥା ସଂସ୍କୃତି ମନ୍ତ୍ରଣାଳୟର ଓଏସ୍‌ଡି ଡ. ସଞ୍ଜୟ ଗର୍ଗ ଲେଖକଙ୍କ ଗବେଷଣାର ପ୍ରଶଂସା କରିଥିଲେ। ଅଭିଲେଖାଗାରର ଅନ୍ୟତମ ଉପ ନିର୍ଦ୍ଦେଶକ ସୟଦ ଫରିଦ ଅହମଦ ସ୍ୱାଗତ ଭାଷଣ ଓ ଡକ୍ଟର ଦେବେନ୍ଦ୍ର ଶର୍ମା ସଭା ପରିଚାଳନା ଓ ପୁସ୍ତକ ପ୍ରକାଶକ ବୀରେନ୍ଦ୍ର ତିୱାରୀ ଧନ୍ୟବାଦ ଦେଇଥିଲେ।

## ଜାନକୀ ବାବୁ ଥିଲେ ବିଚକ୍ଷଣ ରାଜନେତା: ବାଚସ୍ପତି

### ୭ମ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ମହୋତ୍ସବ

■୩ଜଣଙ୍କୁ 'ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ-୨୦୨୨'





ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୧।୪ (ବ୍ୟୁରୋ):

ଓଡ଼ିଶାରେ ଯେଉଁ କେତେଜଣ ବିଚକ୍ଷଣ ରାଜନେତା ଜନ୍ମ ନେଇଛନ୍ତି, ସେମାନଙ୍କ ମଧ୍ୟରୁ ଜାନକୀ ବାବୁଙ୍କ ସ୍ଥାନ ଦ୍ୱିତୀୟରେ। ସେ ଦୂରଦୃଷ୍ଟି ସମ୍ପନ୍ନ ଜନନେତା ଥିଲେ। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିରେ ତାଙ୍କ ଅଙ୍ଗୀକାରବଦ୍ଧତାକୁ ଓଡ଼ିଆଜାତି ଭୁଲିପାରିବ ନାହିଁ ବୋଲି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୭ମ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ମହୋତ୍ସବ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଉଦ୍‌ଘାଟନ କରି ବାଚସ୍ପତି ଡ. ପାତ୍ର କହିଲେ, ଛାତ୍ର ଓ ଯୁବକଙ୍କ ଦ୍ୱାରା ଅସାଧ ସାଧନ ହୋଇପାରିବ ବୋଲି ଜାନକୀ ବାବୁ ଦୃଢ଼ତାର ସହ କହୁଥିଲେ। ପ୍ରଜାତନ୍ତ୍ରରେ ସମ୍ପାଦକ ଥିବାବେଳେ ୧୯୬୪ରେ ଛାତ୍ର ଆନ୍ଦୋଳନକୁ ପରୋକ୍ଷରେ ପରିଚାଳନା କରୁଥିଲେ ବୋଲି ବାଚସ୍ପତି କହିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ କହିଲେ, ଜାନକୀ ବାବୁ ଜଗନ୍ନାଥଙ୍କ ପ୍ରତି ସମର୍ପିତ ପ୍ରାଣ ଥିଲେ। ଆୟ ବୃଦ୍ଧି ପାଇଁ ଶ୍ରୀମନ୍ଦିରରେ ପ୍ରଥମ କରି ହୁଣ୍ଡି ସ୍ଥାପନ କରିଥିଲେ। ସଂସ୍କୃତ, ସେବାୟତଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି କହିଥିଲେ, ସ୍ୱର୍ଗତ ପଟ୍ଟନାୟକଙ୍କ ସାହିତ୍ୟ, ଜ୍ଞାନ ତଥା ରାଜନୈତିକ ବିଚକ୍ଷଣତାକୁ ଯଦି ବିଚାରକୁ ନିଆଯିବ, ତେବେ ସେ ଦେଶର ରାଷ୍ଟ୍ରପତି ହେବା କଥା ବୋଲି ସେ କହିଥିଲେ। ଦୀର୍ଘ ୭ ବର୍ଷ ପରେ ମୋର ପୂଜ୍ୟ ପିତାଙ୍କ ପ୍ରତି ସମସ୍ତଙ୍କ ଭଲ ପାଇବା ମୋତେ ଅଭିଭୂତ କରିଛି ବୋଲି ଜାନକୀଙ୍କ ପୁତ୍ର ପୃଥ୍ୱୀବଲ୍ଲଭ ପଟ୍ଟନାୟକ କହିଥିଲେ। ସ୍ମୃତି କମିଟିର ସାଧାରଣ ସମ୍ପାଦକ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଜାନକୀ ବାବୁଙ୍କ ସ୍ମୃତିରକ୍ଷା କରିବାରେ ରାଜ୍ୟ ସରକାର ଅକ୍ଷମଣୀୟ ଅପରାଧ କରୁଛନ୍ତି ବୋଲି କ୍ଷୋଭର ସହ କହିଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ସମାଜସେବା କ୍ଷେତ୍ରରେ ପୁରୀ ଜିଲା ପରିଷଦର ପୂର୍ବତନ ଅଧକ୍ଷା ମଞ୍ଜୁ ମହାନ୍ତି ଓ ଭାଷା ସାହିତ୍ୟ କ୍ଷେତ୍ରରେ ସାହିତ୍ୟିକ ଇଂ. ପ୍ରଭାକର ସ୍ୱାଇଁ ଓ ସାମ୍ବାଦିକ ଅଶୋକ ପଣ୍ଡାଙ୍କୁ 'ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା।

## ସରକାରଙ୍କ ଉପରେ ସାର ସବ୍‌ସିଡି

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ କଞ୍ଚାମାଲ ଦର ବୃଦ୍ଧି ଯୋଗୁ ବିଶ୍ୱସ୍ତରରେ ସାର ଦରରେ ଅଭୁତପୂର୍ବ ବୃଦ୍ଧି ଘଟିଛି। ଫଳରେ ଭାରତ ସରକାରଙ୍କ ଉପରେ ସବ୍‌ସିଡି ବିଲ୍ ୧.୦୫ ଲକ୍ଷ କୋଟି ଟଙ୍କାର ଭାର ବଜେଟ ତୁଳନାରେ ବୃଦ୍ଧି ପାଇଛି। ଏହି ସବ୍‌ସିଡି ବିଲ୍ ଚଳିତ ଆର୍ଥିକ ବର୍ଷ ପାଇଁ ୧.୬୫ ଲକ୍ଷ କୋଟି ଟଙ୍କା ପାଖାପାଖି ହୋଇଗଲାଣି ବୋଲି କ୍ରିସିଲ୍ ରେଟିଂ ଏଜେନ୍ସି ପକ୍ଷରୁ କୁହାଯାଇଛି। ତେବେ ସରକାର ଏହି ସ୍ଥିତି ସହ ମୁକାବିଲା କରିବାକୁ ସକ୍ରିୟ ଥିବା ଏଜେନ୍ସି କହିଛି। ପୂର୍ବ ଦୁଇ ଆର୍ଥିକ ବର୍ଷରେ ସରକାର ୧.୨ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ବ୍ୟୟ କରିବା ସହିତ ବଜେଟରେ ନିର୍ଦ୍ଧାରିତ ସବ୍‌ସିଡିରେ ବୃଦ୍ଧି କରାଯାଇଥିଲା।

# ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ୍ ଧମାଲ

■ ବ୍ରହ୍ମପୁରରୁ ୨୧ ବିଜେତା ହେଲେ ଲକ୍ଷପତି

■ ଆକର୍ଷଣ ସାଜିଲେ ଅର୍ଚ୍ଚିତା, ଅଫତାବ

ବ୍ରହ୍ମପୁର ଅଫିସ,୨୧।୪

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନିକଟରେ ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ପଡ଼ିଆରେ ଏହାର ୨୨ତମ ଫେଷ୍ଟିଭ୍ ଧମାଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ତା'ର ଗ୍ରାହକଙ୍କ ପାଇଁ 'ଲକ୍ଷପତି' ଲକି ଡ୍ର ଉଠାଣ ହୋଇଥିଲ। ଏଥିରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଅଧ୍ୟକ୍ଷତା କରିଥିଲେ। ଅରୁନ୍ଧତୀ ଜୁଏଲର୍ସ ନିର୍ଦ୍ଦେଶକ ଅଚ୍ୟୁଦାନନ୍ଦ ମେହେର, ପରିଚାଳନା ଅଧିକାରୀ ନୀହାର ରଞ୍ଜନ ନନ୍ଦ, ଜୋନାଲ ମ୍ୟାନେଜର ନିରଞ୍ଜନ ବେହେରା ଏବଂ ବ୍ରହ୍ମପୁର ଅରୁନ୍ଧତୀ ଜୁଏଲର୍ସ ବ୍ରାଞ୍ଚ ମୁଖ୍ୟ ମୋହନ ବାରିକ ମଞ୍ଚ ଉପରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସନ୍ଧ୍ୟାକୁ ଅଧିକ ରଙ୍ଗିନ କରିବା ନିମନ୍ତେ ଆଙ୍କର ସୁଲଗ୍ନା ଓ ଶୁଭମ୍ ମଞ୍ଚ ପରିଚାଳନା ସହ ଓଲିଉଡ ଅଭିନେତ୍ରୀ ତଥା ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ଓ ବଲିଉଡ ଲୋକପ୍ରିୟ ଅଭିନେତା ଅଫତାବ ଶିବଦାସନୀଙ୍କ ଉପସ୍ଥିତିରେ ଦର୍ଶକ ମତୁଆଲା ହୋଇଥିଲେ। ଲକି ଡ୍ର ବିଜେତା 'ଲକ୍ଷପତି'କାର୍ଯ୍ୟକ୍ରମରେ ବ୍ରହ୍ମପୁର ଷ୍ଟୋରର ୨୧ ଜଣ ଗ୍ରହକ ଲକ୍ଷପତି ହେବା ସୁଯୋଗ ପାଇଛନ୍ତି। ଅତିଶୀଘ୍ର ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରାଉରକେଲାଠାରେ ନୂତନ ଷ୍ଟୋର ଶୁଭାରମ୍ଭ ହେବା ନେଇ ମଧ ଏହି ସନ୍ଧ୍ୟାରେ ସୂଚନା ମିଳିଛି। ସେହିପରି କୋଲକାତାର ମୁନସ୍ଟାର ଡ୍ୟାନ୍ସ ଗ୍ରୁପ ନିଜର ନୃତ୍ୟ ପରିବେଷଣ ମାଧମରେ ଉପସ୍ଥିତ ପ୍ରାୟ ୫୦୦୦ ଗ୍ରାହକ ଓ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଓଡ଼ିଆ କଣ୍ଠଶିଳ୍ପୀ ନବ୍ୟାଜ୍ୟୋତି ଓ ଆଶୁତୋଷଙ୍କ ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ। ଏହା ସହ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସଫଳତା ଜୟଯାତ୍ରାର ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ମଡେଲମାନଙ୍କ ଦ୍ୱାରା ପାରମ୍ପରିକ ଓ ପାଶ୍ଚାତ୍ୟ ପୋଷାକକୁ ମାନିବା ଭଳି ବହୁ ନୂତନ କାରିଗରି ସମ୍ପନ୍ନ ଗହଣା ପ୍ରଦର୍ଶିତ ହୋଇଥିଲା। ଜୁଏଲର୍ସ ଦୀର୍ଘ ୨୨ ବର୍ଷ ଧରି ବଲାଙ୍ଗୀରରୁ ଆରମ୍ଭ କରିଥିବା ଏହି ଯାତ୍ରାରେ ଓଡ଼ିଶାର ବିଭିନ୍ନ ସହର ତଥା ଏକ ବର୍ଷ ହେବ ବ୍ରହ୍ମପୁର ସହରର ଗ୍ରାହକଙ୍କୁ ସେବା ଯୋଗବା ସେ ଲକ୍ଷଲକ୍ଷ ଗ୍ରାହକଙ୍କ ବିଶ୍ୱାସ ଓ ପ୍ରିୟ ଭାଜନ ହୋଇପାରିଥିବାରୁ ପରିଚାଳନା ନିର୍ଦ୍ଦେଶକ ମେହେର ଗ୍ରାହକ ଦର୍ଶକ ବନ୍ଧୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଲକ୍ଷପତିଙ୍କ ଲକି ଡ୍ର ବିଜେତାଙ୍କ ସହ ଅଫତାବ, ଅର୍ଚ୍ଚିତା ଓ ଅରୁନ୍ଧତୀ କର୍ତ୍ତୃପକ୍ଷ।

## କାର୍ଡ ଇସ୍ୟୁ ପାଇଁ ଆର୍‌ବିଆଇର ନିର୍ଦ୍ଦେଶନାମା

ନୂଆଦିଲ୍ଲୀ, ୨୧।୪

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କ୍ରେଡିଟ୍ କାର୍ଡ ଏବଂ ଡେବିଟ୍ କାର୍ଡ ଇସ୍ୟୁ କରିବା ପାଇଁ ଗୁରୁବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ଆର୍‌ବିଆଇ (କ୍ରେଡିଟ୍ କାର୍ଡ ଆଣ୍ଡ ଡେବିଟ୍ କାର୍ଡ- ଇସ୍ୟୁଏନ୍ସ ଆଣ୍ଡ କଣ୍ଡକ୍ଟ) ଡାଇରେକ୍ସନ୍ ୨୦୨୨ ଅନୁସାରେ ଏହି କ୍ରେଡିଟ୍ କାର୍ଡ ସମ୍ବନ୍ଧିତ ବ୍ୟବସ୍ଥାକୁ ପେମେଣ୍ଟ ବ୍ୟାଙ୍କ, ରାଜ୍ୟ କୋ ଅପରେଟିଭ୍ ବ୍ୟାଙ୍କ ଏବଂ ଜିଲା କେନ୍ଦ୍ରୀୟ କୋ-ଅପ୍‌ରେଟିଭ୍ ବ୍ୟାଙ୍କ୍‌କୁ ଛାଡ଼ି ଅନ୍ୟ ସମସ୍ତ ସିଡ୍ୟୁଲ ବ୍ୟାଙ୍କ ଉପରେ ଲାଗୁ କରାଯିବ। ଏହାଛଡ଼ା ଭାରତରେ କାର୍ଯ୍ୟ କରୁଥିବା ସମସ୍ତ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକ ପାଇଁ ଏହି ନିର୍ଦ୍ଦେଶ ପ୍ରଯୁଜ୍ୟ । ଆର୍‌ବିଆଇ ପକ୍ଷରୁ ଜାରି ବୟାନ ଅନୁସାରେ ଏହି ନିର୍ଦ୍ଦେଶ ଡେବିଟ୍, କ୍ରେଡିଟ୍ ଏବଂ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ଉପରେ ଲାଗୁ ପ୍ରୁଡେନ୍ସିଆଲ ପେମେଣ୍ଟ, ଟେକ୍ନୋଲୋଜି ଏବଂ ସାଇବର ସୁରକ୍ଷା ସମ୍ବନ୍ଧୀୟ ନିର୍ଦ୍ଦେଶ ମଧ୍ୟ ସାମିଲ ରହିବ। ଏହି ନିର୍ଦ୍ଦେଶନାମା ଚଳିତ ବର୍ଷ ଜୁଲାଇ ୧ରୁ ଲାଗୁ ହେବ।

## ହାରୋର ନୂତନ କାର୍ଯ୍ୟକର୍ତ୍ତା ମନୋନୀତ



**ଭୁବନେଶ୍ୱର,୨୧।୪:** ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ ଅଫ୍ ଓଡ଼ିଶା (ହାରୋ) ପକ୍ଷରୁ ସଂଘର ବାର୍ଷିକ ସାଧାରଣ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଂଘର ନିର୍ବାଚନ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୨୦୨୩-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଜୋନାଲ କାର୍ଯ୍ୟାଳୟ ପାଇଁ କାର୍ଯ୍ୟକର୍ତ୍ତା ମନୋନୀତ କରାଯାଇଛି। ରାଜ୍ୟର ସମସ୍ତ ୩୦ ଜିଲା ପାଇଁ ୩୧ଜଣ ଏକ୍‌ଜିକ୍ୟୁଟିଭ୍ କମିଟି ସଭ୍ୟ ସହିତ ୭ଜଣ ଉପସଭାପତି ଏବଂ ୮ଜଣ ଜଏଣ୍ଟ ସେକ୍ରେଟାରିଙ୍କୁ ଚୟନ କରାଯାଇଛି।

ସଂଘର ବରିଷ୍ଠ ସଦସ୍ୟ ଜେ.କେ. ମହନ୍ତି ଏହାର ଆଜୀବନ ଅଧ୍ୟକ୍ଷ ଦାୟିତ୍ୱରେ ଥିବାବେଳେ ଶ୍ରୀନିବାସ ସୁବୁଦ୍ଧି କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଜୋନାଥନ ରାଉଲ ଏବଂ ତାରିଣୀ ପି. ମହାନ୍ତିଙ୍କୁ ଭୁବନେଶ୍ୱର (ସେଣ୍ଟ୍ରାଲ ଜୋନ୍-୧ ଏବଂ ୨) ଉପସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ରାଜକିଶୋର ପାତ୍ରଙ୍କୁ (ପୁରୀ ଜୋନ୍), ୟୁ.ଏସ୍. ପାଣିଗ୍ରାହୀଙ୍କୁ ବ୍ରହ୍ମପୁର (ଦକ୍ଷିଣ ଜୋନ୍), ଶଙ୍କରାଚାର୍ଯ୍ୟ ପ୍ରଧାନଙ୍କୁ ଅନୁଗୋଳ (ପଶ୍ଚିମ-ସେଣ୍ଟ୍ରାଲ ଜୋନ୍), ଆଶିଷ ପାଲିତଙ୍କୁ ଝାରସୁଗୁଡ଼ା (ପଶ୍ଚିମ ଜୋନ୍) ଏବଂ ସରୋଶ ବୋଧାନୱାଲାଙ୍କୁ ବାଲେଶ୍ୱର (ଉତ୍ତମ ଜୋନ୍) ଉପସଭାପତି ଦାୟିତ୍ୱ ଦିଆଯାଇଛି। ଏହାବ୍ୟତୀତ ମିଲିନ୍ଦ ଗୁପ୍ତାଙ୍କୁ ସେକ୍ରେଟାରି ଜେନେରାଲ ଏବଂ ସୁଜିତ କୁମାର ମହାପାତ୍ର ଆସୋସିଏସନର ଟ୍ରେଜେରର ଭାବେ ଚୟନ ହୋଇଛନ୍ତି।

## ଟିକେଏମ୍ ପକ୍ଷରୁ ହମ୍ ହୈ ହାଇବ୍ରିଡ୍ ଅଭିଯାନ

ନୂଆଦିଲ୍ଲୀ,୨୧।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ର ସ୍ୱତନ୍ତ୍ର କ୍ୟୁରେଟେଡ୍ ୱେବ୍ ଭିଡିଓ ସିରିଜ ଜରିଆରେ 'ହମ୍ ହୈ ହାଇବ୍ରିଡ୍' ନାମରେ ଏକ ଅଭିଯାନ ଆରମ୍ଭ କରାଯାଇଛି। ସେହିଭଳି ଟୟୋଟା ୨୦୫୦ ସୁଦ୍ଧା 'କାର୍ବନ ନ୍ୟୁଟ୍ରାଲିଟି' ନେଇ ପ୍ରତିଶ୍ରୁତିବଦ୍ଧ। ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଆମ ଦେଶର ପ୍ରମୁଖ ଜାତୀୟ ଲକ୍ଷ୍ୟ ସହିତ ସମାନ୍ତରାଳ ଭାବେ ଟୟୋଟା କାର୍ଯ୍ୟ ଜାରି ରଖିଛି। ସେହିପରି ସବୁଜ ଗତିଶୀଳତା 'ସେଲ୍-ଚାର୍ଜିଂ ହାଇବ୍ରିଡ୍ ଇଲେକ୍ଟ୍ରିକ ଭେଇକିଲ୍ସ' ବିଷୟରେ ମଧ ଉକ୍ତ ଡିଜିଟାଲ ଅଭିଯାନ ସହ କମ୍ପାନୀ ଦେଶରେ ଇଲେକ୍ଟ୍ରିକ୍ ଭେହିକିଲର ବ୍ୟବହାର ବୃଦ୍ଧି ପାଇଁ ମଧ ପ୍ରୟାସ କରୁଛି। ଏହାଦ୍ୱାରା ଯାନଗୁଡ଼ିକୁ ବୈଦ୍ୟୁତିକ ମୋଡ୍‌ରେ ୬୦% ସମୟ ପର୍ଯ୍ୟନ୍ତ ଚଳାଯାଇପାରିବ। ଫଳ ସ୍ୱରୂପ ୪୦-୮୦% ପର୍ଯ୍ୟନ୍ତ ଇନ୍ଧନ ଦକ୍ଷତାର ଉନ୍ନତି ଘଟିବ। ସେଲ୍-ଚାର୍ଜିଂ ହାଇବ୍ରିଡ୍ ଇଲେକ୍ଟ୍ରିକ ଭେଇକିଲ ରିଚାର୍ଜ କରିବା ପାଇଁ ପ୍ଲଗ୍-ଇନ୍ ଆବଶ୍ୟକ କରେ ନାହିଁ। ଆଭ୍ୟନ୍ତରୀଣ ଜାଳେଣି ଇଞ୍ଜିନ ଏବଂ ପୁନଃ ନିର୍ମାଣକାରୀ ବ୍ରେକିଂ ଚଳାଇ ବ୍ୟାଟେରି ରିଚାର୍ଜ ହୁଏ। ଏହା ସହ ରକ୍ଷଣାବେକ୍ଷଣରେ ୬୦% ପର୍ଯ୍ୟନ୍ତ ସମୟ ଖର୍ଚ୍ଚ ହୋଇଥାଏ। ଏସ୍‌ଏଚ୍‌ଇଭି ବ୍ୟାଟେରି ଉପରେ ୱାରେଣ୍ଟି ୮ ବର୍ଷ କିମ୍ବା ୧,୬୦,୦୦୦ କିଲୋମିଟର କଭର ରହିଛି।

ଏ ସମ୍ପର୍କରେ ଟିକେଏମ୍‌ର ବିକ୍ରୟ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ଆସୋସିଏଟ ଉପାଧ୍ୟକ୍ଷ ଅତୁଲ ସୁଦ୍ କହିଛନ୍ତି, ବିଦ୍ୟୁତୀକରଣ ଯାନ ପ୍ରଯୁକ୍ତିକୁ ଲୋକପ୍ରିୟ କରିବା ପାଇଁ ଆମର ନିରନ୍ତର ପ୍ରୟାସ ରହିଛି।

## ଜୁଲାଇରେ ହୋଇପାରେ ସ୍ପେକ୍ଟ୍ରମ୍ ନିଲାମ

ନୂଆଦିଲ୍ଲୀ,୨୧।୪

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ୫ଜି ସମ୍ପର୍କିତ କାର୍ଯ୍ୟକଳାପରେ ଅଗ୍ରଗତି ହେଉଥିବା କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସୂଚନା ଦେଇଛନ୍ତି। କିଛିଦିନ ପୂର୍ବରୁ ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ପକ୍ଷରୁ ସ୍ପେକ୍ଟ୍ରମ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ନିଲାମୀର ଗାଇଡ୍‌ଲାଇନ ସମ୍ପର୍କରେ ସୁପାରିସ କରାଯାଇଥିଲା। ଭାରତୀୟ ବଜାର ଆଗାମୀ ପିଢ଼ିର ୫ଜି ସର୍ଭିସ୍ ପାଇଁ ଅପେକ୍ଷା କରିଥିବାରୁ ବୈଷ୍ଣବଙ୍କ ପକ୍ଷରୁ ଦିଆଯାଇଥିବା ବୟାନ ଗୁରୁତ୍ୱପୂର୍ଣ୍ଣ। ୫ଜି ଜରିଆରେ ସର୍ବାଧିକ ସ୍ପିଡ୍‌ଯୁକ୍ତ ସେବା ମିଳିପାରିବ। ଜୁନ୍-ଜୁଲାଇ ମଧରେ ୫ଜି ସ୍ପେକ୍ଟ୍ରମ୍ ନିଲାମ ହେବା ସମ୍ପର୍କରେ ଆଶା ରଖାଯାଇଛି। ମନ୍ତ୍ରୀ ବୈଷ୍ଣବଙ୍କୁ ଟ୍ରାଇର ବର୍ତ୍ତମାନର ୫ଜି ସୁପାରିସ ଏବଂ ଦୂରସଞ୍ଚାର ବିଭାଗର ଆଗାମୀ ପଦକ୍ଷେପ ସମ୍ପର୍କରେ ପଚରାଯାଇଥିଲା।

## ରିଲାଏନ୍ସ ରିଟେଲ୍ ଖୋଲିବ 'ସ୍ୱଦେଶ' ଷ୍ଟୋର

ମୁମ୍ବାଇ,୨୧।୪

ରିଲାଏନ୍ସ ରିଟେଲ ପକ୍ଷରୁ 'ହ୍ୟାଣ୍ଡ ମେଡ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜରିଆରେ ଅସଲି ହାତ ତିଆରି ଉତ୍ପାଦକୁ ପ୍ରଦର୍ଶିତ କରିବା ଏବଂ ବିଶ୍ୱସ୍ତରରେ ସମୃଦ୍ଧ ଭାରତୀୟ କଳାକୁ ଆଗକୁ ବଢ଼ାଇବା ପାଇଁ ରିଲାଏନ୍ସ ରିଟେଲ ପକ୍ଷରୁ 'ସ୍ୱଦେଶ' ନାମରେ ରିଟେଲ ଷ୍ଟୋର ସମୂହ ମଧ ଖୋଲାଯିବ। ଏହାଦ୍ୱାରା ହଜାର ହଜାର କାରିଗରଙ୍କୁ ସ୍ଥାୟୀ ଜୀବିକା ମିଳିବା ସହ ଏହା ଭାରତୀୟ କଳାକୁ ସାରା ଦୁନିଆର ବଜାର ମଧ ଉପଲବ୍ଧ ହେବ। ସ୍ୱଦେଶ ଷ୍ଟୋରରେ ଭାରତୀୟ କାରିଗରମାନେ ତିଆରି କରିଥିବା ସାମଗ୍ରୀଗୁଡ଼ିକୁ 'ସ୍ୱଦେଶ ବ୍ରାଣ୍ଡ' ଅନୁସାରେ ବଜାରରେ ଉପସ୍ଥାପନ କରାଯିବ। ପ୍ରଥମ ସ୍ୱଦେଶ ଷ୍ଟୋର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଖୋଲିବା ଆଶା କରାଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍‌ର ନିର୍ଦ୍ଦେଶିକା


ଇଶା ଅମ୍ବାନୀ

ଇଶା ଅମ୍ବାନୀ କହିଛନ୍ତି, ଭାରତୀୟ କଳା ଓ ଶିଳ୍ପର ଭବିଷ୍ୟତ ଏକ ରୋମାଞ୍ଚକ ସ୍ଥିତିରେ ରହିଛି। ବିଲୁପ୍ତ କଳାକୃତିର ପୁନରୁଦ୍ଧାର କରିବା ଏବଂ ସ୍ଥାନୀୟ କାରିଗର, ବୁଣାକାର ଓ ଶିଳ୍ପ କାରିଗରମାନଙ୍କ ପାଇଁ ଏକ ବ୍ୟବସ୍ଥା ବିକଶିତ କରିବା ଓ ଏକ ଦୃଢ଼ ଭିତ୍ତିଭୂମି ଢାଞ୍ଚା ବିକଶିତ କରିବା ଦିଗରେ ଆମ ପ୍ରୟାସର ବେଶ୍ ଉତ୍ସାହଜନକ ଫଳ ମିଳିଛି। ଆମର ନିଜସ୍ୱ ହସ୍ତଶିଳ୍ପ ଷ୍ଟୋର ଫର୍ମାଟ 'ସ୍ୱଦେଶ' ଏବେ ପ୍ରସ୍ତୁତ ହୋଇଯାଇଛି। ଏହା ବସ୍ତ୍ର ଓ ପୋଷାକ, ଗୃହରେ ବ୍ୟବହୃତ ବୟନ ସାମଗ୍ରୀ, ହୋମ୍ ଡେକର, ଆସବାବପତ୍ର, ଗହଣା ଓ ୱେଲ୍‌ନେସ୍ ଉତ୍ପାଦ ସହିତ ବହୁ କିଛି ପ୍ରଦର୍ଶିତ କରିବ। କାରିଗର ଗୋଷ୍ଠୀଙ୍କଠାରୁ ସିଧାସଳଖ ଶତ ପ୍ରତିଶତ ଅସଲି ଶିଳ୍ପ ଉତ୍ପାଦ କିଣିବା ଲାଗି ସ୍ୱଦେଶ ପକ୍ଷରୁ ବିଭିନ୍ନ ସରକାରୀ ସଂସ୍ଥା ଓ ଉଦ୍ୟୋଗଗୁଡ଼ିକ ସହ ସହଯୋଗିତା ସ୍ଥାପନ କରାଯାଉଛି ଏବଂ ବୟନ ମନ୍ତ୍ରଣାଳୟ ସହିତ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷର କରାଯାଇଛି। ଏହା ବ୍ୟତୀତ ପଶ୍ଚିମବଙ୍ଗ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଓ ବୟନ ବିଭାଗ ସହ ମଧ୍ୟ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରାଯାଇଛି। ଏହି ସହଯୋଗିତାର ଉଦ୍ଦେଶ୍ୟ ହେଉଛି ଏକ ସ୍ୱଚ୍ଛ ଓ ଗତିଶୀଳ ବ୍ୟବସ୍ଥା ଗଠନ କରିବା। କୋଲକାତାରେ ଆୟୋଜିତ ବେଙ୍ଗଲ ବିଶ୍ୱ ବ୍ୟବସାୟ ସମ୍ମିଳନୀରେ ଏମ୍‌ଓୟୁରେ ଗୁରୁବାର ସ୍ୱାକ୍ଷର କରାଯାଇଛି।

## ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ବୈଠକ

**ଭୁବନେଶ୍ୱର,୨୧।୪:** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱରର ୫୧ତମ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅଭୟ କିଶୋର ପାଣ୍ଡେ, ପ୍ରଭାରୀ ଅଧ୍ୟକ୍ଷ, ନରାକାସ (ବ୍ୟାଙ୍କ) ଏବଂ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱରଙ୍କ ଅଧ୍ୟକ୍ଷତା, ଭାରତ ସରକାର, ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗର ପ୍ରତିନିଧି ନିର୍ମଳ କୁମାର ଦୁବେ, ସହାୟକ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶବ କୋରକୋରା, ସୁଶାନ୍ତ ମିଶ୍ର , ରମାକାନ୍ତ ପ୍ରଧାନ, ଅନୁପ କୁମାର ସିହ୍ନାଙ୍କ ସମେତ ସମସ୍ତ ବ୍ୟାଙ୍କ ଏବଂ ବୀମା କମ୍ପାନୀର ଉପମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ଫୁର୍‌ସତ



# ପିସିଙ୍କ ଝିଅ ମାଲତି

ୱାଶିଂଟନ: ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ଝିଅର ନାମ ରଖିଛନ୍ତି ମାଲତି ମାରୀ ଚୋପ୍ରା ଜୋନାସ। ଆମେରିକାର ଏଣ୍ଟରଟେନମେଣ୍ଟ ନ୍ୟୁଜ୍ ଚ୍ୟାନେଲ ଟିଏମ୍‌ଜେଡ୍ ପିସିଙ୍କ ଝିଅଙ୍କ ଜନ୍ମ ପ୍ରମାଣପତ୍ର ପ୍ରକାଶ କରିଛି। ସାନ୍ ଡିଏଗୋରେ ଥିବା ଏକ ଡାକ୍ତରଖାନାରେ ଜାନୁୟାରୀ ୧୫ ତାରିଖ ରାତି ୮ଟା ସମୟରେ ପ୍ରିୟଙ୍କାଙ୍କ ଝିଅ ଜନ୍ମ ହୋଇଥିଲେ। ପ୍ରିୟଙ୍କା ସରୋଗେସି ମାଧ୍ୟମରେ ମା' ହୋଇଛନ୍ତି। ଶିଶୁ କନ୍ୟାର ଅଭିଭାବକ ହେବା ନେଇ ଚଳିତବର୍ଷ ଜାନୁୟାରୀରେ ପ୍ରିୟଙ୍କା ଏବଂ ନିକ୍ ସୋସିଆଲ ମିଡିଆ ପୋଷ୍ଟ ଦ୍ୱାରା ଫ୍ୟାନ୍ସମାନଙ୍କୁ ଜଣାଇଥିଲେ। ୨୦୧୮ ଡିସେମ୍ବରରେ ରାଜସ୍ଥାନର ଯୋଧପୁରରେ ପ୍ରିୟଙ୍କା ଆମେରିକାନ ସିଙ୍ଗର ନିକ୍‌ଙ୍କୁ ବିବାହ କରିଥିଲେ।

ବର୍ତ୍ତମାନ ପିସି ହଲିଉଡ୍‌ରେ ବେଶ୍ ଆକ୍ଟିଭ। ଫିଲ୍ମରେ ଅଭିନୟ କରିବା ସାଙ୍ଗକୁ ଇଂଲିଶ ଫିଲ୍ମ ପ୍ରଯୋଜନା ମଧ ପ୍ରିୟଙ୍କା କରୁଛନ୍ତି। ଆଗାମୀ ଦିନରେ ପ୍ରିୟଙ୍କାଙ୍କ ଦ୍ୱାରା ଅଭିନୀତ ଫିଲ୍ମ ରୋମ୍ କମ୍ ରିଲିଜ ହେବାକୁ ରହିଛି। ସେହିପରି ହିନ୍ଦୀ ଫିଲ୍ମ 'ଜି ଲେ ଜରା'ରେ ମଧ ପ୍ରିୟଙ୍କାଙ୍କୁ ଦେଖିବାକୁ ମିଳିବ। ଏଥିରେ ତାଙ୍କ ସହ କ୍ୟାଟ୍ରିନା କୈଫ ଏବଂ ଆଲିଆ ଭଟ୍ଟ ସ୍କ୍ରିନ୍ ଶେୟାର କରିଛନ୍ତି।

# କ୍ଷମା ମାଗିଲେ ଅକ୍ଷୟ

**ମୁମ୍ବାଇ:** ତମାଖୁ ବିଜ୍ଞାପନ କରିବା ନେଇ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ନିଜ ଫ୍ୟାନ୍ସମାନଙ୍କୁ କ୍ଷମା ମାଗିଛନ୍ତି। ଗୁରୁବାର ସେ ଟୁଇଟରରେ ଏକ ପୋଷ୍ଟ ଶେୟାର କରି ନିଜ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି। 'ଆଇଆମ୍ ସରି', ତମାଖୁ ବିଜ୍ଞାପନ କରିଥିବାରୁ ପ୍ରଶଂସକମାନେ ପ୍ରଭାବୀତ ହୋଇଥିବାବେଳେ ଏ ନେଇ ସେମାନଙ୍କର ପ୍ରତିକ୍ରିୟା ତାଙ୍କୁ କଷ୍ଟ ଦେଇଥିବା ସେ ଉକ୍ତ ପୋଷ୍ଟରେ ଲେଖିଛନ୍ତି। ଆଗାମୀ ଦିନରେ ସେ ତମାଖୁର ବିଜ୍ଞାପନ କରିବେ ନାହିଁ ବୋଲି କହିବା ସହ ଏଥିରୁ ମିଳିଥିବା ଏଣ୍ଡୋର୍ସମେଣ୍ଟ ବା ଅନୁମୋଦିତ ରାଶି ଏକ ଜନମଙ୍ଗଳକାରୀ କାର୍ଯ୍ୟରେ ବିନିଯୋଗ କରିବେ ବୋଲି କହିଛନ୍ତି।

ତମାଖୁ ବିଜ୍ଞାପନ କରିବା ନେଇ ଅକ୍ଷୟଙ୍କ ଫ୍ୟାନ୍ସ ତାଙ୍କ ଉପରେ ରାଗିଯାଇଥିବାବେଳେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ ହୋଇଥିଲା। ତମାଖୁ ବିଜ୍ଞାପନ ନ କରିବା ପାଇଁ କିଛି ବର୍ଷ ପୂର୍ବେ ଅକ୍ଷୟ ଏକ ଭିଡିଓ ବାର୍ତ୍ତା ଜାରି କରିଥିବାବେଳେ ଏହି ଭିଡିଓକୁ ଲୋକେ ସୋସିଆଲ ମିଡିଆରେ ପୋଷ୍ଟ କରି ଅକ୍ଷୟଙ୍କ ସମାଲୋଚନା କରିବା ଆରମ୍ଭ କରିଥିଲେ, ଯାହାପରେ ଅକ୍ଷୟ ଟୁଇଟର ଜରିଆରେ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି।




## ୪୦ ଘଣ୍ଟା ପରେ ହାତୀଶାଳରୁ ଉଦ୍ଧାର ହେଲେ ଜୋଶିକା

**ଅମରାବତୀ:** ଆନ୍ଧ୍ର ପ୍ରଦେଶର ଚିତ୍ତୋର ଜିଲା ଅନ୍ତର୍ଗତ ନାକ୍କାଲାଗୁଣ୍ଟାରେ ୪ ବର୍ଷର ଶିଶୁ କନ୍ୟା ଜୋଶିକାଙ୍କୁ ଏକ ହାତୀଶାଳରୁ ଉଦ୍ଧାର କରାଯାଇଛି। ଦୀର୍ଘ ୪୦ ଘଣ୍ଟାର ଖୋଜାଖୋଜି ପରେ ପୋଲିସ ସଫଳତାର ସହ ଜୋଶିକାଙ୍କୁ ସୁରକ୍ଷିତ ଭାବେ ରକ୍ଷା କରିଛି। ସୂଚନାଯୋଗ୍ୟ ୧୬ ତାରିଖରେ ଜୋଶିକା କେତେଜଣ ପିଲାଙ୍କ ସହ ଘର ବାହାରେ ଖେଳୁଥିଲେ। ଖେଳିବା ସମୟରେ ହିଁ ସେ ଘରପାଖ ଜଙ୍ଗଲକୁ ଚାଲିଯାଇଥିଲେ ଆଉ ସେଠାରୁ ଫେରି ନ ଥିବା ପୋଲିସ କହିଛି। ଜେଶିକାଙ୍କ ବାପା ଦ୍ରାବିଡିଆନ ୟୁନିଭର୍ସିଟିରେ ଚାକିରି କରନ୍ତି। ଝିଅ ଘରକୁ ନ ଫେରିବାରୁ ସ୍ଥାନୀୟ ପୋଲିସ ଷ୍ଟେଶନରେ ସେ ଅଭିଯୋଗ କରିଥିଲେ। ପୋଲିସ ସ୍ନାଇପର ଏବଂ ଡଗ୍ ସ୍କ୍ୱାଡ୍ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଦୀର୍ଘ ୪୦ ଘଣ୍ଟାର ଅପରେଶନ ପରେ ଜୋଶିକାଙ୍କୁ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି।



## ମାଳ ବଦଳରେ ଚାପୁଡ଼ା

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ହମିରପୁରରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଦେଖିବାକୁ ମିଳିଛି ଏକ ବିଚଳିତ କରିଦେଲା ଭଳି କାଣ୍ଡ। ବରଣମାଳା ଅଦଳ ବଦଳ ପାଇଁ ବର ଓ କନିଆ ପ୍ରସ୍ତୁତ ଥିଲେ। ବର ଯେତେବେଳେ କନ୍ୟା ଗଳାରେ ବରଣମାଳା ପିନ୍ଧାଇବାକୁ ଯାଏ ସେ ସମୟରେ ହଠାତ୍ ରାଗି ଉଠିଲେ କନ୍ୟା। ରାଗିଯାଇ କନ୍ୟା ଜଣକ ବରଙ୍କୁ ଦଇଟି ଶକ୍ତ ଚାପୁଡ଼ା ମାରି ସେଠାରୁ ଚାଲି ଆସିଥିଲେ। କନ୍ୟାଙ୍କ ଏ ପ୍ରକାର ବ୍ୟବହାର ପଛର କାରଣ ଜଣାପଡ଼ି ନ ଥିବାବେଳେ ଏ ପ୍ରକାର ଦୃଶ୍ୟ ଦେଖି ସେଠାରେ ଉପସ୍ଥିତ ପରିବାର ଓ ବନ୍ଧୁ ବର୍ଗଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ଏ ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। କିଛିଦିନ ପୂର୍ବରୁ ତାମିଲନାଡୁରେ ଏ ପ୍ରକାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବିବାହ ଉତ୍ସବରେ ନାଚିବା କାରଣରୁ ବର କନ୍ୟାଙ୍କୁ ଚାପୁଡ଼ା ମାରିଥିଲେ। କନ୍ୟା ମଧ ବରଙ୍କୁ ଚାପୁଡା ମାରି ତାଙ୍କ ସମ୍ପର୍କୀୟଙ୍କୁ ବାହା ହୋଇଯାଇଥିଲେ।

# ତିଆରି ହେବ ମହାରାଣୀଙ୍କ ବାର୍ବିଡଲ୍

## ୯୬ ବର୍ଷରେ ଏଲିଜାବେଥ୍

**ଲଣ୍ଡନ:** ବ୍ରିଟେନ ମହାରାଣୀ ଏଲିଜାବେଥ ଦ୍ୱିତୀୟ ଗୁରୁବାର ଲଣ୍ଡନର ସାଣ୍ଡ୍ରିନଘାମ ଇଷ୍ଟେଟ୍‌ରେ ୯୬ତମ ଜନ୍ମ ଦିବସ ପାଳନ କରିଛନ୍ତି। ଲଣ୍ଡନରେ ଗନ୍ ସାଲ୍ୟୁଟ ରେଞ୍ଜ ପରିକ୍ରମା କରିବା ସହ ମିଲିଟାରୀ ବ୍ୟାଣ୍ଡ ହାପି ବାର୍ଥ ଡେ' ପ୍ଲେ କରାଯାଇଥିଲା। ମହାରାଣୀ ଏଲିଜାବେଥ ବ୍ରିଟେନରେ ସବୁଠାରୁ ଅଧିକ ଦିନ ଧରି ସେବା କରିଆସୁଛନ୍ତି। ଚଳିତ ବର୍ଷ ମହାରାଣୀଙ୍କ ଶାସନକୁ ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଜୁନ୍‌ରେ ମହାରାଣୀ ପ୍ଲାଟିନମ୍ ଜୁବଲି ପାଳନ କରିବେ। ଏ ଅବସରରେ ମହାରାଣୀ ଦୁଇଟି ଧଳା ଘୋଡ଼ା ମଝିରେ ଛିଡ଼ା ହୋଇଥିବାର ଫଟୋ ଉନ୍ମୋଚନ କରାଯିବ। ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ମଧ ମହାରାଣୀଙ୍କୁ ଶୁଭକାମନା ଜଣାଇଛନ୍ତି।

ପ୍ଲାଟିନମ ଜୁବଲି ନେଇ ଜୁନ୍ ୨ରୁ ୫ ପର୍ଯ୍ୟନ୍ତ ଦେଶରେ ଜୁବଲି ୱିକେଣ୍ଡ ଭାବେ ପାଳନ କରାଯିବ। ମହାରାଣୀଙ୍କ ଐତିହାସିକ ଉପଲବ୍ଧିକୁ ସ୍ମରଣୀୟ କରିବା ପାଇଁ ଟଏମେକର ମଡେଲ ଏଲିଜାବେଥ ଦ୍ୱିତୀୟଙ୍କ ବାର୍ବିଡଲ ତିଆରି କରିବେ ବୋଲି କହିଛନ୍ତି। ଜନ୍ମ ଦିନ ଅବସରରେ ଏଲିଜାବେଥଙ୍କ ୨ ବର୍ଷ ବୟସର ଫଟୋ ସୋସିଆଲ ମିଡିଆରେ ଶେୟାର ହୋଇଛି। ୧୯୨୬ ଏପ୍ରିଲ ୨୧ରେ ଏଲିଜାବେଥ ଦ୍ୱିତୀୟ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୨୫ ବର୍ଷ ବୟସରେ ୧୯୫୨ରେ ବ୍ରିଟେନର ମହାରାଣୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୧୯୩୬ରେ ଇଡୱାର୍ଡ ଭିଆଇଆଇ ରାଜଗାଦି ତ୍ୟାଗ କରିବା ପରେ ଏଲିଜାବେଥଙ୍କ ବାପା ବ୍ରିଟେନର ରାଜଗାଦିରେ ବସିଥିଲେ।



## ବିଧବା ମହିଳାଙ୍କୁ ହତ୍ୟା

ନୟାଗଡ଼ ଅଫିସ/ଦଶପଲ୍ଲା, ୨୧ା୪(ଡି.ଏନ୍.ଏ.) ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ବାଣୀଗୋଛା ଥାନା ଅଧୀନ ଦୁତା ପଞ୍ଚାୟତ ଜୁରାଗଣ୍ଡା ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ସେହି ଗ୍ରାମର ଜଣେ ବ୍ୟକ୍ତି ଜଣେ ବିଧବା ମହିଳା ବିମଳା ମଲିକ ( ୪୫ )ଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛନ୍ତି । ହତ୍ୟା ଅଭିଯୁକ୍ତଙ୍କୁ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି । ସେ ହେଲେ ଦହନ ଜାନି । ଦହନ ସମ୍ପୃକ୍ତ ମହିଳାଙ୍କୁ ଗତ କିଛି ଦିନ ତଳେ ଅସଦାଚରଣ କରିଥିବା ଗାଁ ମୁରବିଙ୍କ ପାଖରେ ଅଭିଯୋଗ ହୋଇଥିଲା । ଗୁରୁବାର ଗାଁ ସଭା ବସିବାର ଥିଲା । ତା' ପୂର୍ବରୁ ପଡ଼ୋଶୀ ଦହନ ବିମଳାଙ୍କୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଛନ୍ତି । ଏନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ବିଶ୍ୱ କଲ୍ୟାଣ ଭାରତର କାମ୍ୟ

### ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

### ତେଗ୍ ବାହାଦୁରଙ୍କ ୪୦୦ତମ ଜୟନ୍ତୀ

ନୂଆଦିଲ୍ଲୀ, ୨୧ା୪

କୌଣସି ଦେଶ କିମ୍ବା ସମାଜ ପାଇଁ ଭାରତ କେବେ ବିପଦ ସାଜିନାହିଁ। ସମ୍ପ୍ରତି ବିଶ୍ୱର ବିଭିନ୍ନ ଭାଗରେ ସଂଘର୍ଷ ଲାଗି ରହିଥିବାବେଳେ ଭାରତ ସମସ୍ତଙ୍କ ମଙ୍ଗଳ କାମନା କରିଛି। ଦେଶ ଶିଖ୍ ଗୁରୁମାନଙ୍କ ବିଚାରଧାରାକୁ ଅନୁକରଣ କରିଆସିଛି ବୋଲି ଗୁରୁବାର ତେଗ୍ ବାହାଦୁରଙ୍କ ପ୍ରକାଶ ପର୍ବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଶିଖ୍ ଗୁରୁ ତେଗ୍ ବାହାଦୁରଙ୍କ ୪୦୦ତମ ଜୟନ୍ତୀ ପାଳନ ଅବସରରେ ନୂଆଦିଲ୍ଲୀର ଲାଲକିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି, ଏହି ଐତିହାସିକ ଦୁର୍ଗ ନିକଟରେ ଦଣ୍ଡାୟମାନ ଗୁରୁଦ୍ୱାରା ଶିଶ୍ ଗଞ୍ଜ ସାହିବ୍ ଗୁରୁ ତେଗ୍ ବାହାଦୁରଙ୍କ ବଳିଦାନର ପ୍ରତୀକ। ଶିଖ୍ ସମୁଦାୟ ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଗୁରୁ ଗୋବିନ୍ଦ ସିଂଙ୍କ ପୁଅମାନଙ୍କୁ ସ୍ମରଣ କରିବା ସକାଶେ ଡିସେମ୍ବର ୨୦ରେ ବୀର ବାଲ୍ ଦିବସ ପାଳନ କରାଯାଉଛି। ନାଗରିକତ୍ୱ ସଂଶୋଧନ ଆଇନ ପଡ଼ୋଶୀ ଦେଶଗୁଡ଼ିକରୁ ଶିଖ୍ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ପାଇଁ ଭାରତକୁ ଆସି ସ୍ଥାୟୀଭାବେ ବସବାସ କରିବା ପଥ ଉନ୍ମୁକ୍ତ କରିଛି। ଗୁରୁମାନେ ମାନବିକତାକୁ ପ୍ରାଧାନ୍ୟ ଦେବା ପାଇଁ ଆମକୁ ଦେଖାଇଥିବା ମାର୍ଗ ଯୋଗୁ ଏ ସବୁ ସମ୍ଭବ ହୋଇଛି। ଦଶନ୍ଧି ଧରି ଅପେକ୍ଷାରତ ଶ୍ରଦ୍ଧାଳୁଙ୍କ ପାଇଁ କର୍ତ୍ତାରପୁର ସାହିବ୍ କରିଡର ନିର୍ମାଣ କରି ସରକାର 'ଗୁରୁସେବା' ପ୍ରତି ନିଜ ପ୍ରତିଶ୍ରୁତିବଦ୍ଧତା ଦେଖାଇଛନ୍ତି।



ଅନୁରୂପଭାବେ ପାଟନା ସାହିବ୍ ଏବଂ ଗୁରୁ ଗୋବିନ୍ଦ ସିଂଙ୍କ ସହ ଜଡ଼ିତ ଅନ୍ୟ ସ୍ଥାନଗୁଡ଼ିକୁ ଟ୍ରେନ୍‌ରେ ଯାତାୟାତ ସୁବିଧା ଲାଗି ସରକାର ରେଳପଥର ଆଧୁନିକୀକରଣକୁ ଗୁରୁତ୍ୱ ଦେଉଥିବା ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ୯ମ ଶିଖ୍ ଗୁରୁ ତେଗ୍ ବାହାଦୁର ଆମ ମହାନ୍ ସଂସ୍କୃତିର ସୁରକ୍ଷା ଲାଗି ଔରଙ୍ଗଜେବ୍‌ଙ୍କ ବିରୋଧରେ ଛିଡ଼ା ହୋଇଥିଲେ। ତାଙ୍କ ବଳିଦାନ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ପବିତ୍ର ଗୁରୁଦ୍ୱାରା ଆମକୁ ସ୍ମରଣ କରାଉଛି। ଏଥିରୁ ଭାରତର ପିଢ଼ି ପରେ ପିଢ଼ି ସଂସ୍କୃତିର ସୁରକ୍ଷା ଲାଗି ସସମ୍ମାନେ ବଞ୍ଚିବା ଓ ମରିବା ଶିଖିଛନ୍ତି। ବଡ଼ ବଡ଼ ଶକ୍ତି ଉତ୍ଥାନ ହୋଇଯାଇଛନ୍ତି, ବିରାଟ ଝଡ଼ ଶାନ୍ତ ପଡ଼ିଛି। କିନ୍ତୁ ଭାରତ ପ୍ରଗତି ପଥେ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ଏକ ମୁଦ୍ରା ଓ ଡାକ ଟିକଟ ଉନ୍ମୋଚନ କରିଛନ୍ତି।

# ମହାମାରୀ ସତ୍ତ୍ୱେ ସମାଧାନ ହୋଇଛି ୮୮୪ ମାମଲା

■ ୨୦୨୧ର ୩ୟ ବାର୍ଷିକ ଲୋକାୟୁକ୍ତ ରିପୋର୍ଟ ରାଜ୍ୟପାଳଙ୍କୁ ପ୍ରଦାନ

ଭୁବନେଶ୍ୱର,୨୧ା୪(ବ୍ୟୁରୋ)

ବର୍ଷ ୨୦୨୧ର ୩ୟ ବାର୍ଷିକ ଲୋକାୟୁକ୍ତ ରିପୋର୍ଟ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ପ୍ରଦାନ କରାଯାଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ଏବଂ ସଦସ୍ୟ ରାଜ୍ୟପାଳଙ୍କୁ ଭେଟି ଏହି ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ ଆଲୋଚନା ସମୟରେ ଲୋକାୟୁକ୍ତ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ୍ ସିଂ ଜଣାଇଥିଲେ ଯେ ମହାମାରୀ ସତ୍ତ୍ୱେ ୨୦୨୧ରେ ମୋଟ୍ ୮୮୪ଟି ମାମଲାର ସମାଧାନ କରାଯାଇଛି। ଓଡ଼ିଶା ଲୋକାୟୁକ୍ତ (ଅଭିଯୋଗ ଦାଖଲ ପ୍ରଣାଳୀ) ନିୟମ, ୨୦୨୦ରେ ରହିଥିବା ବ୍ୟବସ୍ଥା କିପରି ଲୋକଙ୍କୁ ସମସ୍ୟାରେ ପକାଉଛି। ସେ ସମ୍ପର୍କରେ ଲୋକାୟୁକ୍ତ ଅଧ୍ୟକ୍ଷ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାର ସମାଧାନ ପାଇଁ ଏହାକୁ ପରିବର୍ତ୍ତନ କରି ଅଧିକ ସରଳ କରିବାକୁ ଲୋକାୟୁକ୍ତ ରାଜ୍ୟ ସରକାରଙ୍କୁ ସୁପାରିସ୍ କରିଛନ୍ତି। ଯାହାଫଳରେ ଦୁର୍ନୀତି ବିରୋଧରେ ଲୋକାୟୁକ୍ତଙ୍କ ନିକଟରେ ଆବେଦନ ପାଇଁ ଲୋକେ ଅଧିକ ଆଗ୍ରହ ପ୍ରକାଶ କରିବେ। ଏହି ରିପୋର୍ଟ ପ୍ରଦାନ ଅବସରରେ ସଦସ୍ୟ (ନ୍ୟାୟିକ) ଜଷ୍ଟିସ୍ ବିଜୟ କୁମାର ନାୟକ, ଦେବବ୍ରତ ସ୍ୱାଇଁ ଏବଂ ରାଜେନ୍ଦ୍ର ପ୍ରସାଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## e-Procurement Notice

No. C-115

**VYASANAGAR MUNICIPALITY, VYASANAGAR**

**Tender Ref. No. EO/VNM - 01/2022-23**

**e-mail ID: Vyasanagarmunicipality@gmail.com**

**No. 1340** **Dt.20.04.2022**

1. Number of Work : 01 (One) Number of work
2. Nature of Work : Construction of Market Complex at Chorda
3. Approximate Estimated Cost : Rs.129.896 lakhs
4. Period of Completion : 06 (Six) Calendar Months
5. Date & time of availability of Bid document in the portal : Dt.22.04.2022 at 11.00 A.M.
6. Last date/time for receipt of bid in the portal : Dt.05.05.2022 upto 5.00 P.M.
7. Date of Opening Bid : Dt.06.05.2022 at 11.00 A.M.
8. Name and address of the Office Inviting Bid : Executive Officer, Vyasanagar Municipality, Vyasanagar
9. The bidders have to participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in.**

**Sd./- Executive Officer**
**Vyasanagar Municipality**
**OIPR-13092/11/0001/2223**

## OFFICE OF THE NOTIFIED AREA COUNCIL, ATTABIRA

**DIST.- BARGARH (ODISHA), PIN - 768027**

**E-mail: attabiranac.2013@gmail.com**

### QUOTATION CALL NOTICE

**No. 530** **Dt.20.04.2022**

No. C-113: Sealed quotations/tenders are invited from interested reputed Travel Agencies/Tour Operator or Private individuals for providing 1 No. (Xylo/ Bolero/Sumo Gold/Ertiga) of AC Petrol/Disel vehicle having sitting capacity not more than ten including driver, which shall confirm to the Terms & Conditions (Annexure-II) for official use in NAC, Attabira on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of uptodate Tax payment etc. which are mandatory for plying of vehicle.
2. The driver of the vehicle must have a valid driving licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must have a fuel efficiency of 10 Kms per litre.
7. The details of the make and of the manufacture of the vehicle, registration no., mileage (Kms covered per litre), name of the Driver with Driving Licence No. and period of validity should be specially provided in the general bid information to be furnished with the Quotation/Tender (Annexure - III).
8. The application form of quotation/tender containing general bid information & terms and conditions for hiring of vehicle etc. will be available with NAC Office, Attabira on payment of Rs.1000/- from Dt.20.04.2022 to 28.04.2022.
9. The quotation competed in all respect should reach the undersigned on or before 28.04.2022 by 10 A.M. and shall be opened on the same day 28.04.2022 at 11 A.M. in presence of the bidders or their authorized representatives.

The undersigned reserves the right to accept or reject any or all quotation without assigning any reason thereof.

**Sd./- Executive Officer, N.A.C., Attabira**
**OIPR-13176/11/0001/2223**

## OFFICE OF THE CHIEF ENGINEER

**Drainage, Gandarpur, Cuttack-3**

**EOI No CE-DR-EOI–No. 02/22-23**

No. A-88: INVITATION FOR EXPRESSION OF INTEREST for **"Preparation of comprehensive Drainage Masterplan of Drainage Decongestion on Budhi Nalla and Gangua Nalla of Khordha District"**.

Eligible consultancy firms with desired qualification and experience as per details of "EOI" & Request for Proposal (RFP) available in Govt. website **www.odisha.govt.in** under the link advertisement may apply "EOI" document must be delivered in the address given below by Speed Post/ Registered Post/ Courier Services addressed to the Chief Engineer, Drainage, Gandarpur, Cuttack, At- Gandarpur /P.O. College Square, Dist. Cuttack- 753003 (Odisha). Submission of "EOI" in any other mode is not acceptable. The consultancy firms may participate for the consultancy services based on their eligibility criteria set forth in RFP. EOI may be downloaded from websites **www.dowrorissa.govt.in., www.orissagov.nic.in** from 26.04.2022 11.00 hrs to 17.05.2022, 17.00.hrs.

| Sl. No. | Particular | Details |
|---|---|---|
| 1 | Name of the Client | **Chief Engineer, Drainage, Water Resources Department, Government of Odisha** |
| 2 | Method of Selection | **Quality and Cost Based Selection (QCBS) Method** |
| 3 | Date of Issue of RFP | **26.04.2022** |
| 4 | Deadline for Submission of Pre-Proposal Query | **02.05.2022** |
| 5 | Issue of Pre-Proposal Clarification | **06.05.2022** |
| 6 | Proposal Due Date | **17.05.2022** |
| 7 | Date of opening of Technical Proposal | **18.05.2022** |
| 8 | Date of opening of Financial Proposal | **08.06.2022** |
| 9 | Expected Date of Commencement of Assignment | **June, 2022** |
| 10 | Bid Processing Fee (Non-Refundable) | **Rs. 10,000/- (Rupees Ten Thousand Only)** in shape of Demand Draft in favour of **"Executive Engineer, Drainage Division, Khordha"** drawn in any scheduled Nationalized Bank payable at Bhubaneswar. |
| 11 | Bid Security Declaration | Bidder is required to submit a "Bid Security Declaration" in lieu of EMD as per the prescribed format provided at **Annexure- IV** of this RFP Document. |
| 12 | Contact Person | **Er. Biplab Keshari Sahoo Executive Engineer Tel. No.: 9437884132** Email: **cedrainage@gmail.com** |
| 13 | Address for Submission of Proposal | **Office of the Chief Engineer, Drainage, Cuttack - 753003** Mode of Submission: **Speed Post / Registered Post / Courier** only to the address as specified above during the office hour only. Submission of bid through any other mode and late bid will be rejected. |
| 14 | Venue for Opening of Technical and Financial Proposal | **Office of the Chief Engineer, Drainage, Gandarpur, Cuttack - 753003** |

1. The authority reserves the right to cancel the process of selection of consultants without assigning any reason thereof. The authority is no way will be responsible for any postal delay. The bids received after due date shall not be considered for evaluation.
2. All other details are available in the website of **www.dowrorissa.gov.in.**

**Chief Engineer, Drainage**
**OIPR-32076/11/0003/2223**

## ODISHA PUBLIC SERVICE COMMISSION, CUTTACK

### NOTICE

**No.3782/ P.S.C., Dt.21.4.22**

**(2PE-06-21/22) (DR-I)**

**No.D-26:**It is for information of all concerned that, pursuant to Advt. No. 09 of 2021-22, **46 (Forty six)** candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (Political Science).** The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack-753001 on 05.05.2022, 06.05.2022 & 07.05.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of candidates |
|---|---|---|
| 05.05.2022 | 10.30 A.M. | 00086670, 00031599, 00096516, 00077575,00094550,00112257,00111972, 00112516, 00112354,00097602 **= 10 candidates** |
| | 02.45 P.M. | 00090493, 00112206, 00023135, 00093719, 00089016, 00112474 **= 06 candidates** |
| 06.05.2022 | 10.30 A.M. | 00031424,00095419,00112653, 00097757,00112554,00111212,00091797, 00060969, 00086891,00096188 **= 10 candidates** |
| | 02.45 P.M. | 00111071, 00050554, 00112451,00112856,00088938 **= 05 candidates** |
| 07.05.2022 | 10.30 A.M. | 00112176, 00093699, 00074648, 00112595, 00090248,00112487, 00051478, 00112693,00081596,00094130 **= 10 candidates** |
| | 02.45 P.M. | 00045793, 00100226, 00065853,00111786, 00042533 **= 05 candidates** |

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission half an **hour before the commencement of interview** on the scheduled date & time as mentioned above.

THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING VERIFICATION.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**Sd./- Secretary**
**OIPR-12002/11/0030/2223**

# ଆମକୁ ଆଇନ ପଢ଼ାଅ ନାହିଁ



### ଅବୁ ସଲେମ ମାମଲା: କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୧ା୪

୧୯୯୩ ବମ୍ବେ ବିସ୍ଫୋରଣର ଦୋଷୀ ତଥା ଗ୍ୟାଙ୍ଗଷ୍ଟର ଅବୁ ସଲେମଙ୍କୁ ୨୫ ବର୍ଷରୁ ଊର୍ଦ୍ଧ୍ୱ ଅବଧିର ଜେଲ ଦଣ୍ଡାଦେଶ ଦେବା ଉପରେ କେନ୍ଦ୍ରର ଆଭିମୁଖ୍ୟକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ପର୍ତ୍ତୁଗାଲ ସଲେମଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ସମୟରେ ତାଙ୍କୁ ୨୫ ବର୍ଷରୁ ଅଧିକ କାରାଦଣ୍ଡାଦେଶ ଦିଆଯିବ ନାହିଁ ବୋଲି ନୂଆଦିଲ୍ଲୀ ପ୍ରତିଶ୍ରୁତି ଦେଇଥିଲା। ତେଣୁ ପର୍ତ୍ତୁଗାଲକୁ ଦିଆଯାଇଥିବା ସାର୍ବଭୌମ ପ୍ରତିଶ୍ରୁତି ଉପରେ ନିଷ୍ପତ୍ତି ନେବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ ନୁହେଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରି ଯୁକ୍ତି ବାଢ଼ିଛି। ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଗୁରୁବାର ଶୁଣାଣି କରି କେନ୍ଦ୍ରକୁ କହିଛନ୍ତି, ନ୍ୟାୟପାଳିକାକୁ ପାଠ ପଢ଼ାଅ ନାହିଁ। ଯେତେବେଳେ ତୁମେ ଆମକୁ କିଛି ସ୍ଥିର କରିବାକୁ କୁହ, ଆମେ ତାକୁ ସହଜରେ ନେଉ ନ ଥାଉ। ସର୍ବୋଚ୍ଚ ଅଦାଲତ କ'ଣ ନିଷ୍ପତ୍ତି ନେବେ ତାହା ଆମକୁ କହିବା ପାଇଁ ସ୍ୱରାଷ୍ଟ୍ର ସଚିବ କିଏ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

୧୯୯୩ ମାର୍ଚ୍ଚ ୧୨ରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣରେ ଥରିଉଠିଥିଲା ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ। ଏହି ସିରିଏଲ୍ ବ୍ଲାଷ୍ଟରେ ଦୁଇ ଘଣ୍ଟା ଭିତରେ ୨୫୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଅବୁ ସଲେମ ଏହି ଆକ୍ରମଣ ପାଇଁ ଗୁଜରାଟରୁ ମୁମ୍ବାଇକୁ ଅସ୍ତ୍ରଶସ୍ତ୍ର ନେଇ ଯାଇଥିଲେ ବୋଲି ପ୍ରମାଣିତ ହେବାରୁ ୨୦୧୭ରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହା ପୂର୍ବରୁ ଲମ୍ବା ଆଇନଗତ ଲଢ଼େଇ ପରେ ୨୦୦୫ ନଭେମ୍ବର ୧୧ରେ ପର୍ତ୍ତୁଗାଲ ତାଙ୍କୁ ପ୍ରତ୍ୟର୍ପଣ କରିଥିଲା। ତେବେ ସଲେମ ନିଜ ବିରୋଧରେ ହୋଇଥିବା ଦଣ୍ଡାଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୀର୍ଷ ଅଦାଲତ ଗତ ଫେବୃୟାରୀ ୨ରେ ଏହା ଉପରେ ଜବାବ ଦାଖଲ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ମଙ୍ଗଳବାର ଖଣ୍ଡପୀଠଙ୍କୁ କହିଥିଲେ, ସଲେମଙ୍କୁ ପ୍ରତ୍ୟର୍ପିତ କରି ଆଣିବା ସମୟରେ ତାଙ୍କୁ ୨୫ ବର୍ଷରୁ ଅଧିକ ସମୟ ଜେଲରେ ରଖାଯିବ ନାହିଁ ବୋଲି ୨୦୦୨ ଡିସେମ୍ବର ୧୭ରେ ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ୍‌ଭାନୀ ପର୍ତ୍ତୁଗାଲ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ୨୦୩୦ ନଭେମ୍ବର ୧୦ରେ ଏହି ୨୫ ବର୍ଷିଆ ଅବଧି ଶେଷ ହେବା ପରେ ଉପଲବ୍ଧ ବିକଳ୍ପ ଆଧାରରେ କେନ୍ଦ୍ର ସରକାର ଏହା ଉପରେ ପରବର୍ତ୍ତୀ ନିଷ୍ପତ୍ତି ନେବେ। ତେବେ ଏହି ପ୍ରସଙ୍ଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଧ୍ୟ ଏକ ସତ୍ୟପାଠ ଦାଖଲ କରିଥିଲା। ପର୍ତ୍ତୁଗାଲକୁ ଭାରତ ଦେଇଥିବା ପ୍ରତିଶ୍ରୁତିକୁ ଭାରତୀୟ କୋର୍ଟଗୁଡ଼ିକ ମାନିବାକୁ ବାଧ୍ୟ ନୁହନ୍ତି ବୋଲି ତଦନ୍ତକାରୀ ସଂସ୍ଥା ଏଥିରେ ଦର୍ଶାଇଥିଲା। ସିବିଆଇର ଏହି ଯୁକ୍ତିକୁ ନେଇ ମଧ୍ୟ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, କାର୍ଯ୍ୟପାଳିକାର ଆଭିମୁଖ୍ୟ ଯାହା ହେଉନା କାହିଁକି ନ୍ୟାୟପାଳିକା ଆଇନାନୁସାରେ ସବୁ ମାମଲାର ନିଷ୍ପତ୍ତି ନେବା ପାଇଁ ସ୍ୱାଧୀନ। ସରକାରୀ ଆଭିମୁଖ୍ୟକୁ ଭିତ୍ତିକରି ସଲେମଙ୍କ ଅପିଲର ଶୁଣାଣିକୁ ଆମେ ସ୍ଥଗିତ ରଖିପାରିବୁ ନାହିଁ। ସଲେମ ନିଜ ସପକ୍ଷରେ ଯୁକ୍ତି ବାଢ଼ିପାରିବେ ନାହିଁ ବୋଲି କେନ୍ଦ୍ର କହିପାରିବ ନାହିଁ। ପ୍ରକାଶ ଯେ, ଉତ୍ତର ପ୍ରଦେଶସ୍ଥିତ ଆଜମଗଡ଼ ଜିଲା ସରାଇ ମୀର ଗ୍ରାମରେ ଜନ୍ମିତ ଅବୁ ସଲେମଙ୍କୁ ମୁମ୍ବାଇର ଏକ ଟାଡା କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେ ଆର୍ଥର ରୋଡ୍ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି।

# ସ୍କୁଲରେ ହେବ ହକି ଖେଳ

ଭୁବନେଶ୍ୱର,୨୧ା୪(ବ୍ୟୁରୋ)

ରାଜ୍ୟର ସମସ୍ତ ସ୍କୁଲରେ ହକି ଖେଳାଯିବ। କ୍ରୀଡ଼ା ବିଭାଗ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ଓ ହକି ଆସୋସିଏଶନ ଅଫ୍ ଓଡ଼ିଶା ମିଳିତ ଭାବେ ସ୍କୁଲ ସ୍ତରରେ ହକି ଖେଳାଳି ସୃଷ୍ଟି କରିବାକୁ ଏହି ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟରେ ହକି କ୍ରେଜ୍ ବଢ଼ାଇବା ପାଇଁ ସ୍କୁଲକୁ ଫୋକସ୍ କରାଯିବ। ପ୍ରତ୍ୟେକ ସ୍କୁଲରେ 'ମୋ ସ୍କୁଲ ହକି କ୍ଲବ' ଗଠନ ହେବ। ପ୍ରାରମ୍ଭିକ ସ୍ତରରେ ପ୍ରତ୍ୟେକ ଜିଲାର ସଦର ମହକୁମାରେ ଥିବା ସ୍କୁଲରେ 'ମୋ ସ୍କୁଲ ହକି କ୍ଲବ ଯୋଜନା' କାର୍ଯ୍ୟକାରୀ କରାଯିବ। ପରେ ଏହା ସମସ୍ତ ସ୍କୁଲରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ସ୍କୁଲରେ ୩୦ ଛାତ୍ର ଓ ୩୦ ଛାତ୍ରୀଙ୍କୁ ନେଇ ହକି କ୍ଲବ ଗଠନ ହେବ। ଏହାସହ ଜଣେ ଲେଖାଏ ହକି ପିଇଟି ମଧ୍ୟ ନିଯୁକ୍ତ ହେବେ। ସବୁ ସ୍କୁଲକୁ ଆବଶ୍ୟକ କିଟ୍ ସହ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ।

## ସରକାରଙ୍କୁ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମର ୧ କୋଟି ୪୦ ଲକ୍ଷ ଲାଭାଂଶ ପ୍ରଦାନ

ଭୁବନେଶ୍ୱର, ୨୧ା୪(ବ୍ୟୁରୋ)

ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ପକ୍ଷରୁ ଲାଭାଂଶ ବାବଦରେ ରାଜ୍ୟ ସରକାରଙ୍କୁ ୨୦୧୮-୧୯ ବର୍ଷ ପାଇଁ ୧,୪୦,୨୭,୧୦୩ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ଏହି ଚେକ୍ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ୨୦୧୮-୧୯ ବର୍ଷରେ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ସମସ୍ତ କର ପ୍ରଦାନ କରିବା ପରେ ୪,୬୭,୪୬,୯୯୬ ଟଙ୍କା ଲାଭ କରିଥିଲା। ତେଣୁ ରାଜ୍ୟ ସରକାରଙ୍କୁ ନିଗମ ୩୦ ପ୍ରତିଶତ ଲାଭାଂଶ ବାବଦରେ ୧,୪୦,୨୭,୧୦୩ ଟଙ୍କା ପ୍ରଦାନ କରିଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ପ୍ରମୁଖ ଲୋକସେବା ଭବନରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ।

## ମହୁଲଡ଼ିହା ଥାନା ଏଏସ୍‌ଆଇ ନିଲମ୍ବିତ

**ପଶିଷଙ୍କୁ ପ୍ରାଣୀ ଇଞ୍ଜେକ୍ସନ ଦିଆଯିବା ଘଟଣା**

ଠାକୁରମୁଣ୍ଡା,୨୧ା୪(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଞ୍ଚଳରେ ଅଣ୍ଟା ବ୍ୟଥା ହେଉଥିବା ରୋଗୀଙ୍କୁ ଜଣେ କ୍ୱାକ୍ ପ୍ରାଣୀ ଇଞ୍ଜେକ୍ସନ ଦେବା ଘଟଣା ଭିନ୍ନମୋଡ଼ ନେଇଛି। କାର୍ଯ୍ୟରେ ଅବହେଳା କାରଣରୁ ତଦନ୍ତକାରୀ ଅଧିକାରୀ ମହୁଲଡ଼ିହା ଥାନା ଏଏସ୍‌ଆଇ ପବିତ୍ର ମୋହନ ରାଉତଙ୍କୁ ଜିଲା ଆରକ୍ଷୀ ଅଧିକ୍ଷକ ନିଲମ୍ବନ କରିଛନ୍ତି। ମହୁଲଡ଼ିହା ଅଞ୍ଚଳରେ ଆନନ୍ଦପୁର କର୍ଣ୍ଣିପାଳ ଗ୍ରାମର ବିଶ୍ୱନାଥ ବେହେରା ନାମକ ଜଣେ କ୍ୱାକ୍ ପହଞ୍ଚି ଠାକୁରମୁଣ୍ଡା ଡାକ୍ତରଖାନାରୁ ଆସିଥିବା କହିଥିଲେ। ପରେ ସେ ଅଣ୍ଟା ବ୍ୟଥା ହେଉଥିବା ମହୁଲଡ଼ିହା ଗ୍ରାମର ଶ୍ରୀକାନ୍ତ ମହାନ୍ତଙ୍କୁ ପ୍ରାଣୀଙ୍କ ଲାଗି ବ୍ୟବହୃତ ଇଞ୍ଜେକ୍ସନ ଦେଇଥିଲେ। ଶ୍ରୀକାନ୍ତଙ୍କ ପୁଅ ଏହା ଜାଣିପାରି କ୍ୱାକ୍ ବିଶ୍ୱନାଥଙ୍କୁ ଅଟକ ରଖିବା ସହ ପୋଲିସ ଜିମା ଦେଇଥିଲେ। ଏନେଇ ଶ୍ରୀକାନ୍ତ ମହୁଲଡ଼ିହା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଥାନାରେ ସମ୍ପୃକ୍ତ କ୍ୱାକ୍‌ଙ୍କଠାରୁ ଅଣ୍ଡରଟେକିଙ୍ଗ ରଖାଯାଇ ଛାଡ଼ି ଦିଆଯାଇଥିଲା। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୋଲିସ ବାଧ୍ୟ ହୋଇ ମାମଲା ରୁଜୁ କରିଥିବା ବେଳେ ଗିରଫ ଭୟରେ କ୍ୱାକ୍ ବିଶ୍ୱନାଥ ଫେରାର ହୋଇ ଯାଇଛନ୍ତି।

## ODISHA PUBLIC SERVICE COMMISSION, CUTTACK

### NOTICE

**No.3789/ P.S.C., Dt.21.4.22**

**PE-1E-11-2021/22 (DR-III)**

**No.D-25:**It is for information of all concerned that, 58 (Fifty-eight) candidates bearing following PPSAN have been called for the physical verification of original certificates/ documents to determine their eligibility and suitability for recruitment to the post of **Post Graduate Teacher in Statistics** for 17 nos. of stand-alone Government Higher Secondary Schools, pursuant to Advt. No.24 of'2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below :

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of candidates |
|---|---|---|
| 06.05.2022 | 10.30 A.M. | 00038794, 00109191, 00076782, 00125692, 00108883, 00114086, 00038916, 00122136,00079318, 00109139, 00109155, 00114140, 00125754,00118008,00091652,00109062 & 00108689 **= 17 candidates** |
| | 02.30 P.M. | 00122171,00109276,00109512,00109295,00108807,00126683, 00108806, 00104683, 00109240, 00102861, 00122555 & 00090209 = **12 candidates** |
| 07.05.2022 | 10.30 A.M. | 00103950, 00109021, 00108872, 00122865, 00098923, 00018861, 00114320, 00132126, 00022580 , 00123271, 00109067, 00034865, 00077178, 00109467, 00131027, 00109317 & 00125436, **= 17 candidates** |
| | 02.30 P.M. | 00015818, 00060178, 00068816, 00064885, 00125679, 00115062, 00042322, 00109316, 00108706, 00119304, 00083091 & 00031206 **= 12 candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below :-

1. Hard copy of the online application form;
2. Three recent passport size photographs;
3. Duly filled in and attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed, certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/ University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable;
13. Sports Persons certificate issued by the Director of Sports Odisha;
14. Any proof of Identity.

**NOTE** — It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
**OIPR-12002/11/0029/2223**

## OFFICE OF THE PANCHAYAT SAMITI, SAHARPADA

**At/P.O.- Saharpada, Dist.- Keonjhar, PIN - 758016, E-Mail id: ori-saharpada@nic.in**

### TENDER CALL NOTICE No. 1/2022-23

**No. 1734** **Date: 19.04.2022**

No. i-08: The Block Development Officer, Saharpada invites sealed percentage rate bid on behalf of Governor of Odisha from registered and eligible civil contractors of the State PWD (R&B)/Water Resource/Rural Works/M.I./ C.P.W.D. conformity with the DTCN are invited from the **"C"/ "B"/ "A"** Class contractors for execution of works under Panchaayat Samiti, Saharpada as detailed in **Annexure-I**. The tender document **(DTCN & BOQ)** can be obtained from district **NIC Website (www.kendujhar.nic.nic)** from **Dt.21.04.2022 to 08.05.2022 till 1.00 P.M.** The tender document **(DTCN & BOQ)** duly signed by the Contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Saharpada" payable at "Keonjhar" from any Nationalized Bank and NSC/KVP/Time Deposit duly pledged. the tender document **(DTCN & BOQ)** should accompanied with requsite tender paper cost in shape of Demand Draft drawn in favour of BDO, Saharpada" payable at "Keonjhar" from any Nationalized Bank. The tenders will be received upto **Dt.09.05.2022** till **1.00 P.M.** and addressed to O/o. Block Development Officer, Saharpada, Keonjhar - 758016 through **Registered/Speed Post only**. The tender is scheduled to be opened on **Dt.10.05.2022 at 11.00 A.M.** at Block Conference Hall, O/o. the Block Development Officer, Saharpada, Keonjhar - 758016 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at **NIC Website (www.kendujhar.nic.in)**. The name of the work should be written on the **top of the envelope**. The undersigned reserves the right to cancel the tender without assigning any reason thereof.

**ANNEXURE - I**

| Sl. No. | Name of the work | Scheme | Est. Cost put to tender in Rs. | EMD | Cost of Tender Paper in Rs. | Period of Completion & Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of PHC building at Baikala under Saharpada Block for the year 2022-23 | NHM | 6011620.00 | 60200.00 | 10000.00 | 9 Months/ B & A Class Contractor |
| 2 | Const. of Sub Center Building at Silipada under Saharpada Block for the year 2022-23 | NHM | 2110537.00 | 21200.00 | 6000.00 | 6 Months/ C & B Class Contractor |

**OIPR-19120/11/0002/2223** **Sd./- Block Development Officer, Saharpada**



# ଆମ ଗ୍ରହରେ ନିବେଶ କରିବା

**କମଳାକାନ୍ତ ଜେନା**



ପୃଥିବୀ ଗ୍ରହ ହେଉଛି ଆମର ଘର। ନିଜ କୋଳରେ ଆମକୁ ଧରି ରଖିଥିବାରୁ ତା'ର ନାମ ଧରା ବା ଧରିତ୍ରୀ। ପୃଥିବୀ ପୃଷ୍ଠରେ ଭରି ରହିଥିବା ଗଛଲତା, ପାଣିପବନ, ପାହାଡ଼ପର୍ବତ, ଜୀବଜନ୍ତୁ ଓ ମାଟିପଥର ହେଉଛି ଆମ ପରିବେଶର ପ୍ରାକୃତିକ ସମ୍ପଦ। ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଧରାପୃଷ୍ଠରେ ପ୍ରାକୃତିକ ସମ୍ପଦ ରହିଛି। ଏଗୁଡ଼ିକ ଆମର ମୌଳିକ ଆବଶ୍ୟକତାକୁ ପୂରଣ କରିପାରିବ, ହେଲେ ଆମର ଲୋଭକୁ ପୂରଣ କରିପାରିବ ନାହିଁ। ଆମେ

> "ଜଳବାୟୁ ନିୟମିତ ହେବା ପାଇଁ ସୁସ୍ଥ ବାୟୁମଣ୍ଡଳ ଜରୁରୀ। ସୁସ୍ଥ ବାୟୁମଣ୍ଡଳ ଲାଗି ଘନ ଜଙ୍ଗଲ ବି ନିହାତି ଆବଶ୍ୟକ। ଆଜି ପ୍ରଦୂଷଣକୁ ଦୃଢ଼ ବିରୋଧ ନ କଲେ ଅନ୍ୟ ଜୀବଜଗତ ସହିତ ମଣିଷ ବି ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ। ଶିଳ୍ପ ବିପ୍ଳବର କୁପ୍ରଭାବ ଧରିତ୍ରୀର ବା-ପା-ମା (ବାୟୁ-ପାଣି-ମାଟି)କୁ ଆଜି ନଷ୍ଟ କରିଦେଇଛି।"

କିନ୍ତୁ ଆମର ଲୋଭକୁ ପୂରଣ କରିବା ପାଇଁ ପ୍ରାକୃତିକ ସମ୍ପଦର ଅବିବେକୀ ବ୍ୟବହାର କରିଚାଲିଛୁ। ଆମର ଅମାନୁଷିକ ବ୍ୟବହାର ଫଳରେ ଧରିତ୍ରୀର ନିର୍ମଳ ପରିବେଶ ଦୂଷିତ ହୋଇଛି। ଏହାର ପାଣି, ପବନ, ମାଟିରେ ବିଷ ମିଶୁଛି। ତେଣୁ ଆମ ପୃଥିବୀ ଏବେ ମୁମୂର୍ଷୁ ଅବସ୍ଥାରେ ରହିଛି। ପୃଥିବୀ ଗ୍ରହର ବିଭିନ୍ନ ପରିବେଶଜନିତ ସମସ୍ୟା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଓ ସମସ୍ୟାର ସମାଧାନ ଦିଗରେ ଚିନ୍ତା କରିବା ପାଇଁ ୧୯୬୯ ମସିହାରେ ଏକ ବିଶେଷ ପ୍ରସ୍ତାବ ଅଣାଯାଇଥିଲା। ଏଭଳି ଏକ ପୁଣ୍ୟ ପ୍ରୟାସକୁ ଅଧିକ ଜନାଦୃତ କରିବା ପାଇଁ ଏକ ବିଶେଷ ଦିବସର ପରିକଳ୍ପନା କରାଗଲା। ସେହି ପରିପ୍ରେକ୍ଷୀରେ ପ୍ରଦୂଷଣ ଓ ଧରିତ୍ରୀର ମୁମୂର୍ଷୁ ଅବସ୍ଥା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟ ନେଇ ପ୍ରତିବର୍ଷ ପାଳିତ ହେଉଛି 'ବିଶ୍ୱ ଧରିତ୍ରୀ ଦିବସ'। ୧୯୭୦ ମସିହାରୁ ଏପ୍ରିଲ ୨୨ରେ ଏହି ଦିବସ ପାଳନ କରାଯାଉଛି। ଚଳିତ ବର୍ଷର 'ଧରିତ୍ରୀ ଦିବସ' ଉଦ୍ଦେଶ୍ୟରେ ଜନସାଧାରଣଙ୍କ ପାଇଁ ବାର୍ତ୍ତା ରହିଛି – 'ଆମ ଗ୍ରହରେ ନିବେଶ କରିବା'।

ଆମର ସହରୀକରଣ ନିଶା ଜଙ୍ଗଲକୁ ନଷ୍ଟ କରୁଛି। ଚାଷଜମି କମିଯାଉଛି। ବଦଳରେ ସହର ସୃଷ୍ଟି ହେଉଛି। ଅତଏବ, ସଭ୍ୟତାର ବିକାଶ ନାମରେ ସବୁଜିମା ନଷ୍ଟ ହେଉଛି। ଯାନବାହନ ସଂଖ୍ୟା ବି ବଢୁଛି। ଅଧିକରୁ ଅଧିକ କଳକାରଖାନା ନିର୍ମାଣ ହେଉଛି। କଳକାରଖାନାରୁ ନିର୍ଗତ ବିଷାକ୍ତ ଆବର୍ଜନା ମୃତ୍ତିକାକୁ ଦୂଷିତ କରୁଛି। ସେଥିରେ ଫସଲ ହେଉ ନାହିଁ। ଲୋକମାନେ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। ତେଣୁ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଅଧିକ କୋଇଲା ଜାଳିବାକୁ ପଡୁଛି, ଯାହାକି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ବୃଦ୍ଧିକରୁଛି। ପୃଥିବୀର ଜଳବାୟୁକୁ ଅନିୟମିତ କରୁଥିବା କାରକଗୁଡ଼ିକ ମଧ୍ୟରୁ ଅଙ୍ଗାରକାମ୍ଳ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଜଳବାୟୁ ନିୟମିତ ହେବା ପାଇଁ ସୁସ୍ଥ ବାୟୁମଣ୍ଡଳ ଜରୁରୀ। ସୁସ୍ଥ ବାୟୁମଣ୍ଡଳ ପାଇଁ ଘନ ଜଙ୍ଗଲ ନିହାତି ଆବଶ୍ୟକ। ଆଜି ପ୍ରଦୂଷଣକୁ ଦୃଢ଼ ବିରୋଧ ନ କଲେ ଅନ୍ୟ ଜୀବଜଗତ ସହିତ ମଣିଷ ବି ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ। ଶିଳ୍ପ ବିପ୍ଳବର କୁପ୍ରଭାବ ଧରିତ୍ରୀର ବା-ପା-ମା (ବାୟୁ-ପାଣି-ମାଟି)କୁ ଆଜି ନଷ୍ଟ କରିଦେଇଛି। ଆମେ ସିନା କଳକାରଖାନା ଓ ଗାଡ଼ିମୋଟରକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିବା ନାହିଁ, କିନ୍ତୁ ତଜ୍ଜନିତ ପ୍ରଦୂଷଣ ଓ କୁପ୍ରଭାବକୁ ଯଥାସମ୍ଭବ ହ୍ରାସ କରିପାରିବା। ଧରିତ୍ରୀକୁ ପୂର୍ବ ଭଳି ସବୁଜ ସୁନ୍ଦର କରିପାରିବା। ଗାଁ ଓ ସହରକୁ ଗଛ ଏବଂ ଉଦ୍ୟାନରେ ଭରିଦେବା ପାଇଁ ଜନସଚେତନତା ସୃଷ୍ଟି କରିବା। ଅଂଶୁଘାତ, ଜାଗତିକ ଉଷ୍ମତା ବୃଦ୍ଧି ଓ ସବୁଜଗୃହ ପ୍ରଭାବ ଭଳି ସମସ୍ୟାର ସମାଧାନ ଦିଗରେ ସବୁଜିମା ସହାୟକ ହେବ।

> ୧୯୭୦ ମସିହାରୁ ଏପ୍ରିଲ ୨୨ରେ ପାଳିତ ହୋଇ ଆସୁଛି 'ଧରିତ୍ରୀ ଦିବସ'। ଚଳିତ ବର୍ଷ ଏହି ଦିବସ ପାଇଁ ବାର୍ତ୍ତା ରହିଛି - 'ଆମ ଗ୍ରହରେ ନିବେଶ କରିବା'।

ଉନ୍ନତି ନାମରେ ଆମେ ଗ୍ରହଣ କରିଥିବା ପନ୍ଥାଗୁଡ଼ିକ ପ୍ରଦୂଷଣ ପୂର୍ବକ ଆମର ଅପୂରଣୀୟ କ୍ଷତି କରୁଛି। ଉନ୍ନତି ଆଳରେ ଆମର ପ୍ରୟାସ ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି। ଆମ ଉନ୍ନତିର ଧାରା ନିରନ୍ତରଧର୍ମୀ ନୁହେଁ। ଗଛଲତା, ପଶୁପକ୍ଷୀ ଓ ଜୀବାଣୁଭୂତାଣୁଙ୍କୁ ମିଶାଇଲେ ପୃଥିବୀରେ ପ୍ରାୟ ୮୭ ଲକ୍ଷ ପ୍ରଜାତିର ଜୀବନ ରହିଛି। ସେମାନଙ୍କ ମଧ୍ୟରୁ ମଣିଷ ଅନ୍ୟତମ। ପରିତାପର ବିଷୟ, ଏତେ କିସମର ପ୍ରାଣୀ ଲକ୍ଷ ଲକ୍ଷ ବର୍ଷ ଧରି ପୃଥିବୀରେ ବାସକରି ଆସୁଥିଲେ ବି ଯେଉଁ ପରିବର୍ତ୍ତନ ଘଟି ନ ଥିଲା, ଏଇ ମାତ୍ର ୩୦୦ ବର୍ଷ ଭିତରେ ମଣିଷର ଶିଳ୍ପବିପ୍ଳବ ଧରିତ୍ରୀକୁ ମୁମୂର୍ଷୁ ଅବସ୍ଥାକୁ ନେଇଯାଇଛି। ସର୍ବଂସହା ଧରିତ୍ରୀର ନୀରବତାର ସୁଯୋଗ ନେଇ ଆମ ପରିବେଶକୁ ଆମେ ନଷ୍ଟ କରିଛୁ। ସୁନ୍ଦର ଧରିତ୍ରୀ ଆଜି ବିବର୍ଣ୍ଣ ଦିଶୁଛି। ସେଥିପାଇଁ ଆମେ ଦାୟୀ। ତେଣୁ ଆମ ଗ୍ରହର ପୁନରୁଦ୍ଧାର ଆମର ପ୍ରଥମ ଦାୟିତ୍ୱ।

ଆମ ପାଖରେ ଆଉ ସମୟ ନାହିଁ। ଆମର ପରିବେଶ ବିରୋଧୀ ସଂସ୍କାର ଜାରି ରହିଲେ ଧରିତ୍ରୀ ଆଉ ବାସୋପଯୋଗୀ ଗ୍ରହ ହୋଇ ରହିବ ନାହିଁ। ଲାଭ ଆଶା ରଖି ଅର୍ଥ ବିନିଯୋଗ କରାଯାଏ। ଆଜିକିନ୍ତୁ ସମସ୍ତ ବିନିଯୋଗର ଉଦ୍ଦେଶ୍ୟ ରହିବ ପୃଥିବୀର ପୁନରୁଦ୍ଧାର, ଯାହାକି ପରୋକ୍ଷରେ ଆମରି ପରିବାର, ଆମ ସ୍ୱାସ୍ଥ୍ୟ ଓ ଆମର ଜୀବିକାକୁ ସୁରକ୍ଷିତ ରଖିବ। ଏଥିପାଇଁ ୫ଟି ମୌଳିକ ଦିଗ ଉପରେ ଆମକୁ ଗୁରୁତ୍ୱ ଦେବାକୁ ହେବ। ପ୍ରଥମ କାମ, ସମଗ୍ର ପରିବେଶକୁ ସୁସ୍ଥ ଓ ସୁତୁରା ରଖିବାକୁ ହେବ। 'ବା-ପା-ମା' ସୁସ୍ଥ ରହିଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ଦ୍ୱିତୀୟ କଥା, ଯାହା କିଛି ନୂଆ କାମ ହାତକୁ ନେବା, ସେସବୁ ପରିବେଶଗ୍ରାହୀ ହେବା ଜରୁରୀ। ତୃତୀୟ କଥା, ପୃଥିବୀରେ ବାସ କରୁଥିବା ଜୀବଜଗତକୁ ସୁରକ୍ଷା ଦେବାକୁ ହେଲେ ଆମକୁ ଆମର ପାଣିପାଗ ଓ ଜଳବାୟୁ ସମ୍ପର୍କରେ ଜାଣିବାକୁ ହେବ। ତେଣୁ ଜନସାଧାରଣଙ୍କୁ ପରିବେଶ-ସାକ୍ଷର କରିବା। ଚତୁର୍ଥ କଥା, ଜଙ୍ଗଲ ସମ୍ପଦର କଡ଼ା ସୁରକ୍ଷା। ଆମର ଗ୍ରହ ଗଛଲତାରେ ଭରିଗଲେ ଆଉ ଖାଦ୍ୟପାନୀୟ ଚିନ୍ତା ରହିବନି କି ପରିବେଶ ରୋଗଗ୍ରସ୍ତ ହେବନାହିଁ। ଏସବୁ କରିବା ସହଜ ନୁହେଁ। ଅନେକ ବାଧାବିଘ୍ନ ଆସିବ। ତେଣୁ ସେସବୁକୁ ସଂଘବଦ୍ଧ ଭାବରେ ସାହସର ସହିତ ଲଢ଼େଇ କରିବାକୁ ପଡ଼ିବ। ଏଇଟା ହେଉଛି ପଞ୍ଚମ କଥା।

ପରିବେଶଜନିତ ସମସ୍ୟାଗୁଡ଼ିକ ସମ୍ପର୍କରେ ଇଣ୍ଟରନେଟ, ଫେସବୁକ୍, ହ୍ୱାଟ୍ସଆପ୍ ଓ ଟୁଇଟର ଜରିଆରେ ସମାଜକୁ ସଚେତନ କରିଯାଇ ପାରିବ। ସମଗ୍ର ପୃଥିବୀବାସୀଙ୍କର ପ୍ରୟାସ ଜାରିରହିଲେ ଜାଗତିକ ସମସ୍ୟାର ସମାଧାନ ଅସମ୍ଭବ ନୁହେଁ। ତେଣୁ ଏହି ଦିଗରେ ସମସ୍ତଙ୍କର ଆନ୍ତରିକତା ଏକାନ୍ତ ଆବଶ୍ୟକ।

-ଓଡ଼ିଶା ଶିକ୍ଷା ସେବା (ଏ)
ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ଚିନ୍ତା ବଢ଼ାଇଛି ଜଳବାୟୁ ପରିବର୍ତ୍ତନ

ବର୍ତ୍ତମାନ ଜଳବାୟୁର ସୁରକ୍ଷା ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଛି। କାରଣ ବିଶ୍ୱତାପନ ପ୍ରକ୍ରିୟା ଫଳରେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘଟୁଛି। ଆମ ପୃଥିବୀର ପୂର୍ବର ସେହି ସୌନ୍ଦର୍ଯ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛି। ସତେଯେମିତି ପ୍ରକୃତି ସହିତ ମନୁଷ୍ୟର ଏକ ଶୀତଳ ଯୁଦ୍ଧ ଚାଲିଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱସାରା ଲୋକମାନଙ୍କର ଜୀବନ ଜୀବିକାକୁ ବହୁଳ ଭାବେ ପ୍ରଭାବିତ କରିଛି । ଏବେ ତାପମାତ୍ରା ସନ୍ତୁଳିତ ଅବସ୍ଥାରେ ରହୁନାହିଁ। ଆବଶ୍ୟକତାଠାରୁ ଅଧିକ ଗରମ



ଅନୁଭୂତ ହେଉଛି। ଖରାଦିନର ତାପମାତ୍ରା ଏବେ ୫୦ ଡିଗ୍ରୀ ସୀମା ଛୁଇଁବାକୁ ବସିଲାଣି । ବିଶେଷଭାବେ କୋଇଲା, ପେଟ୍ରୋଲିୟମ ଭଳି ଇନ୍ଧନ ଦହନରୁ ତାପମାତ୍ରା ବଢ଼ିଚାଲିଛି। ଏହାଦ୍ୱାରା ସମଗ୍ର ବିଶ୍ୱରେ ବୃଷ୍ଟିପାତ, କୃଷି ଉତ୍ପାଦନ ପ୍ରଭାବିତ ହେଉଛି। ବାତ୍ୟା, ବନ୍ୟା ଏବଂ ମରୁଡ଼ି ଭଳି ପାଣିପାଗଜନିତ ସମସ୍ୟା ସୃଷ୍ଟି ହେଉଛି। କେବଳ ସେତିକି ନୁହେଁ, ସମୁଦ୍ରର ଜଳରାଶି ଅତ୍ୟଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ଶୋଷଣ କରିବା ହେତୁ ଅମ୍ଳୀୟ ପାଲଟି ଯାଉଛି। ଏହାଦ୍ୱାରା ମାଛଙ୍କ ଜନ୍ମସ୍ଥଳୀ ସମୁଦ୍ରର ପ୍ରବାଳ ପ୍ରାଚୀର ବିଶେଷ କ୍ଷତିଗ୍ରସ୍ତ ହେଉଛି। ବିଶ୍ୱତାପନର ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତେବେ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱର ତାପମାତ୍ରା କେଉଁ ସ୍ତରରେ ପହଞ୍ଚିବ ତାହା ଆକଳନ କରିବା କଷ୍ଟକର।

## ସୁରକ୍ଷା ପାଇଁ ସହଯୋଗ ଲୋଡ଼ା



ପୃଥିବୀ ପୃଷ୍ଠରେ ବଞ୍ଚି ରହିବା ପାଇଁ ବାୟୁମଣ୍ଡଳ ରହିଛି। ତେବେ ଏହାର ସୁରକ୍ଷା ଏବେ ଚିନ୍ତାର ବିଷୟ ସାଜିଛି। କାରଣ ବାୟୁମଣ୍ଡଳ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି, ଯାହାର ପ୍ରଭାବ ଆମ ଜୀବନଧାରା ଉପରେ ପଡୁଛି। ପୃଥିବୀର ବାୟୁମଣ୍ଡଳରେ ବିଭିନ୍ନ ଜୀବନ ରକ୍ଷାକାରୀ ଗ୍ୟାସ୍ ଉପଯୁକ୍ତ ଅନୁପାତରେ ରହିଛି। ଏଥିରେ ଥିବା ବିଭିନ୍ନ ସବୁଜଘର ବାଷ୍ପ ସୂର୍ଯ୍ୟର ତାପରଶ୍ମିକୁ ଶୋଷଣ କରିନିଏ। ଏହାଦ୍ୱାରା ପୃଥିବୀରେ ଜୀବନରକ୍ଷା ପାଇଁ ଆବଶ୍ୟକ ତାପମାତ୍ରା ସୃଷ୍ଟି ହୋଇଥାଏ। ଆମ ବାୟୁମଣ୍ଡଳର ଏହି ସବୁଜଘର ବାଷ୍ପାଙ୍କ ନ ଥିଲେ ପୃଥିବୀ ପୃଷ୍ଠର ତାପମାତ୍ରା ବଢ଼ିଯାଇଥାଆନ୍ତା, ଯାହାଫଳରେ ଏହି ଗ୍ରହରେ ମାନବ ସମାଜ ବଞ୍ଚିବା କଷ୍ଟକର ହୋଇପଡ଼ିଥାଆନ୍ତା। ଜୀବନ ନିମନ୍ତେ ଆବଶ୍ୟକତା ଜଳ ତିନୋଟି ଅବସ୍ଥା-କଠିନ, ତରଳ ଓ ଗ୍ୟାସୀୟ ଆକାରରେ ରହିଛି। ବାୟୁମଣ୍ଡଳର ଉର୍ଦ୍ଧ୍ୱ ଭାଗରେ ଏକ ଓଜୋନ ସ୍ତର ରହିଛି। ଏହି ସ୍ତର ଏକ କବଚ ଭଳି କାମ କରେ। ସୂର୍ଯ୍ୟରୁ ଆସୁଥିବା ମାରାତ୍ମକ ଅତିବାଇଗଣୀ ରଶ୍ମିକୁ ଏହା ଶୋଷିନେଇ ପୃଥିବୀ ପୃଷ୍ଠରେ ଜୀବଜଗତକୁ ରକ୍ଷାକରେ।

## ରାଜ୍ୟ ଖବର

# ଜାନକୀ ବଲ୍ଲଭ ରାଜନୀତିର ଋଷ୍ୟଶୃଙ୍ଗ: ଜିଲାପାଳ




କାର୍ଯ୍ୟକ୍ରମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

**ଖୋର୍ଦ୍ଧା ଅଫିସ,୨୧।୪:** ଯେତେବେଳେ ଅଯୋଧାରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା ଓ ରାଜା ଦଶରଥଙ୍କ କୌଣସି ପୁତ୍ର ନ ଥିଲେ, ସେହି ସମୟରେ ଋଷ୍ୟଶୃଙ୍ଗଙ୍କ ଆଶୀର୍ବାଦରୁ ଅଯୋଧାରେ ଶାନ୍ତି ଫେରିବା ସହ ଶ୍ରୀରାମଚନ୍ଦ୍ର ଜନ୍ମଲାଭ କରିଥିଲେ। ଏହାର ସମସ୍ତ ଶ୍ରେୟ ଋଷ୍ୟଶୃଙ୍ଗଙ୍କର ରହିଥିଲା। ଓଡ଼ିଶା ରାଜନୀତିକୁ ଦେଖିଲେ, ୧୯୩୬ରୁ ୧୯୮୦ ପର୍ଯ୍ୟନ୍ତ ରାଜନୈତିକ ଅସ୍ଥିରତା ଦେଖାଦେଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ହରେକୃଷ୍ଣ ମହତାବଙ୍କ ଜୀବିତାବସ୍ଥାରେ ଯଦି କୌଣସି ବ୍ୟକ୍ତିଙ୍କ ପ୍ରଭାବରେ ରାଜନୀତିରେ ସ୍ଥିରତା ଆସିଥିଲା ସେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ। ତେଣୁ ଜାନକୀ ହେଉଛନ୍ତି ରାଜନୀତିର ଋଷ୍ୟଶୃଙ୍ଗ। ଓଡ଼ିଶାର ସର୍ବାଙ୍ଗୀନ ବିକାଶରେ ଜାନକୀଙ୍କ ହାତ ରହିଛି ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ଗୁରୁବାର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତି କମିଟି ପକ୍ଷରୁ ଖୋର୍ଦ୍ଧା ଜାନକୀ ବଲ୍ଲଭ ଉଦ୍ୟାନ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ମାନିତ ଅତିଥିଭାବେ ଜିଲାପାଳ ମହାପାତ୍ର ଯୋଗଦେଇ ଏହା କହିଛନ୍ତି।

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଚେୟାର ପ୍ରତିଷ୍ଠା ଲାଗି ପ୍ରସ୍ତାବ

କମିଟି ସଭାପତି ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ ଓ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, କମିଟି ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ଶିକ୍ଷାବିତ୍ କ୍ଷୀରୋଧ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। କୃଷି, ଶିଳ୍ପ, ଜଳସେଚନ ଆଦି ଅନେକ ଯୋଜନା କରି ଓଡ଼ିଶାରେ ବିକାଶଧାରା ପ୍ରଜ୍ୱଳିତ କରିଥିଲେ ଜାନକୀ ବଲ୍ଲଭ। ଉତ୍କଳ ବିଶ୍ୱବିଦ୍ୟାଳୟରେ ତାଙ୍କ ନାଁରେ ଏକ ଚେୟାର ପ୍ରତିଷ୍ଠା କରାଯାଉ ବୋଲି ଜିଲାପାଳ କମିଟି ସଭାପତି ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଉକ୍ତ ଚେୟାର ପ୍ରତିଷ୍ଠା ହେଲେ, ଓଡ଼ିଆ ଭାଷାର ସମୃଦ୍ଧି ଘଟିବ ବୋଲି ଜିଲାପାଳ ମହାପାତ୍ର କହିଛନ୍ତି।

## ସ୍କୁଲ ବହି ବିକି ପ୍ରଧାନ ଶିକ୍ଷକ ନିଲମ୍ବିତ

**ଟେନ୍‌ସା, ୨୧।୪ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ସର୍ଗିଗଡ଼ ସରକାରୀ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛନ୍ଦାଚରଣ ସିଂ ଛାତ୍ରୀଛାତ୍ରଙ୍କ ବହିକୁ କବାଡିବାଲାକୁ ବିକ୍ରି କରିଥିଲେ। ଏହି ଅଭିଯୋଗରେ କୋଇଡ଼ା ବିଇଓ ମହମ୍ମଦ ଏସ.ରେହେମାନ ଗୁରୁବାର ପ୍ରଧାନ ଶିକ୍ଷକ ସିଂଙ୍କୁ ନିଲମ୍ବିତ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ସରକାର ବହି ଯୋଗାଉଛନ୍ତି। ସେହି ବହିକୁ ଛାତ୍ରୀଛାତ୍ରଙ୍କୁ ବାଣ୍ଟିବା ବଦଳରେ କବାଡିବାଲାକୁ ବିକ୍ରି କରିବାବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲା। ୩ହଜାରରୁ ଅଧିକ ବହି ଅଟୋରେ ବୋଝେଇ ହୋଇ ଯାଉଥିବାବେଳେ ଲୋକେ ଧରିଥିଲେ। ଘଟଣା ଲୋକଲୋଚନକୁ ଆସିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କୋଇଡା ବିଇଓ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି।

**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

**ecosmart LED**
BULB TUBE
ଘରେରହି LED Bulb ତିଆରି କରି ଆମ company କୁ ଦେଇ ମାସିକ ଉତ୍ତମ ରୋଜଗାର କରନ୍ତୁ। ଆମେ ଆପଣଙ୍କୁ ସମସ୍ତ ପ୍ରକାର କଞ୍ଚାମାଲ, ଟ୍ରେନିଙ୍ଗ, ମେସିନାରୀ, ଟୁଲ୍, ପ୍ରୋଜେକ୍ଟ ରିପୋର୍ଟ ଯୋଗାଇ ଦେବୁ। ଦିନକୁ 100ଟି Bulb's ତିଆରି କରି 2000/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ଆପଣଙ୍କ ସପ୍ନର LED Bulb ଶିଳ୍ପ ବସାଇବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ।
8249593007

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଅଟୋ-ହାଇୱା ଧକ୍କା: ୩ ମୃତ

**ଆନନ୍ଦପୁର/ହାଟଡିହୀ,୨୧।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା କୋଡ଼ପଡ଼ା ଛକ ନିକଟରେ ଗୁରୁବାର ଏକ ଟିପ୍ପ ବୋଝେଇ ହାଇୱା ଅଟୋକୁ ଧକ୍କା ଦେଇଛି। ଅଟୋରେ ଥିବା ଏକ ଆଦିବାସୀ ଦମ୍ପତିଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଅଟୋ ଚାଳକ ଆହତ ହୋଇଛନ୍ତି। ମୃତକମାନେ ହେଲେ ହାଟଡିହୀ ବ୍ଲକ ଜାବିନପୁର ଗ୍ରାମର ଟୁକୁନା ମୁଣ୍ଡା, ସ୍ତ୍ରୀ ଆଛି ମୁଣ୍ଡା, ସନା ମୁଣ୍ଡା। ସନାଙ୍କ ସ୍ତ୍ରୀ ସୋମବାରୀ ମୁଣ୍ଡାଙ୍କୁ କଟକ ଡାକ୍ତରଖାନାକୁ ପଠା ଯାଇଛି। ମୟୂରଭଞ୍ଜର ସାତକୋଶିଆ ଅଞ୍ଚଳରେ ଥିବା ହାଟରୁ ଫେରୁଥିବା ବେଳେ ଘସିପୁରା ତହସିଲ ଓସ୍ତପୁରାରୁ ଯାଉଥିବା ହାଇୱା ସାମ୍ନାପଟୁ ଅଟୋକୁ ଧକ୍କା ଦେଇଥିଲା। ଆନନ୍ଦପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ଜଳଛତ୍ର କେନ୍ଦ୍ର ମାଠିଆ ପାଣିରେ ବିଷ

**ମାଲକାନଗିରି/ଏମ୍‌ଭି-୭୯, ୨୧।୪ (ଡି.ଏନ.ଏ.):** ମାଲକାନଗିରି ଜିଲା ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଶିମିଳିବାଞ୍ଚା ପଞ୍ଚାୟତର ଏମ୍‌ପିଭି-୪୯ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସେଠାରେ ଥିବା ଏକ ଜଳଛତ୍ର କେନ୍ଦ୍ରର ମାଠିଆରେ ଥିବା ପାଣିରେ କେହି ଦୁର୍ବୃତ୍ତ ବିଷ ମିଶାଇ ଦେଇଛି। ଫଳରେ ଏହି ପାଣି ପିଇ ଜଣେ ନାବାଳିକାଙ୍କ ସମେତ ୩ ଜଣ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ସେମାନେ ହେଲେ ଏମ୍‌ପିଭି-୪୯ ଗ୍ରାମର ବିଶାଖା ଗୋଲଦର (୧୩), ଦେବବ୍ରତ କୋଏଲ (୨୪) ଏବଂ ଏମ୍‌ଭି-୧୧୬ ଗ୍ରାମର ତୁଷାର ମଣ୍ଡଳ (୨୨)। ସମସ୍ତଙ୍କୁ ପ୍ରଥମେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଖବରରୁ ଜଣାପଡ଼ିଛି ଗ୍ରାମବାସୀ ଓ ପଞ୍ଚାୟତର ଉଦ୍ୟମରେ ଏମ୍‌ପିଭି-୪୯ ଗ୍ରାମ ମୁଖ୍ୟ ଛକଠାରେ ଏକ ସପ୍ତାହ ତଳେ ଏହି ଜଳଛତ୍ର କେନ୍ଦ୍ର



ଜଳଛତ୍ର କେନ୍ଦ୍ର

### ପାଣି ପିଇ ୩ ଗୁରୁତର

ଖୋଲାଯାଇଥିଲା। ଜଳଛତ୍ର କେନ୍ଦ୍ରର ରକ୍ଷଣାବେକ୍ଷଣ ସହ ପ୍ରତ୍ୟହ ପାଣି ଭର୍ତ୍ତି ପାଇଁ ଗ୍ରାମର ସନ୍ଧ୍ୟାରାଣୀ ମଣ୍ଡଳଙ୍କୁ ଗ୍ରାମବାସୀ ଚୟନ କରି ଦାୟିତ୍ୱ ଦେଇଥିଲେ। ପଞ୍ଚାୟତ ପକ୍ଷରୁ ମଧ ତାଙ୍କୁ ପାରିଶ୍ରମିକ ଦେବାକୁ ସ୍ଥିର ହୋଇଥିଲା। ସନ୍ଧ୍ୟାରାଣୀ ପ୍ରତ୍ୟେକ ଦିନ ଭଳି ବୁଧବାର ମାଟିହାଣ୍ଡିରେ ପାଣି ରଖି ସେଠାରେ ବାଟୋଇଙ୍କୁ ଜଳ ବିତରଣ କରୁଥିଲେ। ଅପରାହ୍ନ ୩ଟାରେ କୌଣସି କାମରେ ନିଜ ଘରକୁ ଚାଲିଯାଇଥିଲେ। ପରେ ସେଠାରେ କେତେଜଣ ପହଞ୍ଚି ଉକ୍ତ ଜଳଛତ୍ର କେନ୍ଦ୍ରରୁ ପାଣି ପିଇ ଯାଇଥିଲେ। ପାଣି ପିଇବାର କିଛି ସମୟ ପରେ ୩ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ଖବରପାଇ ଗ୍ରାମବାସୀ ସେଠାରେ ପହଞ୍ଚି ମାଠିଆ ପାଣି ଯାଞ୍ଚ କରିବାରୁ ସେଥିରେ ଚାଷରେ ବ୍ୟବହୃତ ହେଉଥିବା ବିଷାକ୍ତ କୀଟନାଶକ ମିଶାଯାଇଥିବା ଜଣାପଡିଥିଲା। ପାଣିର ରଙ୍ଗ ମଧ ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଜଳଛତ୍ର କେନ୍ଦ୍ରର ସନ୍ଧ୍ୟାରାଣୀଙ୍କୁ ପଚାରିବାରୁ ସେ କହିଲେ, ମୁଁ ସବୁଦିନ ପରି ବୁଧବାର ମଧ ମାଠିଆ ପାଣି ବଦଳାଇଥିଲି। ପାଣି ବିଷାକ୍ତ କିପରି ହୋଇଛି ମୁଁ କହିପାରିବିନାହିଁ। ଏନେଇ ଖବରପାଇ ଗୁରୁବାର ଏମ୍‌ଭି-୭୯ ଥାନା ଏଏସ୍‌ଆଇ ସନ୍ତୋଷ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେସ୍ ନଂ. ୩୭/୨୨ରେ ଏକ ମାମଲା ରୁଜୁ ହୋଇଛି।

## ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂତାରାମଣୀ ମିଶ୍ର
ସ୍ୱାମୀ: ଂଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରତାପ ଚନ୍ଦ୍ର ପଟ୍ଟନାୟକ
ଆଡଭୋକେଟ୍, ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ: ୧୯୩୦
ତିରୋଧାନ: ୧୧।୦୪।୧୯୮୫
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ୍ୟ। ତୁମର ସ୍ନେହ, ଶ୍ରଦ୍ଧା, ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ପ୍ରେମଲତା, ପୁତ୍ର: ବିଶ୍ୱନାଥ, ଲାଲୁ, ଗୁଲୁ, ପୁତ୍ରବଧୂ: ନିନା, ଝିଅ: ନଳିନୀ, ମଞ୍ଜୁ, ସୁଧା, କୁନି, ଶୁଭଲକ୍ଷ୍ମୀ, ଇତି, ମିତା, ମାମି, ଲିନା, ନାତି: ହାପି, ହନି, ପ୍ରିତ, ଶ୍ରୀତ, ନାତୁଣୀ: ଇରା, ରିମି।
ଧ-୧୯୬

ପ୍ରଥମ ଶ୍ରାଦ୍ଧବାର୍ଷିକ



ଂ ତ୍ରିଲୋଚନ ମହାପାତ୍ର
ଗୋପାଳି ବ୍ରହ୍ମପୁର,ମଧୁବନ
ସାକ୍ଷୀଗୋପାଳ,ପୁରୀ
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ
ଭ୍ରାତା ଶ୍ରୀ ଭାସ୍କର ମହାପାତ୍ର,
ପୁତ୍ର ବିଜନ ମହାପାତ୍ର,
ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୩

# ଉଦୀୟମାନ ଦେବାଶିଷ

**ନୂଆଦିଲ୍ଲୀରେ ଅନୁଷ୍ଠିତ ଜୁନିୟର ଡେଭିସ୍ କପ୍ ଟେନିସ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ଦେବାଶିଷ ସାହୁ। ରାଜ୍ୟର ପ୍ରଥମ ଖେଳାଳିଭାବେ ସେ ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ଦେବାଶିଷ ଆଗକୁ ବହୁ ବାଟ ଯିବାର ସୂଚନା ଦେଇଛନ୍ତି...**

–ପ୍ରସ୍ତୁତି: **ତପନ କୁମାର ସ୍ୱାଇଁ**



ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ହେଉଛନ୍ତି ଦେବାଶିଷ ସାହୁ। ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଦେବାଶିଷ କ୍ରମେ ସଫଳତାର ଶିଡ଼ି ଚଢ଼ିବାରେ ଲାଗିଛନ୍ତି। ଫଳ ସ୍ୱରୂପ ଜୁନିୟର ଡେଭିସ୍ କପ୍ ପାଇଁ ସେ ଭାରତୀୟ ଦଳରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ ନିଜ ପ୍ରତିଭାର ଉପଯୋଗ କରି ସେ ଭାରତକୁ ଜୁନିୟର ଡେଭିସ୍ କପ୍ ଜିତାଇବାରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ନୂଆଦିଲ୍ଲୀର ଡିଏଲ୍‌ଟିଏ କମ୍ପ୍ଲେକ୍ସରେ ଏସିଆ-ଓସେନିଆ ୧୬ ବର୍ଷରୁ କମ୍ ଜୁନିୟର କ୍ୱାଲିଫାଇଙ୍ଗ୍ ଜୋନ୍ ଡେଭିସ୍ କପ ଟେନିସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୁଶିଲ ଖୋସ୍‌ଲା ଏବଂ ବୁଶାନ ହାଓବାମଙ୍କ ସହ ଭାରତୀୟ ଦଳର ସଦସ୍ୟ ଥିଲେ ଓଡ଼ିଶାର ଦେବାଶିଷ। ସାଜିଦ ଲୋଦି କ୍ୟାପଟେନ ଦାୟିତ୍ୱ ତୁଲାଇଥିଲେ। ଟପ୍ ସିଡ୍ ଅଷ୍ଟ୍ରେଲିଆ, ପାକିସ୍ତାନ ଓ ଇଣ୍ଡୋନେସିଆ ସହିତ ଭାରତ ଗୋଟିଏ ଗ୍ରୁପ୍‌ରେ ରହିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ ପରେ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଜାପାନକୁ ୨-୧ରେ ହରାଇ ଚାମ୍ପିୟନ ହୋଇଥିଲା। ପ୍ରଥମ ସିଙ୍ଗଲ୍ସରେ ଭାରତ ହାରିଥିଲେ ହେଁ ଦ୍ୱିତୀୟ ସିଙ୍ଗଲ୍ସ ଓ ଡବଲ୍ସରେ ବିଜୟୀ ହୋଇ ବାଜି ମାରିଥିଲା। ଏଥିସହ ଭାରତ ୱାର୍ଲ୍ଡ ଟୁର୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

ଓଡ଼ିଶାର ପ୍ରଥମ ଖେଳାଳିଭାବେ ଦେବାଶିଷ ଜୁନିୟର ଡେଭିସ୍ କପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ସେ ପ୍ରଥମ ଖେଳାଳିଭାବେ ୨୦୧୯ରେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଜୁନିୟର ଟେନିସ ଟ୍ରାଏଲ୍ ପାଇଁ ମନୋନୀତ ହୋଇଥିଲେ। ଗତ ଅଢ଼େଇ ବର୍ଷଧରି ରାଜ୍ୟର ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣ ନେଇ ଆସୁଛନ୍ତି ଏହି ଟେନିସ ପ୍ରତିଭା। ପଟିଆସ୍ଥିତ ଫରହାନ ଅଲୀ ଏକାଡେମୀ ତାଙ୍କ ପାଇଁ ପାଲଟିଛି ଗୁରୁକୁଳ। ୨୦୦୬ ଜୁନ ୧୦ରେ ଜନ୍ମିତ ଦେବାଶିଷଙ୍କ ମା' ହେଉଛନ୍ତି ଅନୁକମ୍ପା ସାହୁ ଓ ବାପା ଲକ୍ଷ୍ମୀକାନ୍ତ ସାହୁ। ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲହଡ଼ା ଗ୍ରାମରେ ଜନ୍ମିତ ଜାତୀୟ ସ୍ତରରେ ତାଙ୍କ ସଫଳତା ଫର୍ଦ୍ଦ ଖୁବ୍ ଲମ୍ବା। ୨୦୧୮ରୁ ଜାତୀୟ ସ୍ତରରେ ନିଜ ପ୍ରଦର୍ଶନର ଛାପ ଛାଡ଼ିଥିବା ଏହି ଟେନିସ ପ୍ରତିଭା ୨୦୧୯ ଓ ୨୦୨୦ରେ ଅଧ ଡଜନରୁ ଊର୍ଦ୍ଧ୍ୱ ଟାଇଟଲ ହାସଲ କରିଥିଲେ। ୨୦୨୧ରେ ସେ ୫ଟି ସିଙ୍ଗଲ୍ସ ଓ ୩ଟି ଡବଲ୍ସ ଟାଇଟଲ ଅର୍ଜନ କରିଥିଲେ। ୨୦୨୨ ଜାନୁୟାରୀରେ ହାଇଦ୍ରାବାଦସ୍ଥିତ ସାନିଆ ମିର୍ଜା ଟେନିସ ଏକାଡେମୀରେ ଅନୁଷ୍ଠିତ ଏଆଇଟିଏ ଜାତୀୟ ସିରିଜ ଟେନିସ ଟୁର୍ନାମେଣ୍ଟର ୧୬ ବର୍ଷରୁ କମ୍ ବର୍ଗରେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଥିଲେ। ସେହିପରି ଫେବୃୟାରୀରେ ସେହି ହାଇଦ୍ରାବାଦରେ ଆୟୋଜିତ ଏଆଇଟିଏ ଜାତୀୟ ସିରିଜ ୧୮ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ସେ ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ।

## ବହୁ ଆଗକୁ ନେବାର ସ୍ୱପ୍ନ ରହିଛି: ଲକ୍ଷ୍ମୀକାନ୍ତ

ପୁଅ ଦେବାଶିଷଙ୍କ କୃତିତ୍ୱରେ ସ୍ୱାଭାବିକଭାବେ ଗର୍ବ ଅନୁଭବ କରୁଛନ୍ତି ବାପା ଲକ୍ଷ୍ମୀକାନ୍ତ ସାହୁ। କମ୍ପାନୀ ଚାକିରି ପାଇଁ ରାଜ୍ୟ ବାହାରେ ରହିବାକୁ ପଡୁଥିଲେ ହେଁ ସେ ପୁଅକୁ ବହୁ ଆଗକୁ ନେବା ସ୍ୱପ୍ନରେ ବିଭୋର। "ମୁଁ ହାଇଦ୍ରାବାଦରେ ରହୁଥିବାବେଳେ ଆମ ଆପାର୍ଟମେଣ୍ଟ ପଛପଟେ ଥିବା କୋର୍ଟରେ ପିଲାଙ୍କ ଖେଳ ଦେଖି ଦେବାଶିଷ ଟେନିସ ପ୍ରତି ଆଗ୍ରହ ପ୍ରକାଶ କଲା। ୭-୮ ବର୍ଷ ବେଳରୁ ଆମେ ତାକୁ ଟେନିସ ଖେଳାଇ ଆସୁଛୁ। ପ୍ରଥମେ ହାଇଦ୍ରାବାଦ ପରେ ପଞ୍ଜାବର ପଟିଆଲାରେ ଛୋଟ ଏକାଡେମୀରେ ଟ୍ରେନିଂ ନେଉଥିଲା। ଏବେ ଭୁବନେଶ୍ୱରସ୍ଥିତ ପଟିଆରେ କୋଚ୍ ଫରହାନ ଅଲୀଙ୍କଠାରୁ ଟ୍ରେନିଂ ନେବାପରେ ତ୍ରୁଟିକୁ ସୁଧାରି ଆଗକୁ ବଢୁଛି। କଠିନ ପରିଶ୍ରମ ଯୋଗୁ ସେ ଢେଙ୍କାନାଳ ଗଁଦିଆ ପାଟଣାର ଛୋଟ ଗାଁ ଲହଡାରୁ ଆସି ଏବେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିଛି। ସେ ଜଣେ ଭଲ ଖେଳାଳି ହେଉ, ଆଗକୁ ଏଟିପି ର୍ୟାଙ୍କିଙ୍ଗ୍‌ର ଟପ୍-୧୦୦ ମଧ୍ୟରେ ରହୁ ଏବଂ ଗ୍ରାଣ୍ଡସ୍ଲାମ ଖେଳୁ ବୋଲି ଆମର ସ୍ୱପ୍ନ ରହିଛି। ତେବେ ଏଥିପାଇଁ ବହୁତ ବାଟ ଯିବାକୁ ଅଛି। ଦେବାଶିଷ ଏବେ ଯେଉଁଠି ପହଞ୍ଚିଛି ତା'ର ଶ୍ରେୟ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଓଡ଼ିଶା ଟେନିସ ଆସୋସିଏଶନ, କୋଚ୍ ଫରହାନ ଅଲୀ ଏବଂ ସେ ପଢୁଥିବା ସ୍ଥାନ କିଟ୍‌କୁ ଦେବାକୁ ଚାହୁଁଛି। ସମସ୍ତଙ୍କ ସହଯୋଗ ଓ ସମର୍ଥନ ଯୋଗୁ ସେ ଆଗକୁ ବଢ଼ିବା ସମ୍ଭବ ହୋଇ ପାରିଛି" ବୋଲି ସମ୍ପ୍ରତି ପଟିଆଲାରେ ରହୁଥିବା ଲକ୍ଷ୍ମୀକାନ୍ତ ପ୍ରକାଶ କରିଛନ୍ତି।


ମା' ଓ ବାପାଙ୍କ ସହ ଦେବାଶିଷ।

### ସଂକ୍ଷେପରେ...

ନାମ: ଦେବାଶିଷ ସାହୁ
ଜନ୍ମ: ୨୦୦୬ ଜୁନ୍ ୧୦
ମା: ଅନୁକମ୍ପା ସାହୁ, ବାପା: ଲକ୍ଷ୍ମୀକାନ୍ତ ସାହୁ
ଗ୍ରାମ: ଲହଡ଼ା, ଗଁଦିଆ, ଢେଙ୍କାନାଳ
ଶିକ୍ଷାଗତ ଯୋଗ୍ୟତା: ଷ୍ଟାଣ୍ଡାର୍ଡ-୧୧, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ
ଘରୋଇ କ୍ଲବ/ଏକାଡେମୀ: ଫରହାନ ଅଲୀ ଟେନିସ ଏକାଡେମୀ, ଭୁବନେଶ୍ୱର
କୋଚ୍: ସୟଦ ଫରହାନ ଅଲୀ
ଏଆଇଟିଏ ଟାଇଟଲ: ୩୫ରୁ ଊର୍ଦ୍ଧ୍ୱ


ଭାରତୀୟ ଦଳର ସଦସ୍ୟଙ୍କ ସହ ଦେବାଶିଷ ସାହୁ (ଡାହାଣ)।

## 'ଫିଟ୍‌ନେସ୍ ଉପରେ ଧ୍ୟାନଦେବାକୁ ହେବ'

ଦେବାଶିଷ ଜଣେ ପ୍ରତିଭା ସମ୍ପନ୍ନ ଖେଳାଳି। ଗତ ଅଢ଼େଇ ବର୍ଷ ଧରି ମୁଁ ତାଙ୍କୁ ଟ୍ରେନିଂ ଦେଇ ଆସୁଛି। କଠିନ ପରିଶ୍ରମ ଜାରି ରଖିଲେ ସେ ବହୁତ ଦୂରକୁ ଯିବାର ଦକ୍ଷତା ରଖିଛନ୍ତି। ତାଙ୍କ ସର୍ଭିସ ଏବଂ ଫୋରହ୍ୟାଣ୍ଡ ଶଟ୍ ବହୁତ ଭଲ। ମାତ୍ର ଫିଜିକାଲ ଫିଟ୍‌ନେସ ଦୃଷ୍ଟିରୁ ବହୁତ ଦୁର୍ବଳ। ଏହା ଉପରେ ଗମ୍ଭୀରତାର ସହ ଧ୍ୟାନ ଦେବାକୁ ପଡ଼ିବ। ଡେଭିସ୍ କପ୍‌ରେ ଦେବାଶିଷଙ୍କ ସହ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟ ଦୁଇ ଖେଳାଳି ଫିଟ୍‌ନେସ ଦୃଷ୍ଟିରୁ ଦୃଢ଼। ସେମାନଙ୍କ ସମକକ୍ଷ ହେବାପାଇଁ ଦେବାଶିଷଙ୍କୁ କିଛି ସମୟ ଲାଗିବ। ତେବେ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ସେ ଆଗକୁ ଆହୁରି ଅନେକ ସଫଳତା ପାଇବାନେଇ ମୁଁ ଦୃଢ଼ ନିଶ୍ଚିତ ବୋଲି କୋଚ୍ ଫରହାନ ଅଲୀ ପ୍ରକାଶ କରିଛନ୍ତି।

ଦେବାଶିଷ ସମ୍ପ୍ରତି ଭୁବନେଶ୍ୱରରେ ରହୁଛନ୍ତି। ୨୦୨୨ ଜାନୁୟାରୀରେ ୧୬ ବର୍ଷରୁ କମ୍ ବୟସ ବର୍ଗରେ ସର୍ବଭାରତୀୟ ଟେନିସ ର୍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନରେ ଥିବା ଦେବାଶିଷ ଇତିମଧ୍ୟରେ ୩୫ରୁ ଊର୍ଦ୍ଧ୍ୱ ଏଆଇଟିଏ ଟାଇଟଲ ହାସଲ କରି ସାରିଛନ୍ତି।

ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଦେଖିବାକୁ ଗଲେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜୁନିୟର ଡେଭିସ୍ କପ୍ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଙ୍ଗ୍‌ରେ ସ୍ୱର୍ଣ୍ଣ ଜିତିଥିବା ଦେବାଶିଷ ଗତ ମାର୍ଚ୍ଚରେ ଭିଲାଇରେ ଅନୁଷ୍ଠିତ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଗ୍ରେଡ୍-୫ ଟୁର୍ନାମେଣ୍ଟର ସିଙ୍ଗଲ୍ସରେ କ୍ୱାର୍ଟର ଫାଇନାଲ ଏବଂ ଡବଲ୍ସରେ ସେମିଫାଇନାଲ ଖେଳିଥିଲେ।

# ଏସିଆ କପ୍ କ୍ରିକେଟ


ନିର୍ମଳ କୁମାର ମିଶ୍ର

**କ୍ରିକେଟ ଜଗତର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ହେଉଛି ଏସିଆ କପ୍। ଏସିଆ ମହାଦେଶର ୪ଟି ଶକ୍ତିଶାଳୀ ଟେଷ୍ଟ ଖେଳୁଥିବା ଦେଶ ଭାରତ, ପାକିସ୍ଥାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ଅନ୍ୟ ଯୋଗ୍ୟତା ସମ୍ପନ୍ନ ଦଳକୁ ନେଇ ଏହି ପ୍ରତିଯୋଗିତା ହୋଇଥାଏ...**

କ୍ରିକେଟ ଜଗତର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ହେଉଛି ଏସିଆ କପ୍। ଏସିଆ ମହାଦେଶର ୪ଟି ଶକ୍ତିଶାଳୀ ଟେଷ୍ଟ ଖେଳୁଥିବା ଦେଶ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ଅନ୍ୟ ଯୋଗ୍ୟତା ସମ୍ପନ୍ନ ଦଳକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଏକଦିବସୀୟ ଏବଂ ଆବଶ୍ୟକ ସ୍ଥଳେ ଟି୨୦ ଫର୍ମାଟରେ ଏହି ପ୍ରତିଯୋଗିତା ପ୍ରତି ୨ବର୍ଷ ଅନ୍ତରରେ ଖେଳାଯାଏ। ଏହାର ପ୍ରଥମ ସଂସ୍କରଣ ୧୯୮୪ ମସିହାରେ ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ଅଗଷ୍ଟ-ସେପ୍ଟେମ୍ବରରେ ଏହି ପ୍ରତିଯୋଗିତା ଶ୍ରୀଲଙ୍କାରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। କୋଭିଡ-୧୯ର ପ୍ରକୋପ ଯୋଗୁ ମଧ୍ୟ ଏହି ପ୍ରତିଯୋଗିତାକୁ ଏକାଧିକଥର ଘୁଞ୍ଚାଇବାକୁ ପଡ଼ିଛି।

ଏହି ପ୍ରତିଯୋଗିତା ପ୍ରକୃତରେ ପାକସ୍ତାନରେ ହେବାର ଥିଲା। ମାତ୍ର ଭାରତ ଭାଗ ନେବନାହିଁ ବୋଲି ପ୍ରକାଶ କରିବା ପରେ ଏହାକୁ ୟୁଏଇରେ ଆୟୋଜନ ଚିନ୍ତା କରାଯାଇଥିଲା। ତେବେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏହାକୁ ଆୟୋଜନ ପାଇଁ ଆଗ୍ରହ ଦେଖାଇଥିଲା। ସାମ୍ପ୍ରତିକ ସ୍ଥିତିରେ ଶ୍ରୀଲଙ୍କା ଗୁରୁତର ଅର୍ଥନୈତିକ ସଙ୍କଟ ମଧ୍ୟରେ ଗତି କରୁଥିବାରୁ ଏହି ପ୍ରତିଯୋଗିତାର ଆୟୋଜନ ବଡ ଚ୍ୟାଲେଞ୍ଜଭାବେ ଉଭା ହୋଇଛି। ଆଗକୁ ଅଷ୍ଟ୍ରେଲିଆରେ ହେବ ଆଇସିସି ଟି୨୦ ବିଶ୍ୱକପ୍। ଭଲ ଅଭ୍ୟାସ ପାଇଁ ଏସିଆ କପ୍‌କୁ ଟି୨୦ ଫର୍ମାଟରେ ଖେଳାଯିବାକୁ ଏସିସି ଆଇସିସିକୁ ଅନୁରୋଧ କରିବା ପରେ ଏହା ଗ୍ରହଣୀୟ ହୋଇଛି। ୨୭ଅଗଷ୍ଟରୁ ୧୧ ସେପ୍ଟେମ୍ବର ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏସିଆ ମହାଦେଶର ୬ଟି ଦେଶ ଏହି ପ୍ରତିଯୋଗିତାରେ ଭାଗନେବେ।

ଟିମ୍ ଇଣ୍ଡିଆ ସର୍ବାଧିକ ୭ ଥର ଏସିଆ କପ୍ ଚାମ୍ପିୟନ ହୋଇଛି। ଏହା ମଧ୍ୟରୁ ୬ଟି ଏକଦିବସୀୟ ଫର୍ମାଟରେ ହୋଇଥିବା ବେଳେ ଗୋଟିଏ ଟି୨୦ ଫର୍ମାଟ ଟାଇଟଲ୍ ରହିଛି। ୧୪ତମ ସଂସ୍କରଣର ଫାଇନାଲରେ ବାଂଲାଦେଶକୁ ହରାଇ ଚାମ୍ପିୟନ ହୋଇଥିଲା ଟିମ୍ ଇଣ୍ଡିଆ। ଭାରତୀୟ ଦଳ ୧୯୮୬ରେ ଏବଂ ପାକିସ୍ତାନ ୧୯୯୦-୯୧ରେ ଏହି ପ୍ରତିଯୋଗିତାରେ ଭାଗ ନେଇ ନ ଥିଲା। ଏକମାତ୍ର ଦଳରୂପେ ଶ୍ରୀଲଙ୍କା ସମସ୍ତ ୧୪ଟି ସଂସ୍କରଣରେ ଭାଗ ନେଇଛି। ଶ୍ରୀଲଙ୍କା ୨ୟ ସର୍ବାଧିକ ୫ଥର ଚାମ୍ପିୟନ ହୋଇଥିବା ବେଳେ ପାକିସ୍ଥାନ ମାତ୍ର ୨ଥର ଟାଇଟଲ ହାସଲ କରିଛି।




୨୦୧୮ର ୧୪ ତମ ସଂସ୍କରଣରେ ମୋଟ ୬ଟି ଦଳ ଭାଗନେଇଥିବା ବେଳେ ୧୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭାରତର ଶିଖର ଧାୱନ ସର୍ବାଧିକ ୩୪୨ରନ୍ କରିବା ସହିତ ପ୍ଲେୟର ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଆଫଗାନିସ୍ତାନର ଷ୍ଟାର ସ୍ପିନର ରସିଦ୍ ଖାଁ ବାଂଲାଦେଶ ପେସ୍ ବୋଲର ମୁସ୍ତାଫିଜୁର ରହମନ ଓ ଭାରତୀୟ ସ୍ପିନର କୁଲଦୀପ ଯାଦବ ୧୦ଟି ଲେଖାଏ ଉଇକେଟ ନେଇଥିଲେ। ଓଭରଅଲ୍ ଦେଖିବାକୁ ଗଲେ ଶ୍ରୀଲଙ୍କାର ସନଥ ଜୟସୁରିଆ ସଫଳ ବ୍ୟାଟର ଭାବେ ସର୍ବାଧିକ ୧୨୨୦ ରନ୍ ଏବଂ ସେହି ଦେଶର ପେସ୍ ବୋଲର ଲସିଥ୍ ମାଲିଙ୍ଗା ସର୍ବାଧିକ ୩୩ଟି ଉଇକେଟ ହାସଲ କରିଛନ୍ତି।

ଆଗକୁ ଆଇସିସି ଟି୨୦ବିଶ୍ୱକପ୍ ହେବାକୁ ଥିବାରୁ ଯୁବ ଖେଳାଳିଙ୍କ ପାଇଁ ଏସିଆ କପ୍ ଯଥେଷ୍ଟ ଗୁରୁତ୍ୱ ବହନ କରିବ। ଆଇପିଏଲରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୁବ ଖେଳାଳମାନେ ଏହି ଟୁର୍ନାମେଣ୍ଟରେ ସୁଯୋଗ ପାଇବେ। ଏସିଆ ଉପମହାଦେଶର ସମସ୍ତ ଟେଷ୍ଟ ଖେଳୁଥିବା ଦେଶ ଏବଂ କ୍ୱାଲିଫାୟର ଦଳ ଚଳିତ ଏସିଆ କପର ଟି୨୦ ଫର୍ମାଟକୁ ବେଶ୍ ଗୁରୁତ୍ୱ ଦେବେ। ଭାରତ ଡିଫେଣ୍ଡିଂ ଚାମ୍ପିୟନ ହୋଇଥିବାରୁ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଖେଳିବ।

ACC
Asia Cup

# ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ (୨)

# ନନ୍ଦକୃଷ୍ଣ ଦାସ


ଅଶୋକ ମହାନ୍ତି

**ନନ୍ଦକୃଷ୍ଣ ଦାସ ୫୦ ଦଶକରେ ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ାବିତ୍‌ର ମାନ୍ୟତା ପାଇବା ସହ ଜାତୀୟ ସ୍ତରରେ ମଧ୍ୟ କୃତିତ୍ୱ ହାସଲ କରିଥିଲେ। ୧୯୫୦ରେ ବମ୍ବେରେ ଅନୁଷ୍ଠିତ ଭାରତୀୟ ଅଲିମ୍ପିକ କ୍ରୀଡ଼ାରେ ସେ ରାଜ୍ୟର ପ୍ରଥମ ଆଥଲେଟ୍‌ଭାବେ ଡେକାଥଲନରେ ସ୍ୱର୍ଣ୍ଣ ପଦକ ହାସଲ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଥିଲେ...**

୧୯୨୦, ମାର୍ଚ୍ଚ ୨୦ ତାରିଖରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ନନ୍ଦକୃଷ୍ଣ ଦାସ ଅଗାଧ ପରିଶ୍ରମ, ସାଧନା ଏବଂ ଏକନିଷ୍ଠ ଉଦ୍ୟମ ଦ୍ୱାରା ୫୦ ଦଶକରେ ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ାବିତ୍‌ର ମାନ୍ୟତା ପାଇବା ସହିତ ଜାତୀୟ ସ୍ତରରେ ମଧ୍ୟ କୃତିତ୍ୱ ହାସଲ କରିଥିଲେ। ଗ୍ରୀକ୍ ଯୋଦ୍ଧା ଭଳି ଭଗବାନ ଦତ୍ତ ଶାରୀରିକ ଦକ୍ଷତାର ଅଧିକାରୀ ସ୍ୱର୍ଗତ ଦାସ ଯେତେବେଳେ ଚିତାବାଘର କ୍ଷିପ୍ରତା ଓ ବେଗ ସହିତ ଆଥଲେଟିକ୍ ଟ୍ରାକ୍‌ରେ ଦୌଡୁଥିଲେ, ମାଧ୍ୟାକର୍ଷଣ ଶକ୍ତିକୁ ପ୍ରତିହତ କରି "ପୋଲଭଲ୍ଟ ଓ ହାଇଜମ୍ପ" ଇଭେଣ୍ଟସରେ ଉଚ୍ଚତା ଅତିକ୍ରମ କରୁଥିଲେ, ରେସ୍ ଘୋଡ଼ା ଭଳି ଗାଲୋପିଙ୍ଗ୍ ଷ୍ଟ୍ରାଇଡ୍‌ସରେ "ହର୍ଡଲସ" ଅତିକ୍ରମ କରୁଥିଲେ ଏବଂ ଏକ ଗାଇଡେଡ ମିଶାଇଲ ଭଳି ଜାଭେଲିନ୍‌କୁ ନିର୍ଭୁଲ ନିକ୍ଷେପଣ କରୁଥିଲେ ସେତେବେଳେ ଅଜସ୍ର କ୍ରୀଡ଼ା ପ୍ରେମୀ ତାଙ୍କ ଦକ୍ଷତାକୁ ଉପଭୋଗ କରିବା ସହିତ ସ୍ତମ୍ଭୀଭୂତ ହୋଇପଡୁଥିଲେ।

୧୯୫୦ରେ ବମ୍ବେଠାରେ ଅନୁଷ୍ଠିତ ୧୪ତମ ଭାରତୀୟ ଅଲିମ୍ପିକ କ୍ରୀଡ଼ାରେ ସେ ରାଜ୍ୟର ପ୍ରଥମ ଆଥଲେଟ୍‌ଭାବେ ଡେକାଥଲନ (୧୦ଟି ଇଭେଣ୍ଟ)ରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା କ୍ରୀଡ଼ା ଇତିହାସରେ ନୂତନ କୀର୍ତ୍ତିମାନ ସ୍ଥାପନ କରିଥିଲେ। ଏହାର ୨୮ ବର୍ଷ ପରେ କେରଳର କୁଇଲନଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଜାତୀୟ ପ୍ରତିଯୋଗିତାରେ ନନ୍ଦ ଦାସଙ୍କ ଦ୍ୱାରା ପ୍ରଶିକ୍ଷିତ ପଞ୍ଚାନନ ଗନ୍ତାୟତ ୧୦୦ମି. ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟର ଦ୍ୱିତୀୟ ଆଥଲେଟ୍ (ଗୁରୁ ନନ୍ଦ ଦାସଙ୍କ ପରେ) ଭାବେ ଏହି ସଫଳତା ପାଇଥିଲେ। ଓଡ଼ିଶା ପୋଲିସ ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ (CRPF)ରେ କାର୍ଯ୍ୟରତ ଥିବା ସମୟରେ ସେ ଏକାଧିକ ଥର ତାଙ୍କ ଦଳକୁ ବିଭିନ୍ନ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଶାରୀରିକ ଶିକ୍ଷା ଉପନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ାକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ଅନେକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ପ୍ରତିଯୋଗିତା ମୂଳକ କ୍ରୀଡ଼ାରୁ ଅବସର ନେଲାପରେ ସେ ତାଙ୍କର ଅଭିଜ୍ଞତା ଏବଂ କ୍ରୀଡ଼ା ସମ୍ବନ୍ଧୀୟ ବିଶେଷ ଜ୍ଞାନର ସଦୁପଯୋଗ କରି ରାଜ୍ୟର ଅନେକ ଉଦୀୟମାନ ଖେଳାଳିଙ୍କୁ ତାଲିମ ଦେଇ ଉଚ୍ଚକୋଟୀର କ୍ରୀଡ଼ାବିତ୍ ଭାବେ ଗଢ଼ି ତୋଳିଥିଲେ। ଶୁଣିବାକୁ ମିଳେ ନନ୍ଦ ଦାସ ସିଆରପିଏଫରେ କାର୍ଯ୍ୟରତ ଥିବା ସମୟରେ ଦେଶର ବିଶ୍ୱସ୍ତରୀୟ ହର୍ଡଲ୍ସ ଚାମ୍ପିୟନ ଗୁରୁ ବଚନ ସିଂ ରାନ୍ଧୱା (ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ବିଜୟୀ)ଙ୍କୁ ପ୍ରଶିକ୍ଷଣ ଦେଇଥିଲେ।


ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହ ନନ୍ଦକୃଷ୍ଣ ଦାସ (ବାମ)।

ଶୁଣିବାକୁ ମିଳେ ଆଉ ଏକ ରୋଚକ ଘଟଣା। ବୋଧହୁଏ ୧୯୪୬ ମସିହା। ଯୁବକ ନନ୍ଦ ଦାସ କଟକ ପୋଲିସ ପଡ଼ିଆରେ ପୋଲଭଲ୍ଟ ଅଭ୍ୟାସ କରୁଥିବା ସମୟରେ ସମ୍ମୁଖୀନ ହୋଇଥିଲେ ବିଶିଷ୍ଟ କ୍ରୀଡ଼ାବିତ୍ ବିଜୁ ପଟ୍ଟନାୟକଙ୍କ ସହିତ।

### ଅତୀତ ସ୍ମୃତିରୁ...

ବିଜୁବାବୁ ଯିଏ କି ଜଣେ ଉଚ୍ଚକୋଟୀର ପୋଲଭଲ୍ଟର ଥିଲେ। ନନ୍ଦ ଦାସଙ୍କୁ ତାଙ୍କର ରେକର୍ଡ (୧୦'.୧୦") ଅତିକ୍ରମ କରିବାକୁ ଆହ୍ୱାନ କରିଥିଲେ। ନନ୍ଦ ବାବୁ ଆହ୍ୱାନକୁ ଗ୍ରହଣ କରି ସେଇ ଉଚ୍ଚତାକୁ ଅତିକ୍ରମ କରିଥିଲେ ଏବଂ ବିଜୁବାବୁଙ୍କଠାରୁ ୧୦୦ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। କ୍ରୀଡ଼ାରେ ଜୀବନ ବ୍ୟାପୀ ସାଧନା ଲାଗି ୨୦୦୩-୦୪ରେ ରାଜ୍ୟ ସରକାର ନନ୍ଦକୃଷ୍ଣଙ୍କୁ ମରଣୋତ୍ତର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରିଥିଲେ। ଓଡ଼ିଶା କ୍ରୀଡ଼ାର ଏହି କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ସାଧନା, ନିଷ୍ଠା ଓ କ୍ରୀଡ଼ା କୃତି ଭବିଷ୍ୟତ ଯୁବପିଢ଼ିଙ୍କ ପାଇଁ ସର୍ବଦା ଆଦର୍ଶ ହୋଇ ରହିବ।

**ସ୍ୱର୍ଗତ ନନ୍ଦ ଦାସଙ୍କଠାରୁ ପ୍ରେରଣା ପାଇଥିବା ଏବଂ ପ୍ରଶିକ୍ଷଣ ଗ୍ରହଣ କରିଥିବା ପ୍ରତିଷ୍ଠିତ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ମନ୍ତବ୍ୟ ନିମ୍ନରେ ପ୍ରକାଶ କରାଗଲା।**

- "ନନ୍ଦ ଦାସ ଥିଲେ ପଚାଶ ଦଶକରେ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାବିତ୍। ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ପୋଲଭଲ୍ଟରେ ରାଜ୍ୟ କୀର୍ତ୍ତିମାନ ସ୍ଥାପନ କରିଥିଲେ। ସେ ସମୟରେ ଗୋଲକ ସାମଲ (ବୁଲୁ ଭାଇ), ଲମ୍ଫଡିଆଁ ଏବଂ ୧୦୦ମି. ଦୌଡ଼ରେ ରାଜ୍ୟ ଚାମ୍ପିୟନ ଥିବାବେଳେ ନନ୍ଦ ଦାସ ପୋଲଭଲ୍ଟ, ହାଇଜମ୍ପ, ହର୍ଡଲ୍‌ସ ଏବଂ "ଡେକାଥଲନ"ରେ ଶ୍ରେଷ୍ଠ ଆଥଲେଟ ଥିଲେ।"
- **–ଡ. ପ୍ରଭାତ ମିଶ୍ର, ପୂର୍ବତନ କ୍ରୀଡ଼ାବିତ୍ ଓ ବିଶିଷ୍ଟ ଶିକ୍ଷାବିତ୍**
- "ମୋର ପ୍ରିୟ ଇଭେଣ୍ଟ ଥିଲା ୧୦୦ମି. ଦୌଡ଼ ଏବଂ ଲମ୍ଫଡିଆଁ। ନନ୍ଦ ସାର ମୋର ସ୍ପିଡ୍ ଏବଂ ଏକ୍ସପ୍ଲୋସିଭ ଷ୍ଟ୍ରେନ୍ଥରେ ଦକ୍ଷତା ଦେଖି ମତେ ୧୦୦ମି. ହର୍ଡଲ୍ସରେ ପ୍ରଶିକ୍ଷଣ ଦେଇ ପ୍ରସ୍ତୁତ କରିଥିଲେ ଏବଂ କଟକଠାରେ ଅନୁଷ୍ଠିତ ୧୯୭୦ ଜାତୀୟ କ୍ରୀଡ଼ାରେ ମୁଁ ୧୦୦ ମି. ଦୌଡ଼, ଲମ୍ଫଡିଆଁ ଏବଂ ୧୦୦ମି. ହର୍ଡଲ୍ସରେ (୧୯ ବର୍ଷରୁ କମ୍) ସ୍ୱର୍ଣ୍ଣପଦକ ଜିତିବା ସହ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲି। ନନ୍ଦ ସାରଙ୍କ ପ୍ରଶିକ୍ଷଣରେ ଏହା ସମ୍ଭବ ହୋଇଥିଲା।"
- **–ରାଜ୍ୟର ସୁନାମଧନ୍ୟ ଆଥଲେଟ୍ ଏବଂ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ**

# ଚେନ୍ନାଇକୁ ଜିତାଇଲେ ଧୋନୀ



ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ମହେନ୍ଦ୍ର ସିଂ ଧୋନୀ।

**ମୁମ୍ବାଇ,୨୧।୪**

ଅନ୍ତିମ ଓଭରରେ ମହେନ୍ଦ୍ର ସିଂ ଧୋନୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ସ୍ଥାନୀୟ ଡି ୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୩ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ଚଳିତ ସିଜନରେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ଦ୍ୱିତୀୟ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଲଗାତର ୭ମ ପରାଜୟ ସହ ମୁମ୍ବାଇର ପ୍ଲେ-ଅଫ୍ ଆଶା ମଉଳି ଯାଇଛି।

ଟସ୍ ଜିତି ରବୀନ୍ଦ୍ର ଜାଡେଜା ନେଇଥିବା ବୋଲିଂ ନିଷ୍ପତ୍ତିକୁ ପ୍ରଥମ ଓଭରରେ ଉଚିତ ପ୍ରମାଣ କରିଥିଲେ ମୁକେଶ ଚୌଧାରୀ। ସେ ପ୍ରଥମ ଓଭରରେ ହିଁ ଅଧିନାୟକ ରୋହିତ ଶର୍ମା ଓ ଇଶାନ କିଷନଙ୍କୁ ପ୍ୟାଭିଲିଅନ ବାଟ ଦେଖାଇଥିଲେ। ତା’ ପରେ ଦଳ ନିୟମିତ ବ୍ୟବଧାନରେ ୫ ଉଇକେଟ ହରାଇଥିଲା। ଶେଷ ଆଡ଼କୁ ତିଲକ ବର୍ମାଙ୍କ ଅପରାଜିତ ୫୧ (୩ ଚୌକା ଓ ୨ ଛକା) ରନ୍ ଓ ଜୟଦେବ ଉନାଡକଟ (୧୯) ଦଳୀୟ ସ୍କୋରକୁ ୧୫୫/୭ରେ ପହଞ୍ଚାଇଥିଲେ। ସିଏସ୍‌କେ ପକ୍ଷରୁ ମୁକେଶ ସର୍ବାଧିକ ୩ ଓ ଡ୍ୱେନ ବ୍ରାଭୋ ୨ ଉଇକେଟ ହାତେଇଥିଲେ। ଜବାବରେ ସିଏସ୍‌କେ ମଧ୍ୟ ପ୍ରାରମ୍ଭରୁ ଦୁଇ ଉଇକେଟ ହରାଇଥିଲା। ତୃତୀୟ ଉଇକେଟ ପାଇଁ ରବିନ ଉଥପ୍ପା (୩୦) ଏବଂ ଅମ୍ବାତି ରାୟୁଡୁ (୪୦) ୫୦ ରନ୍ ଯୋଡ଼ିଥିଲେ। ପରବର୍ତ୍ତୀ ୪୦ ରନ୍‌ରେ ୪ ଉଇକେଟ ହରାଇ ସିଏସ୍‌କେ ଦିଗହରା ହୋଇଯାଇଥିଲା। କିନ୍ତୁ ମହେନ୍ଦ୍ର ସିଂ ଧୋନୀ (୧୩ ବଲରେ ୨୮* ରନ୍, ୩ ଚୌକା ଓ ୧ ଛକା) ଅନ୍ତିମ ବଲରେ ଚୌକା ମାରି ମୁମ୍ବାଇ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ସିଏସ୍‌କେ ୨୦ ଓଭରରେ ୭ ଉଇକେଟ ହରାଇ ୧୫୬ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୫/୭ (ତିଲକ ବର୍ମା-୫୧*, ସୂର୍ଯ୍ୟକୁମାର-୩୨, ମୁକେଶ ଚୌଧାରୀ-୩/୧୯, ଡ୍ୱେନ ବ୍ରାଭୋ-୨/୩୬, ମିଚେଲ ସାଣ୍ଟନର-୧/୧୬)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୩୬/୭(ଅମ୍ବାତି ରାୟୁଡୁ-୪୦, ରବିନ ଉଥପ୍ପା -୩୦, ମହେନ୍ଦ୍ର ସିଂ ଧୋନୀ-୨୮* ଡାନିଏଲ ସାମ୍ସ-୪/୩୦, ଜୟଦେବ ଉନାଡକଟ ୨/୪୮)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୬ | ୫ | ୧ | ୧୦ | +୦.୩୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୭ | ୫ | ୨ | ୧୦ | +୦.୨୫୧ |
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୦.୩୮୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | -୦.୦୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | +୦.୯୪୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୭ | ୩ | ୪ | ୬ | -୦.୫୬୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୭ | ୨ | ୫ | ୪ | -୦.୫୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୦ | ୭ | ୦ | -୦.୮୯୨ |

## କ୍ରିଷ୍ଣା ରାଜଙ୍କୁ ଡବଲ ଟାଇଟଲ୍



**ଭୁବନେଶ୍ୱର,୨୧।୪(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଯୁବା ଟେନିସ ଖେଳାଳି କ୍ରିଷ୍ଣା ରାଜ ହରିୟାଣାର ରୋହତକସ୍ଥିତ ହକ୍ ଟେନିସ ଏକାଡେମୀରେ ଆୟୋଜିତ ସର୍ବଭାରତୀୟ ସିଏସ୍‌୭ ଟେନିସ ଚାମ୍ପିୟନଶିପ୍‌ରେ ଡବଲ୍ ଟାଇଟଲ ହାସଲ କରଛନ୍ତି। ୧୬ ଓ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ବର୍ଗରେ ସେ ଚାମ୍ପିୟନ ହୋଇଥିବା ବେଳେ ୧୬ ବର୍ଷରୁ କମ୍ ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ କ୍ରିଷ୍ଣା ୬-୦, ୬-୧ ସେଟ୍‌ରେ ହରିୟାଣାର ପ୍ରତିଦ୍ୱନ୍ଦ୍ୱୀ ଲୀପିକାଙ୍କୁ ହରାଇଥିଲେ। ସେହିଭଳି ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଦିଲ୍ଲୀର ବୈଷ୍ଣବୀ ସିଂଙ୍କୁ ୬-୨, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। କିନ୍ତୁ ୧୬ ବର୍ଷରୁ କମ୍ ଡବଲ୍ସ ବର୍ଗରେ ଲୀପିକାଙ୍କୁ ସାଥି କରି ଖେଳିଥିବା କ୍ରିଷ୍ଣାଙ୍କୁ ରନର୍ସଅପରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। କ୍ରିଷ୍ଣା ଓ ଲୀପିକାଙ୍କ ଯୋଡ଼ି ଫାଇନାଲରେ ୫-୭, ୬-୪ ସେଟ୍‌ରେ ଦିଲ୍ଲୀର ବୈଷ୍ଣବୀ ସିଂ ଓ ହରିୟାଣାର ଧାତ୍ରୀ ଡାଭେଙ୍କଠାରୁ ପରାଜୟ ବରଣ କରିଥିଲା। ଉଲ୍ଲେଖଯୋଗ୍ୟ, କ୍ରିଷ୍ଣା ରାଜ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଶୟଦ ଅଲିଙ୍କ ନିକଟରେ ପ୍ରଶିକ୍ଷଣ ନେଉଛନ୍ତି।

## ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳରେ ୧୪ବର୍ଷୀୟା ଉନ୍ନତି

**ନୂଆଦିଲ୍ଲୀ, ୨୧।୪ (ପି.ଟି.)**




ଆଗାମୀ ଏସିଆନ ଗେମ୍ସ ପାଇଁ ଗୁରୁବାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ଘୋଷଣା କରାଯାଇଛି। ଏଥିରେ ୧୪ ବର୍ଷୀୟ ପ୍ରତିଭା ଉନ୍ନତି ହୁଡାଙ୍କୁ ସ୍ଥାନ ମିଳିଛି। ଖେଳର ଜାତୀୟ ମହାସଂଘ ଆହୁରି ମଧ୍ୟ ଏହି ବର୍ଷ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଥୋମାସ ଓ ଉବର କପ୍ ପାଇଁ ମଧ୍ୟ ଦଳ ଘୋଷଣା କରିଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ୬ ଦିନ ଧରି ସିଲେକ୍ସନ ଟ୍ରାଏଲ୍ ପରେ ଦଳଗୁଡ଼ିକ ଘୋଷଣା କରାଯାଇଛି। ହୁଡା ସର୍ବକନିଷ୍ଠ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ହିସାବରେ ଏସିଆନ ଗେମ୍ସ ଦଳରେ ସ୍ଥାନ ପାଇବେ। ଡବଲ ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁ ଉଭୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ମହିଳା ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ସାଇନା ନେହ୍ୱାଲଙ୍କୁ ଦଳରେ ସ୍ଥାନ ମିଳିନାହିଁ। ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଲକ୍ଷ୍ୟ ସେନ୍ ଓ କିଡାମ୍ବି ଶ୍ରୀକାନ୍ତ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ଜୁଲାଇ ୨୮ରୁ ଅଗଷ୍ଟ ୮) ଏବଂ ଚାଇନାର ହାଙ୍ଗ୍‌ଝୋଠାରେ ଏସିଆନ ଗେମ୍ସ (ସେପ୍ଟେମ୍ବର ୧୦ରୁ ୨୫) ଭାରତ ପୁରୁଷ ଦଳର ନେତୃତ୍ୱ ନେବେ। ଚଳିତବର୍ଷ ହେବାକୁଥିବା ତିନୋଟି ପ୍ରମୁଖ ଟୁର୍ନାମେଣ୍ଟ ପାଇଁ ଖେଳାଳି ଘୋଷଣା କରିବା ସହ ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ବାଇ) ଆହୁରି ମଧ୍ୟ ଜାତୀୟ ସିନିୟର କ୍ୟାମ୍ପ ଏବଂ ୨୦୨୪ ଅଲିମ୍ପିକ ଗେମ୍ସ ଲାଗି କୋର୍ ଗ୍ରୁପ୍ ସକାଶେ ୪୦ ଖେଳାଳି (୨୦ ପୁରୁଷ ଓ ୨୦ ମହିଳା)ଙ୍କୁ ଟ୍ରାଏଲ୍ସ ପୋଜିଶନ ଭିତ୍ତିରେ ମନୋନୟନ କରିଛି। ଥୋମାସ କପ୍‌ର ୩୨ତମ ସଂସ୍କରଣ ଏବଂ ଉବର କପ୍‌ର ୨୯ତମ ସଂସ୍କରଣ ବ୍ୟାଙ୍କକଠାରେ ଅନୁଷ୍ଠିତ ହେବ। **ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ପୁରୁଷ ଦଳ:** ଲକ୍ଷ୍ୟ ସେନ୍, କିଡାମ୍ବି ଶ୍ରୀକାନ୍ତ, ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ଚିରାଗ ଶେଟ୍ଟି ଓ ବି. ସୁମିତ୍ ରେଡ୍ଡୀ। **ମହିଳା ଦଳ:** ପି.ଭି ସିନ୍ଧୁ. ଆକର୍ଷୀ କାଶ୍ୟପ, ତ୍ରିସା ଜଲି, ପି. ଗାୟତ୍ରୀ, ଅଶ୍ୱିନ ପୋନାପ୍ପା। **ଏସିଆନ ଗେମ୍ସ, ଥୋମାସ ଓ ଉବର କପ୍ ପାଇଁ ପୁରୁଷ ଦଳ:** ଲକ୍ଷ୍ୟ ସେନ୍, କିଡାମ୍ବି ଶ୍ରୀକାନ୍ତ, ଏଚ୍‌ଏସ୍ ପ୍ରଣୟ, ପ୍ରିୟାଂଶୁ ରାଜାୱତ, ଚିରାଗ ଶେଟ୍ଟି, ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ଧ୍ରୁବ କପିଳା, ଏମ୍‌ଆର୍ ଅର୍ଜୁନ, ବିଷ୍ଣୁବର୍ଦ୍ଧନ ଗୌଡ, କ୍ରିଷ୍ଣ ପ୍ରସାଦ ଗାରିଗା। **ମହିଳା ଦଳ:** ପି.ଭି. ସିନ୍ଧୁ, ଆକର୍ଷି କାଶ୍ୟପ, ଅସ୍ମିତା ଚାଲିହା, ଉନ୍ନତି ହୁଡା, ତ୍ରିସା ଜଲି, ପି. ଗାୟତ୍ରୀ, ଏନ. ସିକ୍କି ରେଡ୍ଡୀ, ଅଶ୍ୱିନ ପୋନାପ୍ପା, ତନିଶା କ୍ରାଷ୍ଟୋ ଓ ଶ୍ରୁତି ମିଶ୍ର।

## ଭାରତୀୟ ଟାଏକୋଣ୍ଡୋ ଦଳରେ ଓଡ଼ିଶାର ସତ୍ୟ, ହରପ୍ରିୟା

**ଭୁବନେଶ୍ୱର,୨୧।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଦକ୍ଷିଣ କୋରିଆର ଗୋୟାଙ୍ଗରେ ଚାଲିଥିବା ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ଓଡ଼ିଶାରୁ ଦୁଇ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭଦ୍ରକର ସତ୍ୟ ପ୍ରକାଶ ମହାନ୍ତି ଏବଂ ହରପ୍ରିୟା ମହାକୁଡ଼। ୩୦ ବର୍ଷରୁ କମ୍ ବରିଷ୍ଠ ପୁମସେ ବିଭାଗରେ ଦୁହେଁ ଅଂଶଗ୍ରହଣ କରିବେ। ବିଶ୍ୱ ଟାଏକୋଣ୍ଡୋ ଭଳି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ଓଡ଼ିଆ ଖେଳାଳି ସ୍ଥାନ ପାଇବାର ଏହା ହେଉଛି ପ୍ରଥମ ଘଟଣା। ଗତ ଫେବୃୟାରୀରେ ମହାରାଷ୍ଟ୍ରର ଔରଙ୍ଗାବାଦରେ ଚୟନ ପ୍ରକ୍ରିୟାରେ ଦୁହେଁ ଉତ୍ତୀର୍ଣ୍ଣ ହୋଇ ଭାରତୀୟ ଦଳରୁ ବିଶ୍ୱ ଟାଏକୋଣ୍ଡୋରେ ପ୍ରତିନିଧିତ୍ୱ କରିବା ଲାଗି ମନୋନୀତ ହୋଇଥିଲେ।



ସମ୍ବର୍ଦ୍ଧିତ ହେଉଛନ୍ତି ସତ୍ୟ ପ୍ରକାଶ ମହାନ୍ତି ଏବଂ ହରପ୍ରିୟା ମହାକୁଡ଼।

## ତ୍ରିପୁରା ବିପକ୍ଷରେ ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ତ୍ରିଭେନ୍ଦ୍ରମଠାରେ ଚାଲିଥିବା ସିନିୟର ମହିଳା ଟି୨୦ ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ତ୍ରିପୁରାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୧୯.୨ ଓଭରରେ ୮୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଏମ.କେ. ରବିଦାସ ସର୍ବାଧିକ ୨୬ ଓ ଜେ.ଆର. ଦେବନାଥ ୨୧ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାମେଶ୍ୱରୀ ନାଏକ ୮ ରନରେ ୨ଟି, ସୁଶ୍ରୀ ଦିବ୍ୟଦର୍ଶିନୀ ୧୭ ରନରେ ୨ଟି ଏବଂ ସୁଜାତା ମଲିକ ୧୯ ରନରେ ୨ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୧୯ ଓଭରରେ ୩ ଉଇକେଟ ହରାଇ ୯୧ ରନ ସଂଗ୍ରହ କରି ନେଇଥିଲା। ମାଧୁରୀ ମେହେଟା ୨୮ ଓ କାଜଲ ଜେନା ୨୫ ରନ ସ୍କୋର କରିଥିଲେ। ତ୍ରିପୁରା ପକ୍ଷରୁ ଏ.ବି. ଦାସ ୨ଟି ଉଇକେଟ ନେଇଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ଲିଗ୍‌ମ୍ୟାଚ ୨୨ ତାରିଖରେ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ।

## ବୁମ୍‌ରା, ରୋହିତଙ୍କୁ ୱିଜଡେନ୍ ପୁରସ୍କାର

**ଲଣ୍ଡନ, ୨୧।୪ (ପି.ଟି.)**

ଅଲ୍‌ମାନାକ୍‌ର ୨୦୨୨ ସଂସ୍କରଣରେ ୫ଜଣ ଖେଳାଳି ୱିଜ୍‌ଡେନ କ୍ରିକେଟର୍ସ ଅଫ୍ ଦି ଇୟର ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭାରତ ଅଧିନାୟକ ରୋହିତ ଶର୍ମା ଓ ଯଶପ୍ରୀତ ବୁମ୍‌ରା ରହିଛନ୍ତି। ଏହି ଦୁଇଜଣଙ୍କ ବ୍ୟତୀତ ପୁରସ୍କାର ପାଇଁ ମନୋନୀତ ଅନ୍ୟ ଖେଳାଳିମାନେ ହେଲେ ନ୍ୟୁଜିଲାଣ୍ଡ ବ୍ୟାଟର ଡେଭନ କନୱେ, ଇଂଲଣ୍ଡ ପେସ୍ ବୋଲର ଓଲି ରବିନ୍‌ସନ ଓ ଦକ୍ଷିଣ ଆଫ୍ରିକା ଷ୍ଟାର ଡେନ୍‌ଭାନ୍ ନିକ୍‌ରେକ୍। ଇଂଲଣ୍ଡର ଜୋ ରୁଟ୍ ବିଶ୍ୱର ଅଗ୍ରଣୀ କ୍ରିକେଟର ବିବେଚିତ ହୋଇଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ମହିଳା ଟିମ୍ ବ୍ୟାଟର ଲିଜେଲି ଲି’ ଅଗ୍ରଣୀ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ଏହାଛଡ଼ା ପାକିସ୍ତାନ ଉଇକେଟକିପର-ବ୍ୟାଟର ମହମ୍ମଦ ରିଜୱାନ ବିଶ୍ୱର ଅଗ୍ରଣୀ ଟି୨୦ କ୍ରିକେଟର ବିବେଚିତ ହୋଇଛନ୍ତି। ଗତ ଗ୍ରୀଷ୍ମଋତୁରେ ଇଂଲଣ୍ଡ ଟୁର୍ ସମୟରେ ବୁମ୍‌ରା ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଲର୍ଡସଠାରେ ଭାରତର ଐତିହାସିକ ବିଜୟ ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ପରେ ଦି ଓଭାଲଠାରେ ତାଙ୍କ ମ୍ୟାଚ ବିଜୟୀ ବୋଲିଂ ଯୋଗୁ ଗତ ବର୍ଷ ଜୁଲାଇରେ ଅନୁଷ୍ଠିତ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ଲାଭ କରିଥିଲା। ଗତ ଗ୍ରୀଷ୍ମଋତୁରେ ଟପ୍ ଅର୍ଡରରେ ରୋହିତଙ୍କ ବ୍ୟାଟିଂ ଉଲ୍ଲେଖନୀୟ ଥିଲା। ସେ ୪ଟି ଟେଷ୍ଟ ମ୍ୟାଚରେ ୫୨.୫୭ ଆଭରେଜରେ ୩୬୮ ରନ କରିଥିଲେ। ଭାରତ ଅଧିନାୟକ ଓଭାଲଠାରେ ମ୍ୟାଚ ବିଜୟୀ ସ୍କୋର ୧୨୭ ରନ କରିଥିଲେ। ରୋହିତ ଗତ କ୍ୟାଲେଣ୍ଡର ବର୍ଷରେ ୧,୭୦୮ ରନ ସ୍କୋର କରିଥିଲେ। କ୍ରିକେଟ ଇତିହାସରେ ଏହା ତୃତୀୟ ସର୍ବାଧିକ। ୨୦୨୧ରେ ଅନ୍ତର୍ଜାତୀୟ ଦିନିକିଆରେ ଲି’ଙ୍କ ବ୍ୟାଟିଂ ଆଭରେଜ ୯୦.୨୮ ରହିଥିଲା। ଭାରତ ବିପକ୍ଷ ସିରିଜରେ ସେ ଚାରୋଟି ଇନିଂସରେ ଆକର୍ଷଣୀୟ ୨୮୮ରନ ସ୍କୋର କରିଥିଲେ। ଏଥିପାଇଁ ସେ ବିଶ୍ୱର ଅଗ୍ରଣୀ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ୨୦୨୧ରେ ରିଜୱାନ ଟି୨୦ରେ ଅନ୍ତର୍ଜାତୀୟ ରେକର୍ଡ କରିଛନ୍ତି।



ରୋହିତ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରା।

## ଏନ୍‌ସିଏ ପ୍ରୋଗ୍ରାମରେ ଓଡ଼ିଶାର ୫ ସାମିଲ

**ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜୁନିୟର ଚୟନ କମିଟି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ୫ ଖେଳାଳିଙ୍କୁ ଏନ୍‌ସିଏ ପ୍ରୋଗ୍ରାମ ପାଇଁ ଚୟନ କରିଛି। ସେମାନେ ହେଲେ ଆଶୀର୍ବାଦ ସ୍ୱାଇଁ, ସୁଶୀଲ ବାରିକ, ଅଂଶୁମାନ ସାହୁ, ସାଇଦୀପ ମହାପାତ୍ର ଓ ଆଦିତ୍ୟ ସିଂ। ଏନ୍‌ସିଏ ପ୍ରୋଗ୍ରାମ୍ ମେ ୯ରୁ ଜୁନ ୨ ପର୍ଯ୍ୟନ୍ତ ଚାଲିବ। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ ଖୁବ୍‌ଶୀଘ୍ର ଏହି ପ୍ରୋଗ୍ରାମ ପାଇଁ ଭେନ୍ୟୁ ନିର୍ଦ୍ଧାରଣ କରିବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ମନୋନୀତ ୫ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସରେ ଓଡ଼ିଶାରୁ ୫୧

**ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି):** ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପର ୪୨ତମ ସଂସ୍କରଣ ଚଳିତ ମାସ ୨୭ରୁ ମେ ୧ ପର୍ଯ୍ୟନ୍ତ ଚେନ୍ନାଇଠାରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଓଡ଼ିଶା ମାଷ୍ଟର୍ସ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୫୧ ଜଣିଆ ଦଳ ମନୋନୟନ କରାଯାଇଛି। ଓଡ଼ିଶା ଦଳର ଆଥ୍‌ଲେଟମାନେ ଚଳିତ ମାସ ୨୫ ତାରିଖରେ ଚେନ୍ନାଇ ଯିବେ। ପ୍ରତିଯୋଗୀମାନେ ମ୍ୟାନେଜର ଦୁଃଖିଶ୍ୟାମ ପାଢ଼ୀ ଓ ସହକାରୀ ମ୍ୟାନେଜର ଏରିକ ସାମଲଙ୍କୁ ଯୋଗାଯୋଗ କରିବା ସହ କୋଭିଡ-୧୯ ଟିକାର ଡବଲ ଡୋଜ ସାର୍ଟିଫିକେଟ ସାଥିରେ ନେବା ବାଧ୍ୟତାମୂଳକ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସ ଜଣାଇଛନ୍ତି।

## କିଟ୍ ରଗ୍‌ବୀ ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୧।୪ (କ୍ରୀଡ଼ା ପ୍ରତିନିଧି)**

ୟୁନିଭର୍ସିଟି ଅଫ୍ ମୁମ୍ବାଇ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଟୁର୍ନାମେଣ୍ଟ ଗୁରୁବାର ମୁମ୍ବାଇଠାରେ ଶେଷ ହୋଇଛି। ଅନ୍ତିମ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟ ୩୧-୦ରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ଦଳରେ ସୁଗଦା ମାଝି, ନୁନାରାମ ହାଂସଦା, ନାଗାର୍ଜୁନ ଭୋଇ, ଯୁଗଳ କିଶୋର ମାଝି, ପ୍ରିୟରଞ୍ଜନ ମଲିକ, ନରସିଂହ ମାର୍ଣ୍ଡି, ଗଜେନ୍ଦ୍ର ବାସ୍କେ, ଜିତେନ୍ଦ୍ର ମାଝି, ମକରନ୍ଦ ପ୍ରଧାନ, ସେରାଲ ହାଂସଦା, ସଞ୍ଜୟ କିଷାନ, ରାମଚନ୍ଦ୍ର ହାଂସଦା ସାମିଲ ଥିଲେ। ମୁନା ମୁର୍ମୁ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ରୋଞ୍ଜ ବିଜୟୀ ଦଳର ସଦସ୍ୟଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ବିଜୟୀ କିଟ୍ ଦଳ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଚୁଆରେ ବୁଡ଼ି ନାବାଳକ ମୃତ

ଝାଁଳା,୨୧।୪(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ସ୍ଥାନୀୟ ଚୁଆରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ପାତ୍ରପଡା ଗ୍ରାମର ସନ୍ତୋଷ ବାରିକଙ୍କ ପୁଅ ଜଗନ(୧୨)। ସୂଚନା ମୁତାବକ, ଗଙ୍ଗପଡ଼ା ଗ୍ରାମର ମେଳଣ ଦେଖିବାକୁ ଜଗନ ମା' ନର୍ମଦାଙ୍କ ସହ ମାମୁଘରକୁ ଆସିଥିଲେ। ପୂର୍ବାହ୍ନ ୧୧ଟାରେ ଜଗନ ଜଣେ ସାଙ୍ଗଙ୍କ ସହ ଏକ ଚୁଆ ନିକଟକୁ ଯାଇଥିଲେ। କୌଣସି କାରଣରୁ ସେ ଉକ୍ତ ଚୁଆରେ ପଡ଼ିଯାଇଥିଲେ। ତେବେ ଚୁଆରେ ପଙ୍କ ଥିବାରୁ ସେ ଆଉ ବାହାରି ନ ପାରି ବୁଡ଼ିଯାଇଥିଲେ। ପରେ ଜଗନଙ୍କ ସାଙ୍ଗ ଆସି ପରିବାର ଲୋକଙ୍କୁ ଜଣାଇଥିଲା। ଖବରପାଇ ମାମୁଘର ଓ ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିଥିଲେ ମଧ ଜଗନଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜଟଣୀ/କୃଷ୍ଣପ୍ରସାଦ,୨୧।୪(ଡି.ଏନ୍.ଏ.): ଜଟଣୀ ବ୍ଲକ କନ୍ତିଆସ୍ଥିତ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଦିଲୀପ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆସମା ବେଗମ ପ୍ରଶିକ୍ଷକ ଭାବେ ସମସ୍ତ ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ସୁଶାନ୍ତ ସାମନ୍ତରାୟ, ବିଷ୍ଣୁ ବଳିୟାରସିଂଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

ସେହିପରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଧାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଧକ୍ଷ ନୃସିଂହାନନ୍ଦ ପଣ୍ଡା ଯୋଗଦେଇ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ କହିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅତିଥିଭାବେ ଅଧାପକ ମଧୁସୂଦନ ସାହୁ, ପ୍ରଭାତ ଆଚାର୍ଯ୍ୟ, ଚନ୍ଦ୍ରଶେଖର ମହାନ୍ତି, ଦିନେଶ ରଥ, କୈଳାସ ଚନ୍ଦ୍ର ବାରିକ, ଚନ୍ଦନା ନାୟକ ପ୍ରମୁଖ ଯୋଗଦେଇଥିଲେ। ଅଧାପିକା ସ୍ମିତା ମହାରଣାଙ୍କ ତତ୍ତ୍ୱାବଧାନରେ +୨ ବିଜ୍ଞାନ ଓ କଳା ବିଭାଗର ଛାତ୍ରୀମାନେ ପ୍ରଶିକ୍ଷଣ ନେଇଥିଲେ। ଉତ୍ସବରେ ଗ୍ରନ୍ଥାକାର ରମାନାଥ ପ୍ରଧାନ, ଦିଲୀପ ଦଳେଇ, ସୁକାନ୍ତ ଜେନା, ବିଶ୍ୱନାଥ ପ୍ରଧାନ, ଏସ୍.କେ ଉହାବ ପ୍ରମୁଖ ଯୋଗଦେଇଥିଲେ। ଅଧାପକ ରମେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### 'ସଙ୍ଗୀତା' ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ଋଷିକେଶ ଯାତ୍ରା

ଜଟଣୀ,୨୧।୪(ଡି.ଏନ୍.ଏ.): ଉତ୍ତରାଖଣ୍ଡ ଋଷିକେଶର ଯୋଗନଗରୀଠାରେ ଦିବ୍ୟ ଜୀବନ ସଂଘ ପକ୍ଷରୁ ଶିବାନନ୍ଦ ଆଶ୍ରମ ପରିସରରେ ଅନ୍ତର୍ଜାତୀୟ ଆଧାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହେଉଛି। ସ୍ୱାମୀ କ୍ରିଷ୍ଣାନନ୍ଦ ମହାରାଜଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଏପ୍ରିଲ ୧୮ରୁ ୨୫ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ହେଉଥିବା ବେଳେ ଜଟଣୀର ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗୀତା'ର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ ପାଇଁ ଋଷିକେଶ ଯାତ୍ରା କରିଛନ୍ତି। ଅନୁଷ୍ଠାନର ଗୁରୁ ସୁରେଶ ଖୁଣ୍ଟିଆଙ୍କ ନିର୍ଦ୍ଦେଶନାରେ ଏହି ନୃତ୍ୟଦଳ କାର୍ଯ୍ୟକାରୀ ସଭାପତି ରଣଜିତ ଦାସ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଯାଇଛନ୍ତି। ଆସନ୍ତା ୨୩ ଓ ୨୫ତାରିଖରେ ତୃପ୍ତିଲତା ପଣ୍ଡା, ଅନୁଶ୍ରୀୟା ସାହୁ, ନନ୍ଦିନୀ ସୁକ୍ରିଷ୍ଣା, ଆୟୁଷୀ ମହାନ୍ତି ଏବଂ ଏନ୍ ଗୀତିକା ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ ବୋଲି ସାଧାରଣ ସମ୍ପାଦକ ଦିଲ୍ଲୀପ ଶତପଥୀ କହିଛନ୍ତି।

### ଶ୍ରଦ୍ଧାଞ୍ଜଳି ସଭା

ଜଟଣୀ,୨୧।୪(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାରସ୍ଥିତ ବନମାଳି ଶତପଥୀ ପାଠାଗାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରହ୍ଲାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜଟଣୀର କବି ସ୍ୱର୍ଗତ ସୂର୍ଯ୍ୟ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜଗଦୀଶ ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ, ସୁକାନ୍ତି ମହାପାତ୍ର, ସୌଦାମିନୀ ବେହେରା, ସୁଶାନ୍ତ ରାଉତ, ପ୍ରହ୍ଲାଦ ବିଶ୍ୱାଳ, ଦୁଲାଲ ସର୍ବଜ୍ଞ, ଇଂ. ପ୍ରିୟବ୍ରତ ପରିଡା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସୀତାକାନ୍ତ ଶତପଥୀ ଧନ୍ୟବାଦ ଦେଇଥିଲେ।

# ଖରାଛୁଟିକୁ ନେଇ ବଢୁଛି ଅସନ୍ତୋଷ

## ଜୁନ ପରିବର୍ତ୍ତେ ମେ'ରେ କରାଯାଉ

ଖୋର୍ଦ୍ଧା ଅଫିସ,୨୧।୪

ଚଳିତବର୍ଷ ଜୁନ ୧ରୁ ୧୬ ପର୍ଯ୍ୟନ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଖରାଛୁଟି ଘୋଷଣା ହୋଇଥିବା ବେଳେ ଜୁନ ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ହେବ ଖରାଛୁଟି। ତେବେ ଜୁନରେ ଖରାଛୁଟିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମେ'ରେ ପ୍ରଚଣ୍ଡ ଖରାରେ ପିଲାମାନେ କିପରି ସ୍କୁଲ ଯିବେ, କୌଣସି ବିଦ୍ୟାର୍ଥୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ କିଏ ଉତ୍ତରଦାୟୀ ରହିବ ବୋଲି ଅଭିଭାବକମାନେ କହିଛନ୍ତି। ତେଣୁ ଜୁନ ପରିବର୍ତ୍ତେ ମେ'ରେ ଖରାଛୁଟି କରିବା ଲାଗି ଅଭିଭାବକ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ଅଭିଭାବକ ଗୋପାଳ ଦାସ କୁହନ୍ତି, ଏପ୍ରିଲରେ ଖରାର ପ୍ରଭାବ ଅଧିକ ରହିଛି। ଦିନରେ ତାପମାତ୍ରା ପ୍ରାୟ ୩୮ ଡିଗ୍ରୀ ଉପରେ ରହୁଛି। ମେ'ରେ ଏହା



ଅଧିକ ରହିବ। ଏହି ସମୟରେ ଅଧିକ ଖରା ଓ ଗୁଳୁଗୁଳି ହୋଇଥାଏ। ବୁଦ୍ଧିଜୀବୀ ଶକ୍ତିଶଙ୍କର ମିଶ୍ର କୁହନ୍ତି, ମେ'ରେ ପ୍ରଚଣ୍ଡ ଖରା ହୋଇଥାଏ। ପିଲାଙ୍କ ଯିବାଆସିବାରେ ଅସୁବିଧା ହୋଇପାରେ। ସେହିପରି ବରିଷ୍ଠ ନାଗରିକ ରାମଶଙ୍କର ସମାନ ଅଭିଯୋଗ ଆଣିଛନ୍ତି। ସରକାର ନିଜ ନିଷ୍ପତ୍ତି ତର୍ଜମା କରନ୍ତୁ ବୋଲି କହିଛନ୍ତି। ବରିଷ୍ଠ ବୁଦ୍ଧିଜୀବୀ ଜ୍ଞାନ ରଞ୍ଜନ ଦାଶ, ଆଇନଜୀବୀ ବସନ୍ତ ଦାସ କୁହନ୍ତି, ମେ'ରେ ତାପମାତ୍ରା ଅଧିକ ରହିଥାଏ। ଜୁନରେ ମୌସୁମୀ ପ୍ରବେଶ କରିଥାଏ, ତେଣୁ ତାପମାତ୍ରା ହ୍ରାସ ପାଇଥାଏ। ମେ'ରେ ଖରାଛୁଟି କରିବାକୁ କହିଛନ୍ତି। ଅଭିଭାବକ ତପନ ସାମନ୍ତରାୟ, ସାମାଜିକ କର୍ମୀ ଶୁଭ୍ରରଞ୍ଜନ ଦାସ, ଦାଶରଥି ଦାସ କୁହନ୍ତି, ବର୍ତ୍ତମାନ ଖରା ଅସହ୍ୟ ହେଲାଣି। ପୂର୍ବାହ୍ନ ୧୦ଟା ପରେ ଘରୁ ପଦାକୁ ବାହାରି ହେଉନି। ଆଗକୁ ଖରା ବଢିବ। ମେ'ରେ ତାପମାତ୍ରା ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହି ସମୟରେ ପିଲାମାନେ ସ୍କୁଲରେ ପାଠ ପଢ଼ିବା ସମ୍ଭବପର ନୁହଁ। ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ମେ' ମାସ ସମ୍ପୂର୍ଣ୍ଣ ବନ୍ଦ ରଖାଯାଉ। ଜୁନରେ ତାପମାତ୍ରା କମିଲେ ପିଲାଙ୍କ ପାଠପଢ଼ା କରାଯାଉ। ଅନ୍ୟପଟେ ବରିଷ୍ଠ ସାମାଜିକ କର୍ମୀ ପ୍ରଭାତ ମିଶ୍ର, ଆଇନଜୀବୀ ଅଜିତ ପଟ୍ଟନାୟକ କୁହନ୍ତି, ଖରାକୁ ଡରି ଅଭିଭାବକମାନେ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ପିଲାଙ୍କୁ ପାଠ ପଢିବାକୁ ଛାଡିବା ନେଇ ଆଶଙ୍କା ରହିଛି। ଖରାର ପ୍ରଭାବକୁ ଦୃଷ୍ଟିରେ ରଖି ଜୁନ ପରିବର୍ତ୍ତେ ମେ'ରେ ଖରାଛୁଟି କରାଯାଉ ବୋଲି ସେ କହିଛନ୍ତି।

# ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ପାଇଁ ଚାଲିଛି ଦରଜି କାମ

ପୁରୀ ଅଫିସ, ୨୧।୪

ଦୀର୍ଘ ଦୁଇବର୍ଷ ପରେ ଭକ୍ତଙ୍କ ଗହଣରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ବର୍ଷ ବାହାର ଚନ୍ଦନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଏଥିପାଇଁ ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ତିଥିରେ ଭୋଇ ସେବକଙ୍କ ଦ୍ୱାରା ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରୁ ନନ୍ଦା ଓ ଭଦ୍ରା ଚାପଡଙ୍ଗା ସହ ବୈଜୟନ୍ତୀ ଡଙ୍ଗା ପାଣିରୁ କଢ଼ାଯାଇଛି। ସେହିପରି ବୁଧବାର ବାହାର ଚନ୍ଦନ ଯାତ୍ରାରେ ବ୍ୟବହୃତ ହେବାକୁ ଥିବା ଦୁଇ ଚାପଡଙ୍ଗା ଏବଂ ମହାପ୍ରଭୁଙ୍କ ନୀତିରେ ବ୍ୟବହାର ହେଉଥିବା ଆବଶ୍ୟକ ସାମଗ୍ରୀ ନିମନ୍ତେ ଦରଜି କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ବିଧିବିଧାନ ଅନୁଯାୟୀ କାର୍ଯ୍ୟ ଅନୁକୂଳ କରିଥିଲେ।




ଅନାବାଦୀ, ଗୋଚର ଜମି ଜବରଦଖଲ ଓ ବେଆଇନ ବାଲି ଉତ୍ତୋଳନ କରୁଥିବା ଶ୍ରୀକ୍ରିଷ୍ଣା ବିଲ୍ଡର୍ସ ମାଲିକଙ୍କୁ ଗିରଫ ଦାବିରେ ଗୁରୁବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନାରୋଗୋଦା ଓ ଘଙ୍ଗାପାଟଣା ଗ୍ରାମବାସୀ ଧାରଣା ଦେଇଛନ୍ତି।

# ଜେଲ ଗଲେ ଟ୍ୟାକ୍ସି ଡ୍ରାଇଭର

## ବ୍ୟବସାୟୀଙ୍କଠାରୁ ୩.୫ ଲକ୍ଷ ଟଙ୍କା ଲୁଟ୍ ଘଟଣା

ବାଣପୁର,୨୧।୪(ଡି.ଏନ୍.ଏ.)

ଜଣେ ବ୍ୟବସାୟୀଙ୍କଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା ଲୁଟ୍ ଘଟଣାରେ ବାଣପୁର ପୋଲିସ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଲାଠିପଡ଼ା ଗ୍ରାମର ଦୀପକ ନାୟକ। ତାଙ୍କ ନିକଟରୁ ଲୁଟ ହୋଇଥିବା ୨ ଲକ୍ଷ ଟଙ୍କା ଜବତ କରାଯାଇଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ମୁତାବକ, ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଗ୍ରାମର ଜୟଦେବ ସାହୁ ଗତ ୧୭ ତାରିଖରେ ଭୁବନେଶ୍ୱରରୁ କୋରାପୁଟ ଯିବା ପାଇଁ ଏକ ଟ୍ୟାକ୍ସି ଭଡାରେ ନେଇଥିଲେ। ବ୍ୟବସାୟ ଉଦ୍ଦେଶ୍ୟରେ ସାହୁ ସାଢ଼େ ୩ ଲକ୍ଷ ଟଙ୍କା ନେଇ ଦୁଇ ବନ୍ଧୁଙ୍କ ସହ ଯାଉଥିବା ଟ୍ୟାକ୍ସି ଡ୍ରାଇଭର ଜାଣିବା ପରେ ଲୁଟ କରିବା ପାଇଁ ଯୋଜନା କରିଥିଲେ। ୧୬ ନମ୍ବର ଜାତୀୟ ରାଜପଥର ବେଲପଡ଼ା ଛକ ନିକଟରେ ଦୀପକ କିଛି ସମୟ ବିଶ୍ରାମ ନେଇ ପୁନର୍ବାର ଯାତ୍ରା କରିବା ପାଇଁ ସାହୁଙ୍କୁ କହିବା ସହ ଗାଡିକୁ ରାସ୍ତା ପାର୍ଶ୍ୱରେ ରଖିଥିଲେ। ତେବେ ସାହୁ ଟଙ୍କା ବ୍ୟାଗକୁ ଗାଡ଼ିରେ ରଖି ଦୁଇ ବନ୍ଧୁଙ୍କ ସହ ରାସ୍ତାପାର୍ଶ୍ୱରେ ଥିବା ଦୋକାନକୁ ଚା' ପିଇବା ପାଇଁ ଯାଇଥିଲେ। ଏହି ସୁଯୋଗରେ ଟ୍ୟାକ୍ସି ଡ୍ରାଇଭର ଦ୍ରୁତ ଗତିରେ ଗାଡ଼ି ଚଳାଇ ଭୁବନେଶ୍ୱର ଅଭିମୁଖେ ପଳାଇଥିଲେ। ଏନେଇ ବ୍ୟବସାୟୀ ସାହୁ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଡ୍ରାଇଭର ଦୀପକ ଟାଙ୍ଗୀ ଥାନା କୁହୁଡ଼ି ନିକଟରେ ବ୍ୟାଗରେ ଥିବା ସମସ୍ତ କାଗଜପତ୍ର ଫୋପାଡ଼ି ଟଙ୍କା ନେଇଯାଇଥିଲେ। ଭୁବନେଶ୍ୱରର ଶହୀଦନଗର ଥାନାରେ ଟ୍ୟାକ୍ସି ରଖିଦେଇ ବ୍ୟବସାୟୀମାନେ କୋରାପୁଟରୁ ଗଞ୍ଜେଇ ଚାଲାଣ କରିବା ପାଇଁ ଚକ୍ରାନ୍ତ କରୁଥିବା ଟ୍ରାଭେଲର ମାଲିକଙ୍କୁ ଫୋନ ମାଧ୍ୟମରେ ଜଣାଇବା ସହ ଗାଡିକୁ ଥାନାରେ ରଖିଦେଇଥିଲେ। ଫଳରେ ଅଭିଯୋଗ ସମ୍ପର୍କରେ ପୋଲିସର ତଦନ୍ତ ଦ୍ୱରାନ୍ୱିତ ହୋଇପାରି ନ ଥିଲା। ଗତ ବୁଧବାର ବାଣପୁର ପୋଲିସ ଡ୍ରାଇଭର ଦୀପକଙ୍କ ବିରୋଧରେ ଏକ ମାମଲା (ନଂ.୧୬୦/୨୨)ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ଦୀପକଙ୍କୁ ପୋଲିସ ପୁରୀରୁ ଗିରଫ କରିବା ସହ ତାଙ୍କ ଘରୁ ୨ ଲକ୍ଷ ଟଙ୍କା ଜବତ କରିଥିଲା।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା



ପିଢୁକୁଳିଠାରେ ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନୀ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

ବୋଲଗଡ଼/ବେଗୁନିଆ, ୨୧।୪ (ଡି.ଏନ୍.ଏ.)

ବୋଲଗଡ଼ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ପିଢୁକୁଳିସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରିଥିଲେ। ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ମେଳାରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର, ବାଙ୍କୋଇ ଓ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇଥିବା ବେଳେ ୭୨୦ଜଣ ପଞ୍ଜୀକୃତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହ ଆୟୁଷ ବିଭାଗର ହୋମିଓପାଥି ଓ ଆୟୁର୍ବେଦିକ ଡାକ୍ତରମାନେ ଉପସ୍ଥିତ ରହି ରୋଗୀ ସେବା କରିଥିଲେ। ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବ୍ଲକ ଅଞ୍ଚଳର ସମସ୍ତ ଆଶା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ରୋଗୀମାନଙ୍କୁ ସହୟତା କରିଥିଲେ।

ସେହିପରି ବେଗୁନିଆ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଗୁରୁବାର ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଜିଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରଘୁନାଥ ନାୟକ ମୁଖ୍ୟ ଅତିଥି, ଡିପିଏଚ୍‌ସିଓ ପ୍ରସନ୍ନ କୁମାର ମହାପାତ୍ର, ଡିପିଏମ୍ ପ୍ରକାଶ ବାନାର୍ଜୀ ଅତିଥିଭାବେ ଯୋଗଦେଇଥିଲେ। ମେଳାରେ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କୁ ନେଇ ଚିକିତ୍ସା ଓ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ୧୨୪୧ ଜଣ ରୋଗୀ ନାମ ପଞ୍ଜୀକରଣ କରିଥିଲେ। ବିନା ସୂଚନାରେ ମେଳା ଆୟୋଜନକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଅନ୍ୟପକ୍ଷରେ ଏହି ସ୍ୱାସ୍ଥ୍ୟମେଳାକୁ ସ୍ଥାନୀୟ ଏମ୍‌ପି ଓ ବିଧାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଉଭୟଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟତମ ଅତିଥିଭାବେ ବିଇଓ ବିଷ୍ଣୁ ପ୍ରସାଦ ମିଶ୍ର, ସିଡିପିଓ ରଞ୍ଜୁବାଳା ସାହୁ, ପିଏଚ୍‌ଇଓ ପ୍ରଭାସିନୀ ପଣ୍ଡା, ବିପିଏମ୍ ଦିଲୀପ କୁମାର ସାହୁ ଏବଂ ବିଏଏମ୍ ଶାନ୍ତନୁ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ପୋଲରୁ ଖସି ବାଇକ୍ ଚାଳକ ଗୁରୁତର

ବୋଲଗଡ଼,୨୧।୪(ଡି.ଏନ୍.ଏ.)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ବାରବାଟି ଗ୍ରାମ ନିକଟରେ ପୋଲ ତଳକୁ ବାଇକ ସହ ଖସିପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତେବେ ଯୁବକଙ୍କ ପରିଚୟ ମିଳିପାରିନଥିବା ବେଳେ ବୟସ ଆନୁମାନିକ ୨୭ବର୍ଷ ହେବ। ଗୁରୁବାର ରାତି ପ୍ରାୟ ୧୧ଟାରେ ଏହି ଘଟଣା ଘଟିଛି। ରାସ୍ତାରେ ଯାଉଥିବା ଲୋକେ ବାଇକ ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖବରପାଇ ବାଙ୍କୋଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ୭୫ ୟୁନିଟ ରକ୍ତ ସଂଗ୍ରହ

କୃଷ୍ଣପ୍ରସାଦ,୨୧।୪(ଡି.ଏନ୍.ଏ.):

କୃଷ୍ଣପ୍ରସାଦ ବ୍ଲକର ସାମାଜିକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ଆଇଆଇସି ଦିଲୀପ ସ୍ୱାଇଁ, ଅତିଥି ଭାବେ ବିଜୟ କୁମାର ତରେଇ, ଶିକ୍ଷକ ପଦ୍ମଚରଣ ଜେନା, କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ବଡଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ରାମଲେଙ୍ଗା ସରପଞ୍ଚ ସବିତା ବିଶ୍ୱାଳ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ ସେଠୀ, ଅମିତା ତରେଇ, ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଷ୍ଣୁ ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବିରରେ ମୋଟ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ସରସ୍ୱତୀ ଶିଶୁ ମନ୍ଦିରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଡା. ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୧୫୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ସଙ୍ଗଠନ ସଭାପତି ଭରତ ବେହେରାଙ୍କ ନେତୃତ୍ୱରେ ଏହି ଶିବିରରେ ମନୋଜ ବିଶ୍ୱାଳ, ରଞ୍ଜିତ୍ ସାହୁଙ୍କ ସମେତ କମଳେଶ୍ୱର ଦେବ ଜନସେବା ସଂଘ ଓ ଗ୍ରୀନ ପାରିକୁଦର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜାନକୀ ବଲ୍ଲଭଙ୍କ ଅବଦାନ ଅତୁଳନୀୟ

ବେଗୁନିଆ,୨୧।୪(ଡି.ଏନ୍.ଏ.)

ବେଗୁନିଆ-ବୋଲଗଡ଼ ଜାନକୀ ବଲ୍ଲଭ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ତଥା ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେବା ସହ ଜାନକୀଙ୍କ କର୍ମଭୂମି ବୋଲଗଡ଼-ବେଗୁନିଆ ପ୍ରତି ଥିବା ଅବଦାନ ଅତୁଳନୀୟ ବୋଲି କହିଥିଲେ। ପ୍ରାରମ୍ଭରେ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପଣ୍ଡିତ ବିନୋଦ ଦାଶ ବେଦପାଠ କରିଥିଲେ। କଣ୍ଠଶିଳ୍ପୀ ସଞ୍ଜୟ ପାଣିଗ୍ରାହୀ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସୁଧାକର ସାମନ୍ତରାୟ, ଶିକ୍ଷକ ସତ୍ୟବାଦୀ ସାହୁ, ଭାଗୀରଥି ପରିଡ଼ା, ହରିବନ୍ଧୁ ପଣ୍ଡା, ବେଣୁଧର ସୁବୁଦ୍ଧି, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ପ୍ରସନ୍ନ ବାରିକ, ମଦନ ମୋହନ ସାହୁ, ବଂଶୀଧର ପଣ୍ଡା, ହରେକୃଷ୍ଣ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ଘନଶ୍ୟାମ ପଣ୍ଡା, ନାରାୟଣ ବେହେରା, ଦୟାନିଧି ପଣ୍ଡା, ମନୋଜ ମହାପାତ୍ର, ଭ୍ରମର ଦାସ, ଦୀନବନ୍ଧୁ ଦାଶ, ବିଭୁ ଚନ୍ଦ୍ର ଦାସ, ବାସୁଦେବ ମହାପାତ୍ର, କାଳୁଚରଣ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଏମ୍‌ଜେ ସୁପର କିଙ୍ଗ୍ ବିଜୟୀ

## ଅସରଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼,୨୧।୪(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଅସରଳା କୁଞ୍ଜବନ ଖେଳପଡ଼ିଆରେ ଚାଲିଥିବା ଅସରଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଏମ୍‌ପିଏ ଟିମ୍‌କୁ ହରାଇ ଏମ୍‌ଜେ ସୁପର କିଙ୍ଗ ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଏମ୍‌ପିଏ ଟିମ୍ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌ଜେ ସୁପର କିଙ୍ଗ ଟିମ୍ ଗୋଟିଏ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ହେମନ୍ତ ପ୍ରଧାନ ଓ ରାଜୀବ ଖଟେଇ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ବଦ୍ରି ପ୍ରସାଦ ପାଣ୍ଡେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅସରଳା କ୍ରିକେଟ ଟିମ୍‌ର ସଦସ୍ୟ ଓ ଗ୍ରାମର ଯୁବକମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଅଣଫଟୋଗ୍ରାଫରଙ୍କୁ ସ୍ୱୀକୃତିପ୍ରାପ୍ତ ସଂଘର ବିରୋଧ

## ସୂର୍ଯ୍ୟ ମନ୍ଦିର ଫଟୋ ଉତ୍ତୋଳନ ଘଟଣା

କୋଣାର୍କ,୨୧।୪(ଡି.ଏନ.ଏ.)

କୋଣାର୍କ ସୂର୍ଯ୍ୟ ମନ୍ଦିରର ଲାଇସେନ୍ସପ୍ରାପ୍ତ ଫଟୋଗ୍ରାଫର ବାର୍ଷିକ ଲାଇସେନ୍ସ ଫି ବାବଦକୁ ଟଙ୍କା ଦେଉଥିବା ବେଳେ ଅଣଫଟୋଗ୍ରାଫରମାନେ ମନ୍ଦିର ମଧ୍ୟରେ ଫଟୋ ଉତ୍ତୋଳନ କରିବାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭୁବନେଶ୍ୱରସ୍ଥିତ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ବାହାର ଫଟୋଗ୍ରାଫରଙ୍କୁ ଏଏସ୍‌ଆଇ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନ ଥିବାବେଳେ ପୁରୀ ଜିଲାପାଳ ଅନୁମତି ଦେଇଥିବା ସୁପରିଟେଣ୍ଡେଣ୍ଟ ଲାଇସେନ୍ସପ୍ରାପ୍ତ ଫଟୋଗ୍ରାଫର ସଂଗଠନ ଆଗରେ ପ୍ରକାଶ କରିଥିଲେ। ସୂର୍ଯ୍ୟ ମନ୍ଦିର ସ୍ୱୀକୃତିପ୍ରାପ୍ତ ଫଟୋଗ୍ରାଫର ସଂଘ ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତଥ୍ୟ ଅନୁଯାୟୀ କୋଣାର୍କ ସୂର୍ଯ୍ୟ ମନ୍ଦିର ଭିତରକୁ ଅଣଫଟୋଗ୍ରାଫର ଯିବା ନ ଯିବା ଏଏସ୍‌ଆଇ କର୍ତ୍ତୃପକ୍ଷ ନିଷ୍ପତ୍ତି ଗ୍ରହଣ କରିବେ। ଏଏସ୍‌ଆଇ ଓ ଜିଲା ପ୍ରଶାସନ ଆଜିକୁ ପ୍ରାୟ ୩ ବର୍ଷ ଧରି ନୀରବତା ଅବଲମ୍ବନ କରିବାରେ ସୂର୍ଯ୍ୟ ମନ୍ଦିର ସ୍ୱୀକୃତି ପ୍ରାପ୍ତ ଫଟୋଗ୍ରାଫର ସଂଘ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିସହ ଏହି ସମସ୍ୟାର ସମାଧାନ ପାଇଁ ସୂର୍ଯ୍ୟ ମନ୍ଦିର ସ୍ୱୀକୃତିପ୍ରାପ୍ତ ଫଟୋଗ୍ରାଫର ସଂଘର ଅକ୍ଷୟ ମଲ୍ଲିକ, ସନ୍ତୋଷ ପାତ୍ର, ଅଶୋକ ସାହୁ, ଜୟ ଗୋଚ୍ଛାୟତ ଓ ବିଜୟ ମଲ୍ଲିକ ପ୍ରମୁଖ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି। ଯଦି ଏଏସଆଇ ୬ଦିନ ମଧ୍ୟରେ ଏହାର ସମାଧାନ ନ କରେ ତେବେ ଆନ୍ଦୋଳନ ତୀବ୍ରତର କରାଯିବା ସହ ଆବଶ୍ୟକ ପଡିଲେ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକରେ ତାଲା ପକାଯିବ ବୋଲି ସ୍ୱୀକୃତିପ୍ରାପ୍ତ ଫଟୋଗ୍ରାଫର ମାନେ ଚେତାବନୀ ଦେଇଛନ୍ତି।

# 'ଆଦର୍ଶ ପରିବାର, ଶିକ୍ଷକ ହିଁ ଉତ୍ତମ ଛାତ୍ର ଗଢ଼ନ୍ତି'

ଖୋର୍ଦ୍ଧା ଅଫିସ,୨୧।୪

ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ(ବିଇଓ) ଆନୁକୂଲ୍ୟରେ ୨୦୨୧ ମସିହାରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଛି। ଜୟୀ ରାଜଗୁରୁ ଭବନଠାରେ ବିଇଓ ସନ୍ଧ୍ୟାରାଣୀ ରାଉତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, କଠିନ ପରିଶ୍ରମ ଓ ସାଧନା ସଫଳତା ଆଣେ। ଏକାଗ୍ରତାର ସହ ପାଠପଢ଼। ଏଥିସହ ଜ୍ଞାନର ପରିସୀମା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ମୋ-ସ୍କୁଲ ଅଭିଯାନର ଉପନିର୍ଦ୍ଦେଶିକା ସସ୍ମିତା ମାଲି, ବିଡିଓ ରୁମାନା ଜାଫ୍ରି, ମାଧ୍ୟମିକ ଶିକ୍ଷା ସହନିର୍ଦ୍ଦେଶିକା ସୁନନ୍ଦା ମେଳପ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସତ୍ୟବାନ ଶ୍ରୀଚନ୍ଦନ, ସହ-ଶିକ୍ଷା ଗୋଷ୍ଠୀ ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଓ ନଳିନୀ ଦେବୀ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ତୃତୀୟ ଏବଂ ପଞ୍ଚମ ଶ୍ରେଣୀର ୨୮ ଲେଖାଏ ମୋଟ ୫୬ ଜଣଙ୍କୁ ପୁରସ୍କୃତ କରାଯାଇଛି। ଶିଶୁଟିର ପ୍ରଥମ ଗୁରୁଜୀ ହେଉଛନ୍ତି ତାର ମା'ବାପା। ଶିଶୁଙ୍କ ଶୈକ୍ଷିକ ବିକାଶ ଦିଗରେ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି। ଆଦର୍ଶ ପରିବାର ଓ ଶିକ୍ଷକଙ୍କ ମାର୍ଗଦର୍ଶନରେ ଜଣେ ଉତ୍ତମ ଛାତ୍ର ଗଠନ ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ରବି ନାରାୟଣ ପଣ୍ଡା, ଶିକ୍ଷକ ପ୍ରସନ୍ନ ମହାପାତ୍ର, ରବୀନ୍ଦ୍ର ପ୍ରଧାନ, ଧ୍ରୁବଚରଣ ରଣା, ସୁଜାତା ସାହୁ, ପ୍ରଦ୍ୟୁମ୍ନ ମିଶ୍ର, ରବି ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ଶ୍ରୀରାମନବମୀ ଉତ୍ସବ ଉଦ୍‌ଯାପିତ

ବାଙ୍କୀ,(ସ୍ୱ.ପ୍ର.): ଶ୍ରୀଶ୍ରୀରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶପଙ୍ଗୀ ଗ୍ରାମର ରଘୁନାଥଙ୍କ ପୀଠରେ ୮୧ତମ ଶ୍ରୀରାମନବମୀ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାମ ଜନ୍ମ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ବାଳିବଧ, ଲଙ୍କାପୋଡ଼ି, ରାବଣ ବଧ ଓ ରାମ ଅଭିଷେକ ଚିତ୍ତାକର୍ଷକ ଭାବେ ପାଳିତ ହୋଇଯାଇଛି। ଗୁରୁବାର ସକାଳେ ଅନୁଷ୍ଠାନର କଳାକାରମାନେ ଚିରାଚରିତ ଭାବେ ନଗର ପରିକ୍ରମା କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଭୁପ୍ରସାଦ ନାୟକ, ବରିଷ୍ଠ କଳାକାର ସୁଧାକର ବେହେରା, ଗୋବର୍ଦ୍ଧନ ବେଉରା, ଅମୂଲ୍ୟ ବେଉରା, ଚିତ୍ତରଞ୍ଜନ ନାୟକ ଓ ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନିଶାକର ଦାସ ପାଇବେ ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ

**କଟକ ଅଫିସ, ୨୧।୪:** ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ତଥା ସର୍ବୋଦୟ ନେତା ନିଶାକର ଦାସ ଚଳିତବର୍ଷର



ମର୍ଯ୍ୟାଦାଜନକ ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୪ ତାରିଖରେ କଟକ ସ୍ୱରାଜ ଆଶ୍ରମଠାରେ ପାଳନ ହେବାକୁ ଥିବା ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଜୟନ୍ତୀ ସମାରୋହରେ ଦାସଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରାଯିବ। ଏ ସମ୍ପର୍କରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଲକ୍ଷ୍ମୀପ୍ରକାଶ ମହାପାତ୍ର ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଯାଜପୁର ଜିଲା ସିଂହପୁର ଗ୍ରାମରେ ଜନ୍ମିତ ଦାସ ଦୀର୍ଘବର୍ଷ ଧରି କୋରାପୁଟର କୋଲାବୀର ଗ୍ରାମରେ ଆଶ୍ରମ ନିର୍ମାଣ କରି ବାସ କରିବା ସହ ଗାଁ ଗାଁ ବୁଲି ଗ୍ରାମସ୍ୱରାଜ୍ୟର ବାର୍ତ୍ତା ପ୍ରଚାର କରିଆସୁଛନ୍ତି। ସେ ଭୂଦାନ ଆନ୍ଦୋଳନରେ ସାମିଲ ହୋଇ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ, ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ପଣ୍ଡିତ କୃପାସିନ୍ଧୁ ହୋତା, ଗୁଣନିଧି ମହାନ୍ତି ପ୍ରମୁଖଙ୍କ ଘନିଷ୍ଠ ସହଯୋଗୀ ଥିଲେ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କଟକ ଅଫିସ, ୨୧।୪:** କଟକ ସେଲ୍‌ଟର ଛକସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ. ବନ୍ଦିତା ଦାଶ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରିୟଙ୍କା ସେଠୀ, କଳ୍ପନା ମହାପାତ୍ର ଓ ପ୍ରିୟଦର୍ଶିନୀ ଦଳାଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଅଧକ୍ଷା ଦାଶ ଓ ପ୍ରାଧାପକ ରାଜେନ୍ଦ୍ର କୁମାର କୁଅଁର ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରାଧାପିକା ଉପଦିଷ୍ଟା ଜେନା କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧାପିକା ଡ. ରୀନାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

### ଲଜପତ ରାୟ୍ ଡିଏଭି ପବ୍ଲିକ୍ ସ୍କୁଲରେ ଆଶୀର୍ବାଦ ସମାରୋହ

**କଟକ ଅଫିସ,୨୧।୪:** କଟକ ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ୍ ସ୍କୁଲରେ ଆଶୀର୍ବାଦ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯଜ୍ଞ ଓ ବେଦପାଠ ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ସ୍ୱାଇଁ ଆସନ୍ତା ବୋର୍ଡ ପରୀକ୍ଷା ପାଇଁ ସମୟକୁ ଉପଯୋଗ କରିବା ସହ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ସଂଯୋଜକ ଏସ୍ .କେ. କୁମାରଙ୍କ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ ଅଧକ୍ଷାଙ୍କ ପରଲୋକ

**କଟକ ସଦର,୨୧।୪(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧକ୍ଷା ବିଷ୍ଣୁପ୍ରିୟା ରାଉତ(୬୪)ଙ୍କର ଗୁରୁବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ



ପରଲୋକ ହୋଇଯାଇଛି। ପରେ ତାଙ୍କ ମୃତଦେହ ବ୍ଲକ କାର୍ଯ୍ୟାଳୟ ପରିସରକୁ ଅଣାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ବିଧାୟକ ଚନ୍ଦ୍ରସାରଥି ବେହେରା, ସମର ବେହେରା, ରଜନୀକାନ୍ତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମରଶରୀରରେ ମାଲ୍ୟାର୍ପଣ କରିଥିଲେ। ଗତିରାଉତପାଟଣାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ବିକ୍ରମ ରାଉତ ମୁଖାଗ୍ନି ଦେଇଥିଲେ। ବିଷ୍ଣୁପ୍ରିୟା ଗତ ମାର୍ଚ୍ଚ ୧୨ ତାରିଖରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବ୍ଲକ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୫ ଶ୍ରେଣୀକୁ ଜଣେ ଶିକ୍ଷକ

**ନିଶ୍ଚିନ୍ତକୋଇଲି,୨୧।୪(ସ୍ୱ.ପ୍ର.)**

**ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳରେ ଶିକ୍ଷକ ସଙ୍କଟ**
- ଅଭିଯୋଗ ଆଣିଲେ ସରପଞ୍ଚ
- ବିଦ୍ୟାଳୟରେ ପଢୁଛନ୍ତି ୭୪ ଛାତ୍ରୀଛାତ୍ର

ଶିକ୍ଷାକୁ ସାର୍ବଜନୀନ କରାଇବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା ପ୍ରଚଳନ କରିଛନ୍ତି। ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରାଇବା ନିମନ୍ତେ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥିତିରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ସମଗ୍ର ଶିକ୍ଷା ଦିଗହରା ହୋଇପଡ଼ିଛି। ଗୋଟିଏ ବିଦ୍ୟାଳୟର ୫ଟି ଶ୍ରେଣୀ ନିମନ୍ତେ ଜଣେ ମାତ୍ର ଶିକ୍ଷକ ରହିଥିବା ଅଭିଯୋଗ ହୋଇଛି।

ବରାଦୋ ପଞ୍ଚାୟତ ଅଧୀନରେ ପାଟପୁର ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟଟି ୧୯୮୬ରେ ସ୍ଥାପନ କରାଯାଇଥିଲା। ବିଦ୍ୟାଳୟରେ ୫ଟି ଶ୍ରେଣୀ ରହିଛି। ଏଠାରେ ୭୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଜଣେ ମାତ୍ର ଶିକ୍ଷକ ଥିବାରୁ ସବୁ ଛାତ୍ର ଗୋଟିଏ କକ୍ଷରେ ବସି ଦୟନୀୟ ଭାବେ ଅଧ୍ୟୟନ କରୁଛନ୍ତି। ଶିକ୍ଷକ ଜଣକ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ଗଲେ ବିଦ୍ୟାଳୟରେ ତାଲା ଝୁଲୁଛି। ଏହି ସମୟରେ ଛାତ୍ରୀଛାତ୍ରମାନେ ନିରାଶ ହୋଇ ଘରକୁ ଫେରିବାକୁ ବାଧ ହେଉଛନ୍ତି। ବ୍ଲକର ବହୁ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଥିବାବେଳେ ଏହି ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ରହି ଶିକ୍ଷାଦାନ ଦେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶପାଇଛି। ଏହାବ୍ୟତୀତ ଏହି ସର୍ବପୁରାତନ ବିଦ୍ୟାଳୟ ଚତୁଃପାର୍ଶ୍ୱରେ କୌଣସି ପାଚେରି ନ ଥିବା କାରଣରୁ ବହୁ ସମୟରେ ବୁଲା ଗୋରୁ, ଛେଳିମେଣ୍ଢା ଓ ବୁଲା ଷଣ୍ଢ ବିଦ୍ୟାଳୟ ପରିସରରେ ପ୍ରବେଶ କରି ଶିକ୍ଷାଦାନରେ ଅନ୍ତରାୟ ସୃଷ୍ଟି କରୁଛନ୍ତି। ସେହିପରିଭାବେ ବିଦ୍ୟାଳୟର କୋମଳମତି ଛାତ୍ରୀଛାତ୍ରଙ୍କ ନିମନ୍ତେ କୌଣସି ପାନୀୟ ଜଳର ସୁବ୍ୟବସ୍ଥା ନାହିଁ। ଏପରିକି ବିଦ୍ୟାଳୟର ତୋରଣ ମଧ୍ୟ ନାହିଁ।

ଏ ସମ୍ପର୍କରେ ବରାଦୋ ସରପଞ୍ଚ ଦୀପ୍ତିମୟୀ ବରାଳ ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ଅଧିକାରିଣୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ପ୍ରତିକାର ବ୍ୟବସ୍ଥା ପାଇଁ ଦାବି କରିଛନ୍ତି। ଏ ପ୍ରସଙ୍ଗରେ ବ୍ଲକ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ କୌଣସି ଉତ୍ତର ଦେଇ ନ ଥିଲେ।

## ଆଇଟିଆଇରେ ଜାତୀୟ ଶିକ୍ଷାଦାନ ମେଳା



ଜାତୀୟ ଶିକ୍ଷାଦାନ ମେଳାରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ,୨୧।୪**

କଟକ ଖପୁରିଆସ୍ଥିତ ସରକାରୀ ଆଇଟିଆଇରେ ଜାତୀୟ ଶିକ୍ଷାଦାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷତା ବିକାଶ ଓ ଉଦ୍ୟୋଗୀର ଆଞ୍ଚଳିକ ନିର୍ଦ୍ଦେଶକ ବିଜିତ କୁମାର ସିଂ ଯୋଗଦେଇ କହିଥିଲେ, ଶିଳ୍ପାନୁଷ୍ଠାନଗୁଡିକ ନିଜ ସଂସ୍ଥାରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେବା ଆବଶ୍ୟକ। ଏହାଦ୍ୱାରା ପିଲାଙ୍କ ଆଗ୍ରହ ବୃଦ୍ଧି ପାଇବା ସହ ସେମାନେ ଉପଯୁକ୍ତ ପ୍ରଶିକ୍ଷଣ ପାଇ ପାରିବେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଟିଆଇ ଅଧକ୍ଷ ହୃଷୀକେଶ ମହାନ୍ତି ସଭାପତିତ୍ୱ କରି ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପଭିତ୍ତିକ ପ୍ରଶିକ୍ଷଣ ଦେବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ଅବସରରେ ୪୬୫ରୁ ଉର୍ଦ୍ଧ୍ୱ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପଭିତ୍ତିକ ରୋଜଗାର ବିଷୟରେ ସୂଚନା ଦିଆଯାଇଥିଲା। ସେହିପରି ୨୬୨ ଜଣଙ୍କୁ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିଲା।

## ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା



ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**କଟକ ଅଫିସ,୨୧।୪**

**ଓଏସ୍‌ଏସ୍‌ଟିଇଟି ମୂଲ୍ୟାୟନରେ ତ୍ରୁଟି ପ୍ରସଙ୍ଗ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ମୂଲ୍ୟାୟନରେ ତ୍ରୁଟି ନେଇ ଗୁରୁବାର କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ପରୀକ୍ଷାର୍ଥୀମାନେ ଧାରଣାରେ ବସିଥିଲେ। ଓଏସ୍‌ଏସ୍‌ଟିଇଟି-୨୦୨୧ ଦ୍ୱିତୀୟ ପରୀକ୍ଷା ଦେଇଥିବା ରାଜ୍ୟର ୫୦୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫଳରେ ବିଭିନ୍ନ ଜିଲାର ପରୀକ୍ଷାର୍ଥୀ ଗତ ୧୧ ତାରିଖରେ ଏ ସମ୍ପର୍କରେ ବୋର୍ଡ ସଭାପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ପଦକ୍ଷେପ ନିଆ ନ ଯିବାରୁ ଗତ ୧୬ ତାରିଖରେ ପରୀକ୍ଷାର୍ଥୀମାନେ ପୁନର୍ବାର ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି ସେକ୍ରେଟାରିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କଣ୍ଟ୍ରାକଚୁଆଲ ହାଇସ୍କୁଲ ଟିଚର (ସିଏଚ୍‌ଟି)ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଓଏସ୍‌ଏସ୍‌ଟିଇଟି ଖାତାକୁ ପୁଣିଥରେ ଯାଞ୍ଚ କରି ନୂତନ ଭାବେ ମୂଲ୍ୟାୟନ କରାଯାଉ ଅଥବା ଗ୍ରେସ୍ ମାର୍କ ଦିଆଯାଉ ବୋଲି ପରୀକ୍ଷାର୍ଥୀମାନେ ଦାବି କରିଆସୁଛନ୍ତି। ନ ହେଲେ ସେମାନେ ସିଏଚ୍‌ଟିରୁ ବାଦ୍ ପଡିବେ ବୋଲି କହିଛନ୍ତି। ଖବରପାଇ ସ୍ଥାନୀୟ ଥାନା ଆଇଆଇସି ଓ ବୋର୍ଡ କଣ୍ଟ୍ରୋଲର ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏ ବିଷୟରେ ସଭାପତି ଏବଂ ସେକ୍ରେଟାରିଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କଣ୍ଟ୍ରୋଲର କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷେ କିଛିଦିନ ମଧ୍ୟରେ ଯଦି ପଦକ୍ଷେପ ନିଆ ନ ଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି।

## ବାଘୁଆ ଶବରସାହିରେ ପାଣିର ଉତ୍କଟ ସମସ୍ୟା

**ବାଙ୍କୀ,୨୧।୪(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ଡମପଡା ପଞ୍ଚାୟତର ବାଘୁଆ ଶବରସାହିରେ ପାଣିର ଉତ୍କଟ ସମସ୍ୟା ଲାଗି ରହିଥିବା ଗୁରୁବାର ସାହିବାସୀ ଅଭିଯୋଗ କରିଛନ୍ତି। ବ୍ଲକରେ ଲାଇନ୍ ପାଣି ସଂଯୋଗ ରହିଥିଲେ ମଧ୍ୟ ପାଣି ଆସୁନାହିଁ। ସେଠାରେ ଥିବା ଅଧିକାଂଶ ନଳକୂପ ବହୁ ଦିନ ଧରି ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ମଣିଷଙ୍କଠାରୁ ଆରମ୍ଭ କରି ପଶୁମାନେ ମଧ୍ୟ ପାଣି ପିଇ ପାରୁନାହାନ୍ତି। ସାହିର ପ୍ରବେଶ ପଥରେ ଥିବା ନିର୍ମାଣାଧୀନ ପାଣି ଟାଙ୍କି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ସାହିରେ ଏପରି ସମସ୍ୟା ଲାଗିରହିଥିବାରୁ ସରପଞ୍ଚ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ ଜରୁରିକାଳୀନ ଭିତ୍ତିରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ସରପଞ୍ଚ ଶ୍ୟାମଳ ରାୟ କହିଛନ୍ତି। ଏବାବଦରେ ବିଡିଓ କହିଛନ୍ତି, ଖୁବ୍‌ଶୀଘ୍ର ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପାଣି ଟାଙ୍କିର ପୁନରୁଦ୍ଧାର କରି ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା, ୧୯୯୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**କଣ୍ଟାପଡା/ତିଗିରିଆ/ବାଙ୍କୀ, ୨୧।୪(ଡି.ଏନ୍.ଏ./ସ୍ୱ.ପ୍ର.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ଝାରପଡା ୟୁ.ପି. ସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫୨ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଡା. ବ୍ରଜେଶ ପଟ୍ଟନାୟକ, ଦୁଃଖିଆ ଚରଣ କିସକୁ, ଦିବ୍ୟଜ୍ୟୋତି ଦାସ, ସୁଜିତ ସେନାପତି, ଆୟୁଷ ଡାକ୍ତର ସମିତା ପଣ୍ଡା, ଜିତେନ୍ଦ୍ର ମହାନ୍ତି, ତପନ ବିଶୋଇ, ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

ତିଗିରଆ ବ୍ଲକ ଅନ୍ତର୍ଗତ ବଡନାଉପୁଟସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳରେ ୭୯୨ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିନ୍ଧାଣିମା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଛି। ତିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଜିଲା ପରିଷଦ ସଭ୍ୟ ସସ୍ମିତା ରାଉତ, ସମ୍ମାନିତ ଅତିଥି ଭାବେ ତିଗିରିଆ ବିଡିଓ ପ୍ରଣବ ବେହେରା, ବଡନାଉପୁଟ ସରପଞ୍ଚ ପ୍ରୀତିମୟୀ ପଣ୍ଡା, ହାଟମାଳ ସରପଞ୍ଚ ସଞ୍ଜୁବାଳା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଙ୍କୀରେ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୈଦ୍ୟେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ୭୪୮ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଏହି ମେଳା ପରିଚାଳିତ ହୋଇଥିଲା। ସରପଞ୍ଚ ସୁରଞ୍ଜନ ପଣ୍ଡା, ସୁପର ଭାଇଜର ମାନଭଞ୍ଜନ ଦଳେଇ, ଫାର୍ମାସିଷ୍ଟ ସନ୍ତୋଷ ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ନେଲେ ସ୍ୱାସ୍ଥ୍ୟକର୍ମୀ

**ଆଠଗଡ଼,୨୧।୪(ସ୍ୱ.ପ୍ର.)**

ଆଠଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଚିକିତ୍ସାଳୟର କର୍ମଚାରୀମାନଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଏବଂ ନିଆଁ ଲାଗିବାବେଳେ ପ୍ରାଥମିକ ବ୍ୟବସ୍ଥା କ'ଣ ନିଆଯିବା ସେବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଆଠଗଡ଼ ସହକାରୀ ଫାୟାର ଅଫିସର ଦୁଷ୍ମନ୍ତ କୁମାର ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଡା. ନିହାର ରଞ୍ଜନ ମିଶ୍ର, ଡା.ମାନସ ରଞ୍ଜନ ପାଣି,ରୋଗୀ କଲ୍ୟାଣ ସମିତି ସଭ୍ୟ ସନାତନ ରାଏ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଅଗ୍ନି ନିର୍ବାପକ ସମ୍ବନ୍ଧରେ ସମସ୍ତ କଳା କୌଶଳ ପ୍ରଦର୍ଶନ କରିଥିଲେ।

## ତଦାରଖ କରିବାକୁ ଡିସିପିଙ୍କୁ ନିର୍ଦ୍ଦେଶ

**ଏସ୍‌ସିବିରେ ଓକିଲଙ୍କୁ ଆକ୍ରମଣ ମାମଲା**

**କଟକ ଅଫିସ, ୨୧।୪**

ଏସ୍‌ସିବି ମେଡିକାଲରେ ଓକିଲ ସପନ ପାଲଙ୍କୁ ଆକ୍ରମଣ ଘଟଣାରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ବିଚାରପତି ଏ.କେ. ମହାପାତ୍ର ମାମଲାର ଶୁଣାଣି କରି ତଦାରଖ କରିବାକୁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୬ରେ ମାମଲାର ଶୁଣାଣି ହେବ। ଏସ୍‌ସିବିରେ ସପନଙ୍କୁ ଆକ୍ରମଣ କରାଯିବା ଘଟଣା ୬ ମାସ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ମାମଲାରେ ତଦନ୍ତ ଅଧିକାରୀଙ୍କୁ ସିସିଟିଭି ଫୁଟେଜ ମଧ୍ୟ ଯୋଗାଇ ଦିଆଯାଉନାହିଁ। ଏଣୁ ଡିସିପିଙ୍କୁ ମାମଲାର ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୧ ଅକ୍ଟୋବର ୨୧ ତାରିଖରେ ଏସ୍‌ସିବି ପରିସରରେ ସପନଙ୍କୁ କେତେଜଣ ଡାକ୍ତର କୌଣସି କାରଣକୁ ନେଇ ଆକ୍ରମଣ କରିଥିଲେ। ଏନେଇ ସେ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ।

## 'ନୂତନ ସାହିତ୍ୟିକ ବିପ୍ଳବ ସୃଷ୍ଟି କରିଥିଲେ ଜାନକୀ ବଲ୍ଲଭ'

**କଟକ ଅଫିସ/ ଆଠଗଡ଼,୨୧।୪(ସ୍ୱ.ପ୍ର.)**

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ କଟକ କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ସୁରେଶ ମହାପାତ୍ର ଅଧକ୍ଷତା କରି କହିଥିଲେ, ଜାନକୀ ବଲ୍ଲଭ ଏକ ନୂତନ ସାହିତ୍ୟିକ ବିପ୍ଳବ ସୃଷ୍ଟି କରି ନିଜର ଅଦମ୍ୟ ପରିଚୟ ଦେଇଛନ୍ତି। ଏଥିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା, ବିଶ୍ୱନାଥ ଶତପଥୀ, ବିପିନ ପଶାୟତ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ବେହେରା, ଶିଶିର ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ଜାନକୀ ବଲ୍ଲଭଙ୍କ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ପୁରୀଘାଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପାଳିତ ହୋଇଥିଲା। ନଗର ସଭାପତି ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗ ଦେଇଥିଲେ। ଏଥିରେ ଅଶୋକ ସାମଲ, ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, ସେକ୍ ଲିଆକତ ଉଦ୍ଦିନ ଅହମ୍ମଦ, ସନ୍ତୋଷ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଚୌଦ୍ୱାର ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଜାନକୀ ବଲ୍ଲଭଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଥିଲା। ସଂସଦ ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଶିଶୁସଦନ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା, ରୋଟାରିଆନ୍ ଶରତ ଖୁଣ୍ଟିଆ, ଉପ ନଗରପାଳ ଶୁଭେନ୍ଦୁ ସାମଲ, ବିଜେଡ଼ି ଚୌଦ୍ୱାର ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱ କଲ୍ୟାଣ ଦାସ, ଶରତ ଚନ୍ଦ୍ର ନାୟକ, ଧୀରେନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଆଡ୍‌ଭୋକେଟ କୈଳାସ ଚନ୍ଦ୍ର ସାହାଣୀ ସ୍ୱାଗତ ଭାଷଣ ଓ କବି ପଞ୍ଚାନନ ବେହେରା ଧନ୍ୟବାଦ ଦେଇଥିଲେ।

ଆଠଗଡ଼ କଂଗ୍ରେସ କାର୍ଯ୍ୟାଳୟରେ ଜାନକୀ ବଲ୍ଲଭଙ୍କ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଯୁବ କଂଗ୍ରେସର ଉପସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ କର୍ମୀମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଠଗଡ଼ ଯୁବ କଂଗ୍ରେସ ସଭାପତି ବିକ୍ରମ କେଶରୀ ରାୟସାମନ୍ତ, ଜିଲା ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଶ୍ରୀତମ ଦାସ, ସସ୍ମିତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜାନକୀଙ୍କ ପ୍ରତିମୂର୍ତ୍ତି କଟକରେ ସ୍ଥାପନ ହେବା ଆବଶ୍ୟକ



ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

**କଟକ ଅଫିସ,୨୧।୪**

**ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ**

ଜାନକୀ ବଲ୍ଲଭ ସ୍ମାରକୀ ପ୍ରତିଷ୍ଠାନ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ସଭା କଟକ ସାରଳା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ବ୍ୟାପକ। ସାହିତ୍ୟ, ସମାଜସେବା, ସାମ୍ବାଦିକତା, ରାଜନୀତି କ୍ଷେତ୍ରରେ ସେ ଯାହା କରିଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ। ଏଥିସହ ସମସ୍ତଙ୍କ ପ୍ରତି ତାଙ୍କ ମିଷ୍ଟ ବ୍ୟବହାର ଅନ୍ୟ କେଉଁ ରାଜନେତାଙ୍କ ପାଖରେ ମିଳିବ ନାହିଁ। ରାଜନୀତିର ଏଭଳି ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି କଟକ ସହରରେ ନାହିଁ। ଏହା ଅତ୍ୟନ୍ତ ଲଜ୍ଜାଜନକ କଥା। ଏଭଳି ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି କଟକରେ ସ୍ଥାପନ କରିବାର ଆବଶ୍ୟକତା ରହିଛି ବୋଲି ହରିଚନ୍ଦନ କହିଥିଲେ। ସେହିପରି ଅନୁଷ୍ଠାନର ଉପସଭାପତି ଧରଣୀଧର ନାୟକ, ଉପସଭାପତି ଇଂ. ପ୍ରଭାକର ସ୍ୱାଇଁ, ବିଧାୟକ ଇଂ, ମହମ୍ମଦ ମୋକିମ, ପ୍ରଫେସର ବୈଷ୍ଣବ ଚରଣ ସାମଲ ଓ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜସେବା ପାଇଁ ପର୍ଶୁରାମ ଦ୍ୱିବେଦୀ, ସାମ୍ବାଦିକତା ଲାଗି କାନନ ବିହାରୀ ଦାଶ ଓ ସାହିତ୍ୟ ନିମନ୍ତେ ବୈଷ୍ଣବ ଚରଣ ମହାନ୍ତିଙ୍କୁ ଜାନକୀ ବଲ୍ଲଭ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ନଟବର ଖୁଣ୍ଟିଆଙ୍କ ରଚିତ ପୁସ୍ତକ 'କୃଷି ଚିନ୍ତକ ଜାନକୀ ବଲ୍ଲଭ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଭୂୟାଁ ସ୍ୱାଗତ ଭାଷଣ, ନିରୁପମା ପତି, ଅଧ୍ୟାପିକା ମୀରା ବେଉରା ଓ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ମାନପତ୍ର ପାଠ ଏବଂ ଆଇନଜୀବୀ ଆକାଶ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ସିକ୍ୟୁରିଟି ଗାର୍ଡ ବେଶରେ ଏସ୍‌ସିବିରୁ ଚୋରି କରୁଥିଲେ

**କଟକ ଅଫିସ,୨୧।୪**





ମଙ୍ଗଳାବାଗ ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ ଓ ଜବତ୍ ବାଇକ।

- ବାଇକ୍ ଚୋରି ଗ୍ୟାଙ୍ଗ୍ ଠାବ
- ୯ ବାଇକ୍ ଜବତ, ୩ ଗିରଫ

ଏସ୍‌ସିବି ମେଡିକାଲରୁ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ମଙ୍ଗଳାବାଗ ପୋଲିସ ଠାବ କରିଛି। ଏହି ଘଟଣାରେ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏସ୍‌ସିବି ମେଡିକାଲର ପୂର୍ବତନ ସିକ୍ୟୁରିଟି ଗାର୍ଡ ଚଗଲୁ ଓରଫ ପ୍ରତାପ ସାମଲ(୨୭), ପିଣ୍ଟୁ ଓରଫ ସୌରଭ ସ୍ୱାଇଁ (୧୯) ଓ ବଗ୍ନିବଲ୍ଲଭ ଜେନା (୧୯)। ସେମାନଙ୍କଠାରୁ ୯ଟି ବାଇକ୍ ଓ ଗୋଟିଏ ଅଟୋ ଜବତ କରାଯାଇଛି। ଏସ୍‌ସିବି ମେଡିକାଲର ପୂର୍ବତନ ସିକ୍ୟୁରିଟି ଗାର୍ଡଙ୍କ ନେତୃତ୍ୱରେ ଏହି ଚୋରି ହେଉଥିଲା। ଦୁର୍ବୃତ୍ତମାନେ ସିକ୍ୟୁରିଟି ଗାର୍ଡ ବେଶରେ ଆସୁଥିଲେ। ମେଡିକାଲ ଷ୍ଟାଣ୍ଡରେ ଥିବା ବାଇକ ଓ ଅଟୋର ଲକ୍ ଭାଙ୍ଗି ଚୋରିକରି ନେଉଥିଲେ ବୋଲି କଟକ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଚୋରିରେ ମେଡିକାଲରେ ନିୟୋଜିତ ଥିବା କେତେଜଣ ସିକ୍ୟୁରିଟି ଗାର୍ଡଙ୍କ ହାତ ଥାଇପାରେ ବୋଲି ଏସିପି ଅଜୟ ଦାସ ସନ୍ଦେହ କରି ତଦନ୍ତ ଜାରି ରଖିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, କିଛିଦିନ ଧରି ଏସ୍‌ସିବି ମେଡିକାଲ ପରିସରରୁ ବାଇକ ଚୋରି ହେଉଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ଚଗଲୁଙ୍କ ନାମରେ ବିଭିନ୍ନ ଥାନାରେ ୫, ପିଣ୍ଟୁ ନାମରେ ୭ ଓ ବଗ୍ନିବଲ୍ଲଭ ନାମରେ ୫ଟି ମାମଲା ରହିଥିବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୭୨ ୟୁନିଟ୍ ରକ୍ତ ସଂଗ୍ରହ

ପିପିଲି,(ଡି.ଏନ୍.ଏ.): ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନବିନ୍ଦୁ ଅଭିଯାନରେ କଣ୍ଟି ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ମୋଟ ୭୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ପିପିଲି ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ବିଜେଡି ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ସ୍ଥାନୀୟ ସରପଞ୍ଚ ମୋନାଲିସା ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର ଡାକ୍ତର ତନୁଶ୍ରୀ ଶତପଥୀ, ଲୋକ ସମ୍ପର୍କ ଅଧିକାରୀ ଶାରଦାକାନ୍ତ ଚୌଧୁରୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତାଙ୍କୁ ସାର୍ଟିଫିକେଟ ଦିଆଯାଇ ସମ୍ମାନିତ କରାଯାଇଥିଲା।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୪।୨୦୨୨

| ୨,୫୪,୦୨୦ ଟଙ୍କା | |
|---|---|
| ସୁନା | ୫୫୦ ମିଲିଗ୍ରାମ |
| ରୁପା | ୨୮ ଗ୍ରାମ |

# ପ୍ରାଣୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ

କଣାସ,୨୧।୪(ସ୍ୱ.ପ୍ର.):

- କଣାସ ବ୍ଲକରେ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲିପଡ଼ିଛି
- ଚାରଣ ଭୂମି ଅଭାବ ଯୋଗୁ ସଙ୍କଟରେ ପ୍ରାଣୀ ସମ୍ପଦ

ପୁରୀ ଜିଲା କଣାସ ବ୍ଲକରେ ପ୍ରାଣୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସାରେ ଅବହେଳା ଓ ଚାରଣ ଭୂମିର ଅଭାବ ଯୋଗୁ ପ୍ରାଣୀ ସମ୍ପଦର ସଙ୍କଟ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ, ବ୍ଲକର ୨୮ ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ ପଡ଼ାଗ୍ରାମ ରହିଛି। କଣାସରେ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ନାନକେରା, ଦେଇପୁର, ବକୁ, ଅଡାଲ, ଗଡଖାରଦ ପ୍ରଭୃତି ଅଞ୍ଚଳରେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜଣେ ଲେଖାଏଁ ପ୍ରାଣୀଧନ ନିରୀକ୍ଷକ



ଯୋଡାପଦର ପ୍ରାଣୀଧନ ଚିକିତ୍ସାକେନ୍ଦ୍ରରେ ତାଲା ପଡିଛି ।

ନିଯୁକ୍ତି ପାଇଥିବାବେଳେ ୮ଟି କେନ୍ଦ୍ରରେ ଚିକିତ୍ସକ ନ ଥିବାରୁ ସେଥିରେ ତାଲା ଝୁଲୁଛି। ଅନ୍ୟପଟେ କଣାସ ଅଞ୍ଚଳର ଚାରଣଭୂମିରେ ମାଟି ସନ୍ତସନ୍ତିଆ ହୋଇଥିବାରୁ ଗାଈଗୋରୁ, ମଇଁଷିମାନଙ୍କୁ ଶାହାଣ ଓ ବଜବଜିଆ ହୋଇଥାଏ। ଏହି ରୋଗର ଟିକା ଦିଆଯିବାର ବ୍ୟବସ୍ଥା ଥିଲେ ମଧ୍ୟ ୮ଟି ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲିପଡିଥିବାରୁ ନିର୍ଦ୍ଦିଷ୍ଟ ସମୟରେ ଟିକା ଦିଆଯାଇପାରୁନାହିଁ। ଏଥିଯୋଗୁ ଗାଈଗୋରୁ ପ୍ରତିବର୍ଷ ମୃତ୍ୟୁମୁଖରେ ପଡୁଛନ୍ତି। ଅନେକ ଚାଷୀ ଚାରଣ ଭୂମିର ଅଭାବ ଓ ପ୍ରାଣୀ ଚିକିତ୍ସା ପାଉ ନ ଥିବାରୁ ଗାଈଗୋରୁଙ୍କୁ ବିକ୍ରି କରିଦେଉଛନ୍ତି। ଏ ସମସ୍ୟା ନେଇ ତୁରନ୍ତ କଣାସ ବ୍ଲକରେ ଖାଲି ପଡିଥିବା ପ୍ରାଣୀଧନ ନିରୀକ୍ଷକ ପଦବୀ ପୂରଣ କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

## ଅଣଫଟୋଗ୍ରାଫରଙ୍କୁ ସ୍ୱୀକୃତିପ୍ରାପ୍ତ ସଂଘର ବିରୋଧ

କୋଣାର୍କ,୨୧।୪(ଡି.ଏନ.ଏ)

### ସୂର୍ଯ୍ୟ ମନ୍ଦିର ଫଟୋ ଉତ୍ତୋଳନ ଘଟଣା

ସୂର୍ଯ୍ୟ ମନ୍ଦିରର ଲାଇସେନ୍ସପ୍ରାପ୍ତ ଫଟୋଗ୍ରାଫର ବାର୍ଷିକ ଲାଇସେନ୍ସ ଫି ବାବଦକୁ ଟଙ୍କା ଦେଉଥିବା ବେଳେ ଅଣଫଟୋଗ୍ରାଫରମାନେ ମନ୍ଦିର ମଧ୍ୟରେ ଫଟୋ ଉତ୍ତୋଳନ କରିବାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭୁବନେଶ୍ୱରସ୍ଥିତ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ବାହାର ଫଟୋଗ୍ରାଫରଙ୍କୁ ଏଏସ୍‌ଆଇ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନ ଥିବାବେଳେ ପୁରୀ ଜିଲାପାଳ ଅନୁମତି ଦେଇଥିବା ସୁପରିଟେଣ୍ଡେଣ୍ଟ ଲାଇସେନ୍ସପ୍ରାପ୍ତ ଫଟୋଗ୍ରାଫର ସଂଗଠନ ଆଗରେ ପ୍ରକାଶ କରିଥିଲେ। ସୂର୍ଯ୍ୟ ମନ୍ଦିର ସ୍ୱୀକୃତିପ୍ରାପ୍ତ ଫଟୋଗ୍ରାଫର ସଂଘ ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତଥ୍ୟ ଅନୁଯାୟୀ କୋଣାର୍କ ସୂର୍ଯ୍ୟ ମନ୍ଦିର ଭିତରକୁ ଅଣଫଟୋଗ୍ରାଫର ଯିବା ନ ଯିବା ଏଏସ୍‌ଆଇ କର୍ତ୍ତୃପକ୍ଷ ନିଷ୍ପତ୍ତି ଗ୍ରହଣ କରିବେ। ଏଏସ୍‌ଆଇ ଓ ଜିଲା ପ୍ରଶାସନ ଆଜକୁ ପ୍ରାୟ ୩ ବର୍ଷ ଧରି ନୀରବତା ଅବଲମ୍ବନ କରିବାରେ ସୂର୍ଯ୍ୟ ମନ୍ଦିର ସ୍ୱୀକୃତି ପ୍ରାପ୍ତ ଫଟୋଗ୍ରାଫର ସଂଘ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିସହ ଏହି ସମସ୍ୟାର ସମାଧାନ ପାଇଁ ସୂର୍ଯ୍ୟ ମନ୍ଦିର ସ୍ୱୀକୃତିପ୍ରାପ୍ତ ଫଟୋଗ୍ରାଫର ସଂଘର ଅକ୍ଷୟ ମଲ୍ଲିକ, ସନ୍ତୋଷ ପାତ୍ର, ଅଶୋକ ସାହୁ, ଜୟ ଗୋଚ୍ଛାୟତ ଓ ବିଜୟ ମଲ୍ଲିକ ପ୍ରମୁଖ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି। ଯଦି ଏଏସଆଇ ୬ଦିନ ମଧ୍ୟରେ ଏହାର ସମାଧାନ ନ କରେ ତେବେ ଆନ୍ଦୋଳନ ତୀବ୍ରତର କରାଯିବା ସହ ଆବଶ୍ୟକ ପଡିଲେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକରେ ତାଲା ଝୁଲିବ ବୋଲି ସ୍ୱୀକୃତିପ୍ରାପ୍ତ ଫଟୋଗ୍ରାଫରମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଗୋପ,୨୧।୪(ଡି.ଏନ.ଏ)- ଗୋପ ତହସିଲ ଛକ ନିକଟରେ ଗୁରୁବାର ସକାଳେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅଧୀନ ମଲ୍ଲିକସାହି ଗ୍ରାମର ଧ୍ରୁବ ମଲ୍ଲିକ (୬୪)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୁରୁବାର ସକାଳେ ଧ୍ରୁବ କୌଣସି କାମରେ ଯାଉଥିବା ବେଳେ କୋଣାର୍କ ପଟୁ ଆସୁଥିବା ଏକ ବାଇକ୍( ନମ୍ବର ଓଆର୍ ୦୨ ବିଏସ୍ ୫୮୪୭) ତହସିଲ ଅଫିସ୍ ଛକ ନିକଟରେ ଧକ୍କା ଦେଇଥିଲା। ଖବରପାଇ ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରସନ୍ନ ବେହେରାଙ୍କ ସହ କର୍ମଚାରୀ ଧ୍ରୁବଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। କିନ୍ତୁ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ହେଲେ ଚିକିତ୍ସା ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ଧକ୍କା ଦେଇଥିବା ବାଇକ୍‌କୁ ଜବତ କରିଛି। କଟକ ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ଗୋପ ଥାନାକୁ ଅବଗତ କରାଯାଇଛି।

### ୨୫ ହଜାର ଟଙ୍କା, ମୋବାଇଲ ଜବତ

ସାକ୍ଷୀଗୋପାଳ, ୨୧।୪(ଡି.ଏନ.ଏ) - ସତ୍ୟବାଦୀ ଥାନା ଅନ୍ତର୍ଗତ କାଦୁଆଛକ ନିକଟ ଏକ ହୋଟେଲରୁ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ କୁମ୍ଭାରପଡ଼ା ଅଞ୍ଚଳର ରତିରଞ୍ଜନ ମାର୍ଥା। ଏ ନେଇ ପୋଲିସ ଏକ ମାମଲା(ନଂ.୧୦୯/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଉକ୍ତ ହୋଟେଲରୁ ବୁଧବାର କିଛି ସାମଗ୍ରୀ ସହିତ ଟଙ୍କା ଚୋରି ହୋଇଥିବା ନେଇ ହୋଟେଲ ମାଲିକ ବିଜୟ ବେହେରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତଦନ୍ତ ଚଳାଇଥିବା ବେଳେ ପୁରୀ କୁମ୍ଭାରପଡା ଅଞ୍ଚଳରେ ଅଭିଯୁକ୍ତ ରତିରଞ୍ଜନ ଥିବା ଜଣାପଡ଼ିଥିଲା। ସେଠାରେ ଚଢ଼ାଉ କରି ପୋଲିସ ତାଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ୨୫ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି।

### ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

ପୁରୀ ଅଫିସ, ୨୧।୪: ସୂରଜମଲ୍ଲ ଶାହା ମହାବିଦ୍ୟାଳୟରେ ଗତ ୯ତାରିଖରୁ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ +୨ ପ୍ରଥମ ବର୍ଷର ୧୩୦ ଜଣ ଛାତ୍ରୀ ସାମିଲ ହୋଇ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ନେଇଥିଲେ। ହର୍ଷିତା ପ୍ରଧାନ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ତାଲିମ ପ୍ରଦାନ କରିଥିଲେ। ଅଧକ୍ଷା ଡ. ସନ୍ଧ୍ୟାରାଣୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଡ. ରକ୍ମିଣୀ ସାହୁ ସଂଯୋଜନା କରିଥିଲେ। ଅଧାପିକା, ଅଧାପକମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ‘ଲକ୍ଷ୍ୟନିଷ୍ଠ ସାଧନା ସଫଳତା ଆଣିଦିଏ’




ସାକ୍ଷୀଗୋପାଳ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ସାକ୍ଷୀଗୋପାଳ, ୨୧।୪(ଡି.ଏନ.ଏ)

### ସାକ୍ଷୀଗୋପାଳ କଲେଜର ବାର୍ଷିକୋତ୍ସବ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପଞ୍ଚସଖାଙ୍କ ସ୍ମୃତିରେ ସ୍ଥାପିତ ସାକ୍ଷୀଗୋପାଳ କଲେଜର ୪୫ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପୁଣ୍ୟାତ୍ମାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କଲେଜର ଛାତ୍ରୀଛାତ୍ରମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ସାଧନା ଜାରି ରଖିଲେ ସଫଳତା ନିଶ୍ଚିତ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଭାବରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲପାଠ ପଢ଼ିବା ସହିତ ନିଜକୁ ପ୍ରତିଷ୍ଠିତ କରିବା ଦିଗରେ ଯତ୍ନଶୀଳ ହେବାକୁ କହିଥିଲେ। ମୋ କଲେଜ ସଂଗଠନ ଅଧକ୍ଷ ତଥା ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କଲେଜ ପାଠପଢା ପରେ ଆତ୍ମନିଯୁକ୍ତି ପ୍ରସ୍ତୁତି ନିମନ୍ତେ କଲେଜଗୁଡିକରେ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ। ପ୍ରମୁଖ ଅତିଥି ଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ କଲେଜର ପ୍ରାଚୀର ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାକୁ ଘୋଷଣା କରିବା ସହିତ କଲେଜ ଛକରେ ବସ୍ ରହଣି ପାଇଁ ଆନ୍ଦୋଳନ ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ବିଜ୍ଞାନ ପରୀକ୍ଷାଗାର ପାଇଁ ୧୦ ଲକ୍ଷ ଟଙ୍କା ଉପକରଣ ଶିକ୍ଷା ବିଭାଗ ଯୋଗାଇ ଦେବ ବୋଲି ବିଧାୟକ ସୂଚନା ଦେଇଥିଲେ।

ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ ପଣ୍ଡା ଓ ବିଡିଓ କ୍ଷୀରୋଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଲେଜର ଛାତ୍ରୀ ଅନ୍ତର୍ଜାତୀୟ ପାରା ଆଥ୍‌ଲେଟ ଜୟନ୍ତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ରତିକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲେ। ଉତ୍ସବ ଅବସରରେ ମହାବିଦ୍ୟାଳୟର+୨ ଓ +୩ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମଗ୍ର ଉତ୍ସବ ପ୍ରାଧାପିକା ସୁଜାତା ମହାପାତ୍ର ଓ ପ୍ରାଧାପିକା ଶୁଭ୍ରଦୀପ୍ତା ପଟ୍ଟନାୟକଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଚିତ୍ତରଞ୍ଜନ ଶତପଥୀଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ଉତ୍ସବକୁ ଅଧାପକଙ୍କ ସମେତ ଛାତ୍ରୀଛାତ୍ର ପରିଚାଳନା କରିଥିଲେ। ପ୍ରାଧାପିକା ସସ୍ମିତା ପ୍ରଧାନ ବାର୍ଷିକ ବିବରଣୀ ଦେଇଥିବା ବେଳେ ପ୍ରାଧାପିକା ଡ. କଳ୍ପନା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ୧ରେ ରାଜ୍ୟସ୍ତରୀୟ ସାହିତ୍ୟ ଆସର, ପ୍ରତିଭା ସମ୍ମାନ ସମାରୋହ

କୋଣାର୍କ,୨୧।୪(ଡି.ଏନ୍.ଏ.):

କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଚତୁର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ ମେ ୧ରେ କୋଣାର୍କ ଶିଳ୍ପୀ ବାଟିକାଠାରେ ଅନୁଷ୍ଠିତ ହେବ। ଏଥିରେ ଅତିଥି ଭାବେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର କମିଶନର ସନ୍ଧ୍ୟାବତୀ ପ୍ରଧାନ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ତଥା କବି ମଧୁସୂଦନ ଦାସ, ଉତ୍ତର- ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦର ପୂର୍ବତନ ନିର୍ଦ୍ଦେଶକ ତଥା କବି ମାନସ ରଞ୍ଜନ ମହାପାତ୍ର, ଓଡ଼ିଆ ଯୁବ ଲେଖକ ସମ୍ମେଳନର ଅଧକ୍ଷ ଶଙ୍କର ପରିଡ଼ା ପ୍ରମୁଖ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଅନୁଷ୍ଠାନର ପରିଚାଳନା ଟ୍ରଷ୍ଟି ତଥା ସମ୍ପାଦକ ଭାଗିରଥି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିବା ସହ ଶିକ୍ଷକ ପ୍ରତାପ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିବେ। ସମାରୋହରେ ସାହିତ୍ୟିକ, ଗବେଷକ, ଐତିହ୍ୟ ବିଶାରଦ, ସଂସ୍କୃତି ଓ ସାହିତ୍ୟ ପ୍ରେମୀମାନେ ଯୋଗଦେବାକୁ ପରିଷଦର ସମ୍ପାଦକ ତଥା ଖବରଦାତା ଭାଗୀରଥୀ ସ୍ୱାଇଁ ନିବେଦନ କରିଛନ୍ତି।

## ୧୨୯୧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ମେଳାକୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ଘାଟନ କରୁଛନ୍ତି ।

ଡେଲାଙ୍ଗ,୨୧।୪(ଡି.ଏନ.ଏ)

ଗାଦିବ୍ରହ୍ମ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଡେଲାଙ୍ଗ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟମେଳାକୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ଘାଟନ କରିଥିଲେ। ୧୨୯୧ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ନେଇଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ବିଡିଓ ଦିଲୀପ ଷଡଙ୍ଗୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସନ୍ତୋଷ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ପ୍ରଜ୍ଞା ଛୋଟରାୟ, ପ୍ରସନ୍ନ ସାହୁ, ବିଜେଡି ବ୍ଲକ ସଭାପତି ବୌରାଗୀ ଜେନା, ସିଡିପିଓ ହାରାମଣି ନାୟକ, ଆତ୍ମାର ଅଧକ୍ଷ ସୁଧାକର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟମେଳାରେ ଡା. ଦିଲୀପ ବେହେରା, ଡା. ଶୁଭ୍ରକାଳି ପରମଗୁରୁ, ଡା.ସମୀର ଗୋଲ୍ଡର, ଡା. ସ୍ୱୟଂପ୍ରଭା ବରାଳ, ଡା. ଶଙ୍କର୍ଷଣ ଦାସ, ଡା. ଲଳିତ ଦାସ, ଡା. ସରସ୍ୱତୀ ସାହୁ, ଡା. କିରଣ ସାବତ, ଡା. ଆଶୀର୍ବାଦ ମହାନ୍ତି ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିପିଏମ ଦିଲୀପ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ ଅଧକ୍ଷ ସରୋଜ ପଣ୍ଡା, ରେଡକ୍ରସ ଆବାହକ ତ୍ରିନାଥ ପରିଡା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତି ମହିଳା ମହାସଂଘ, ଆଶାସାଥୀ ପ୍ରମୁଖ ସ୍ୱାସ୍ଥ୍ୟ ମେଳାରେ ସହଯୋଗ କରିଥିଲେ।

## ଈଶ୍ୱର ଅନୁଭୂତିର ଚିରନ୍ତନ ପ୍ରତୀକ ଥିଲେ ସାଲବେଗ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ପୁରୀ ଅଫିସ, ୨୧।୪:

ଭାରତୀୟ ସଂସ୍କୃତିରେ ଧର୍ମ ଓ ସମ୍ପ୍ରଦାୟ ଗୌଣ, କିନ୍ତୁ ଭକ୍ତି ମୁଖ୍ୟ। ସେଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନା ସାରା ଜଗତର ମଙ୍ଗଳ ପାଇଁ ଭ୍ରାତୃଭାବ ଓ ମୈତ୍ରୀର ବାର୍ତ୍ତା ପ୍ରେରଣ କରୁଛି। ତାହାର ଶାଶ୍ୱତ ଉଦାହରଣ ହେଉଛନ୍ତି ଭକ୍ତ ସାଲବେଗ। ଧର୍ମ, ସମ୍ପ୍ରଦାୟ, ଅତ୍ୟାଚାର ଓ ଶୋଷିତ ସମୟର ଊର୍ଦ୍ଧ୍ୱରେ ଈଶ୍ୱର ଅନୁଭୂତିର ଚିରନ୍ତନ ପ୍ରତୀକ ଭାବେ ସେ ପୂଜ୍ୟ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଭକ୍ତକବି ସାଲବେଗ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ବୁଧବାର ଆୟୋଜିତ ଭକ୍ତକବିଙ୍କ ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟା ଡ. ପ୍ରତିଭା ମହାରଥୀଙ୍କ ଅଧ୍ୟକ୍ଷତାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି, ଶିକ୍ଷାବିତ୍ ପ୍ରମୋଦ କୁମାର ପଣ୍ଡା, ପରିଷଦ ସଭାପତି ଚକ୍ରଧର ମହାପାତ୍ର ଓ ସାଧାରଣ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଦ୍ଧମହାବୀର ସଙ୍ଗୀତ ପରିଷଦର କଣ୍ଠଶିଳ୍ପୀମାନେ ଭକ୍ତ ସାଲବେଗଙ୍କ ରଚିତ ଆହେ ନୀଳଶୈଳକୁ ପରିବେଷଣ କରିଥିଲେ। ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ସଦାଶିବ ମିଶ୍ର ଧନ୍ୟବାଦ ଦେଇଥିଲେ। ଗଦାଧର ନନ୍ଦ, ବିଶ୍ୱନାଥ ଜେନା, ବିମଳକୃଷ୍ଣ ଦାସ, କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ସନ୍ତୋଷ ଦଳେଇ ଏବଂ ବିଦେଶୀ ଘୋଷ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପା ପକ୍ଷରୁ ନବନିର୍ବାଚିତ ପ୍ରତିନିଧିଙ୍କ ସମାରୋହ

ନିମାପଡ଼ା, ୨୧।୪(ଡି.ଏନ.ଏ)

ନିମାପଡ଼ା ଭାଜପା ମଣ୍ଡଳ ପକ୍ଷରୁ ଦଳର ନବନିର୍ବାଚିତ ଜନପ୍ରତିନିଧିଙ୍କ ଏକ ସମାରୋହ ଓ ୧୯ନଂ., ୨୦ନଂ. ଜିଲା ପରିଷଦ ଜୋନର ସମୀକ୍ଷା ବୈଠକ ଗୁରୁବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା, ନେତା ଦିଲୀପ ନାୟକ, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ୧୯ନଂ. ଓ ୨୦ନଂ. ଜିଲା ପରିଷଦ ଜୋନର ବିଭିନ୍ନ କାର୍ଯ୍ୟଧାରାର ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ବୈଠକରେ ନିମାପଡ଼ା ପଞ୍ଚାୟତ ସମିତିରେ ଭାଜପା ଦଳର ନେତା ଭାବେ ଧଳେଶ୍ୱର ପଞ୍ଚାୟତର ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ସର୍ବସମ୍ମିତିକ୍ରମେ ମନୋନୀତ କରାଯାଇଛି। ଗ୍ରାମାଞ୍ଚଳର ଜନସାଧାରଣଙ୍କ ମୌଳିକ ସମସ୍ୟା, ପାନୀୟ ଜଳ ସମସ୍ୟା ଦିଗରେ ଭାଜପା ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟମାନେ ବୈଠକରେ ସ୍ୱର ଉତ୍ତୋଳନ କରିବେ ବୋଲି ଦଳୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଭାଜପା ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ସମୀକ୍ଷା ବୈଠକରେ ଦଳର ନେତୃବୃନ୍ଦମାନେ ଯୋଗଦେଇଥିଲେ।

## ରୋଗୀ ଅଭାବରୁ ସ୍ୱାସ୍ଥ୍ୟମେଳା ଖାଁ ଖାଁ

କାକଟପୁର,୨୧।୪(ଡି.ଏନ.ଏ)

କାକଟପୁର ବ୍ଲକ ଅଧୀନ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ, ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ପୁରୀ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସୁଜାତା ମିଶ୍ର, ଜିଲା ପ୍ରକଳ୍ପ ମେଡିକାଲ ଅଧିକାରୀ ଟି. ନାରାୟଣ ରାଓ, ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାରଜ୍ୟୋତି ରଞ୍ଜନ, କାକଟପୁର ସରପଞ୍ଚ ଅଭୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ କ୍ଲିନିକାଲ ଷ୍ଟଲ ୧୦ଟି, କୋଭିଡ ଷ୍ଟଲ ୧ଟି, ପ୍ରୋଗ୍ରାମଟିକ ଷ୍ଟଲ ୧୦ଟି, ୱେଲନେସ ଷ୍ଟଲ ୨ଟି ଓ ଅନ୍ୟାନ୍ୟ ବିଭାଗର ୫ଟି ଷ୍ଟଲ ଖୋଲିଥିବା ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ ମହାପାତ୍ର କହିଛନ୍ତି। ୧୬ଟି ପଞ୍ଚାୟତରୁ ଆଶାତୀତ ରୋଗୀ ଆସି ନ ଥିଲେ। ଫଳରେ ମେଳା ପରିସର ଖାଁ ଖାଁ ଦେଖାଯାଉଥିଲା।

## ଲୋକନୃତ୍ୟ ମାଧ୍ୟମରେ ସଚେତନତା

ପିପିଲି,୨୧।୪ (ସ୍ୱ.ପ୍ର.)

ପିପିଲି ଜବାହର ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁଜାତା ମିଶ୍ର, ବ୍ଲକ ଅଧକ୍ଷ ଦେବସ୍ମିନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଏନ୍ଏସି ଅଧକ୍ଷ ସେକ ବାବୁ, ଉପାଧକ୍ଷ ଭାଗ୍ୟବତୀ ମହାରଣା, ବିଡିଓ ରଶ୍ମିତା ନାଥ ଯୋଗଦେଇଥିଲେ। ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରୋଗ ପରୀକ୍ଷା, ଚିକିତ୍ସା କରାଯିବା ସହ ରୋଗୀଙ୍କୁ ମାଗଣା ଔଷଧ ଦିଆଯାଇଥିଲା। ଲୋକକଳା ନୃତ୍ୟ ମାଧ୍ୟମରେ ସଚେତନତା କରାଯାଇଥିଲା। ଶିବିରକୁ ଜାଗୃତି ପଣ୍ଡା ମହାରଥୀ, ପୁରୀ ଜିଲା ବିଜେଡି ସମ୍ପାଦକ ସତ୍ୟଜିତ ରାୟଚୌଧୁରୀ, ଡା. ବିଭୂତିଭୂଷଣ ଜେନା ବୁଲି ଦେଖିଥିଲେ। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ବିନୟ ପଣ୍ଡା, ଡା. ଟି ନାରାୟଣ ରାଓ, ବିଜୟ ନାୟକ, ପ୍ରଶାନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ‘ସ୍ୱାସ୍ଥ୍ୟ ସୁସ୍ଥ ରହିଲେ ସବୁଠି ସଫଳତା ମିଳିବ’

ଗୋପ, ୨୧।୪(ଡି.ଏନ.ଏ)

ଗୋପ ବ୍ଲକର ଗୋପ ବାଳିକା ବିଦ୍ୟାଳୟ ପରିସରରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟମେଳାରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଆମର ଅମୂଲ୍ୟ ସମ୍ପଦ। ସ୍ୱାସ୍ଥ୍ୟ ଠିକ୍ ରହିଲେ ଆମେ ସବୁ କ୍ଷେତ୍ରରେ ସଫଳତା ଆଣିପାରିବା ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ପ୍ରବଣ ଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜସ୍ମିନ ଆଫ୍ରୋଜ, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ବିଡିଓ ଦୀପ୍ତିରାଣୀ ଦାସ, ସୁକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀ ଦ୍ୱୟ ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୬ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଲାଗି କରାଯାଇଥିବା ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ପରେ ମନ୍ତ୍ରୀ ଟେଲିମେଡିସିନ ଓ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା ହେବା ଲାଗି ୬୬ଜଣ ରୋଗୀଙ୍କୁ କାର୍ଡ ପ୍ରଦାନ କରିଥିଲେ। ଏହି ସ୍ୱାସ୍ଥ୍ୟମେଳାରେ ୧୧୬୪ ଜଣଙ୍କ ନାମ ପଞ୍ଜୀକରଣ କରି ବିଭିନ୍ନ ବିଭାଗର ଡାକ୍ତରମାନଙ୍କଠାରୁ ଚିକିତ୍ସିତ ହୋଇଥିଲେ। ପରେ ମାଗଣାରେ ଆୟୁର୍ବେଦ, ହୋମିଓପାଥିକ ସହିତ ଅନ୍ୟାନ୍ୟ ଔଷଧ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡ. ଗୋପକୃଷ୍ଣ ପଟ୍ଟନାୟକ, ଶିବପ୍ରସାଦ ମଙ୍ଗରାଜ, ସରିତା ମିଶ୍ର, ସବ୍ୟସାଚୀ ସ୍ୱାଇଁ, ଅମିୟ ନାୟକଙ୍କ ସହିତ ସୁଶାନ୍ତ କୁମାର ରାଉତ, ମନୋରଞ୍ଜନ ମହାନ୍ତି, ରାଜେଶ ପାଇକରାୟ, ସୁବ୍ରତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟମେଳାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ ।

## ୧୯୦ ହିତାଧିକାରୀଙ୍କୁ ଆବାସ ଗୃହ କାର୍ଯ୍ୟାଦେଶ

କୋଣାର୍କ,୨୧।୪(ଡି.ଏନ.ଏ)

କୋଣାର୍କ ଏନ୍ଏସି ଅଧୀନ ୮ନଂ. ୱାର୍ଡ ଚନ୍ଦ୍ରଭାଗା ତେଲୁଗୁ ସାହିସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ସୌମେନ୍ଦ୍ର ତେଜଙ୍କ ସଭାପତିତ୍ୱରେ ଆବାସ ଯୋଜନା ଗୃହ ବଣ୍ଟନ ମେଳା ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ରାଜ୍ୟ କ୍ରୀଡ଼ା, ଯୁବସେବା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଚନ୍ଦ୍ରଭାଗା ତେଲୁଗୁ ସାହିକୁ ଏକ ଆଦର୍ଶ ବସ୍ତି ଭାବେ ଗଢି ତୋଳିବା ପାଇଁ ସାମୂହିକ ପ୍ରଚେଷ୍ଟା କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ତେଲୁଗୁ ସାହିର ୧୯୦ଜଣ ହିତାଧିକାରୀଙ୍କୁ ଆବାସ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ବାଦପଡିଥିବା ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ଆବାସ ଗୃହ ଯୋଗାଇ ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନ୍ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ରାଉତରାୟ ଓ ସମସ୍ତ କାଉନସିଲର ଯୋଗଦେଇ ଚନ୍ଦ୍ରଭାଗା ବସ୍ତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଏନ୍ଏସି କର୍ତ୍ତୃପକ୍ଷ ଉଦ୍ୟମ ଅବ୍ୟାହତ ରଖିବ ବୋଲି ମତବ୍ୟକ୍ତ କରିଥିଲେ। ୫ନଂ. ୱାର୍ଡର କାଉନସିଲର ନୀହାର ରଞ୍ଜନ ବେଉରା, ୮ନଂ ୱାର୍ଡ କାଉନସିଲର ଦିଲୀପ କୁମାର ଦାସ ଯୋଗଦେଇ ଆବାସଯୋଜନା କାର୍ଯ୍ୟାଦେଶ ବଣ୍ଟନରେ ପକ୍ଷପାତିତା ହୋଇଥିବା ଅଭିଯୋଗ କରି ଠିକ୍ ଭାବେ ବଣ୍ଟନ କରାଯିବା ପାଇଁ ଦାବି କରିଛନ୍ତି। ପରେ କୋଣାର୍କ ଏନ୍ଏସିରେ ଅନୁଷ୍ଠିତ ଆବାସ ଯୋଜନା ଗୃହ ବଣ୍ଟନ ମେଳାରେ ୯ନଂ, ୧ନଂ ଓ ୨ନଂ ୱାର୍ଡର ୯୦ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏନ୍ଏସି ନୋଡାଲ ଅଫିସର ଭାଗୀରଥି ବରାଳ, ଗୋଷ୍ଠୀ ସଂଯୋଜିକା ଶୁଭଲକ୍ଷ୍ମୀ ହୋତାଙ୍କ ସମେତ ଜାଗା ମିଶନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ ମେଳାରେ ମଞ୍ଚାସୀନ ଅତିଥି ।